# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୨/୨୦୨୦ (୧୨ ପୃଷ୍ଠା) | Bhubaneswar, Wednesday, July 22/2020 | ★★★★

୪୬ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୋସିଆଲ ମିଡିଆରେ ସୁରଭିଙ୍କ ଜଲୱା**

ଟେଲି ଅଭିନେତ୍ରୀ ସୁରଭି ଚନ୍ଦନା ଜଣେ ସୋସିଆଲ ମିଡିଆ ଲଭର୍। ନିକଟରେ ସେ ପୋଷ୍ଟ କରିଥିବା ଫଟୋକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ ଏବଂ କମେଣ୍ଟ କରିଛନ୍ତି।

୧୦

୧୨

**ଷ୍ଟୋକ୍ସ ନମ୍ବର ୱାନ୍ ଟେଷ୍ଟ ଅଲ୍‌ରାଉଣ୍ଡର**

ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡରଙ୍କୁ ହଟାଇ ଇଂଲଣ୍ଡର ଷ୍ଟାର ଖେଳାଳି ବେନ୍ ଷ୍ଟୋକ୍ସ ବିଶ୍ୱର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଟେଷ୍ଟ ଅଲରାଉଣ୍ଡର ବିବେଚିତ ହୋଇଛନ୍ତି।



# ଗାର୍ଡ, ଫରେଷ୍ଟରର ଅଭାବରୁ କାର୍ଯ୍ୟ ସଙ୍କଟ

**ଅସମାପିକା ସାହୁ**
**ଭୁବନେଶ୍ୱର, ୨୧।୭**

## ବନ ବିଭାଗରେ ୨୫୦୦ରୁ ଅଧିକ ପଦବୀ ଖାଲି

ରାଜ୍ୟରେ ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ବର୍ତ୍ତମାନ ସ୍ଥିତିରେ ସରକାରଙ୍କ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହି ଚ୍ୟାଲେଞ୍ଜକୁ ମୁକାବିଲା କରିବା ପାଇଁ ବନ ବିଭାଗ ନୂଆ ନୂଆ ନିୟମ ଓ ନିର୍ଦ୍ଦେଶନାମା ଜାରି କରୁଛି। ହେଲେ ଏହା କିପରି ଭାବେ କାର୍ଯ୍ୟକାରୀ ହେବ ସେଥିପ୍ରତି ନଜର ନ ଥିବା ଭଳି ମନେ ହେଉଛି। କାରଣ ଯେଉଁମାନେ ବନବିଭାଗର ଏହି ନିର୍ଦ୍ଦେଶନାମାକୁ ବାସ୍ତବତାରେ ପରିଣତ କରିବେ ସେମାନଙ୍କ ବହୁ ପଦବୀ ଖାଲି ପଡ଼ିଛି। ଜଙ୍ଗଲ ଏବଂ ବନ୍ୟପ୍ରାଣୀ ପରିଚାଳନା ମୁଖ୍ୟତଃ ଫିଲ୍ଡ ଲେଭଲ୍ ଷ୍ଟାଫ୍ ବା କ୍ଷେତ୍ରସ୍ତରର କର୍ମଚାରୀ ଅର୍ଥାତ୍ ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନେ ସମ୍ପାଦନ କରିଥାନ୍ତି। କିନ୍ତୁ ବର୍ତ୍ତମାନ ରାଜ୍ୟରେ ମୋଟ ୫,୩୭୬ ଫରେଷ୍ଟ ଗାର୍ଡ ପଦବୀରୁ ୨୧୯୧ଟି ଖାଲି ପଡ଼ିଛି। ସେହିପରି ରାଜ୍ୟରେ ମୋଟ ୨,୫୩୦ ଫରେଷ୍ଟର ପଦବୀ ମଧ୍ୟରୁ ୪୫୩ ଖାଲି ପଡ଼ିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏବେ ୮୦୬ ଫରେଷ୍ଟ ଗାର୍ଡ ପଦବୀ ପାଇଁ ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ନିକଟରେ ଆବେଦନ ପଡ଼ି ରହିଛି। କିନ୍ତୁ ତାହା କେବେ ପୂରଣ ହେବ ସେନେଇ ଅନିଶ୍ଚିତତା ଜାରି ରହିଛି। କାରଣ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ସେହିପରି କ୍ଷେତ୍ରସ୍ତରୀୟ ବିଭିନ୍ନ କାର୍ଯ୍ୟରେ ଗାର୍ଡ ବା ଫରେଷ୍ଟରମାନଙ୍କୁ ସହଯୋଗ କରିବାକୁ ଫରେଷ୍ଟ ୱାଚର ଏବଂ ଏଲିଫ୍ୟାଣ୍ଟ ଟ୍ରାକରଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ କରୋନା ଆର୍ଥିକ କଟକଣା ଯୋଗୁ ଆଉ ସେମାନଙ୍କ ନିଯୁକ୍ତି ନବୀକରଣ ମଧ୍ୟ ହେବ ନାହିଁ। ଅଧିକାଂଶ ବନଖଣ୍ଡରେ ଅସ୍ଥାୟୀ କର୍ମଚାରୀ ଛଟେଇ ମଧ୍ୟ ଆରମ୍ଭ ହୋଇଗଲାଣି। ଯାହାଫଳରେ ଗାର୍ଡ ଫରେଷ୍ଟରଙ୍କ ଉପରେ କାମର ଚାପ ବଢ଼ିବାରେ ଲାଗିଛି। ବିଶେଷ କରି ଫିଲ୍ଡ ଲେଭଲରେ ବନୀକରଣ, ଜଙ୍ଗଲ ସୁରକ୍ଷା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ରୂପାୟନ, ମଣିଷ-ବନ୍ୟପ୍ରାଣୀ ବିବାଦ ସମାଧାନ, ଫସଲ ହାନି, ଜଙ୍ଗଲ ନିଆଁ ☞ପୃଷ୍ଠା-୪



ଯୋବ୍ରା ରେଲୱେ ବ୍ରିଜ୍ ତଳେ ମହାନଦୀରେ କଟକ ସହରର ନର୍ଦ୍ଦମା ଜଳ ମିଶୁଛି।

# ନଦୀ ଜଳ ପ୍ରଦୂଷଣ: ସିପିସିବିର ରିପୋର୍ଟ ତଲବ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

- ପାଳନ ହେଉନି ନିର୍ଦ୍ଦେଶନାମା
- ଏନ୍‌ଜିଟି କ୍ଷୁବ୍ଧ
- ରାଜ୍ୟର ୧୯ ନଦୀ ପ୍ରଦୂଷିତ

ରାଜ୍ୟରେ ନଦୀ ପ୍ରଦୂଷଣକୁ ନେଇ ଚିନ୍ତା ବଢ଼ୁଛି। ଶିଳ୍ପ, ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଜଳ ନଦୀକୁ ଅତିମାତ୍ରାରେ ପ୍ରଦୂଷିତ କରୁଛି। ସିଧାସଳଖ ମିଶୁଥିବାରୁ ଏହା କେବଳ ନଦୀ ଜଳ ନୁହେଁ ଭୂଗର୍ଭ ଜଳକୁ ମଧ୍ୟ ପ୍ରଦୂଷିତ କରୁଛି। ନଦୀ ପ୍ରଦୂଷଣ ଫଳରେ ସମୁଦ୍ର ଉପକୂଳ ମଧ୍ୟ ଦୂଷିତ ହେଉଛି। ଏଥିଯୋଗୁ ନଦୀରେ ଥିବା ଜଳଜୀବ, ଜୈବବିବିଧତା ଉପରେ କୁପ୍ରଭାବ ପଡୁଛି ଫଳରେ ଜୀବଜନ୍ତୁ ଓ ମନୁଷ୍ୟ ପାଇଁ ଏହି ଜଳ ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ। ନଦୀ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରି କି ପ୍ରଦୂଷିତ ନଦୀ ଥିବା ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବାରମ୍ବାର ନିର୍ଦ୍ଦେଶନାମା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନ ଥିବାରୁ ଏନ୍‌ଜିଟି ଏହି ମାମଲାକୁ ପୁଣି ସୁପ୍ରିମକୋର୍ଟଙ୍କ ନଜରକୁ ନେବାକୁ ଚେତାବନୀ ଦେଇଛନ୍ତି। ପ୍ରଦୂଷଣ ରୋକିବା ଦିଗରେ କି ପଦକ୍ଷେପ ନିଆଯାଇଛି ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦେବାକୁ ଏନ୍‌ଜିଟି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରୁ ରିପୋର୍ଟ ତଲବ କରିଛି। ☞ପୃଷ୍ଠା-୪

# ମଙ୍ଗଳାଯୋଡ଼ିରେ ମାତିଛନ୍ତି ପକ୍ଷୀ ଶିକାରୀ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

## କରୋନା ଆଳରେ ପାଟ୍ରୋଲିଂ ବନ୍ଦ

- ବେଧଡ଼କ ବସୁଛି ଫାଶ, ମରୁଛନ୍ତି ଶହଶହ ଚଢ଼େଇ
- କର୍ତ୍ତୃପକ୍ଷଙ୍କ ପାଖରେ ସୂଚନା ନାହିଁ

ପକ୍ଷୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ଚିଲିକା ମଙ୍ଗଳାଯୋଡ଼ିରେ ମାତିଛନ୍ତି ପକ୍ଷୀ ଶିକାରୀ। ଫାଶ ଜାଲ ବସାଇ ବେଧଡ଼କ ଭାବେ ପକ୍ଷୀ ଶିକାର କରୁଛନ୍ତି। କରୋନା ବାହାନାରେ ବନ ବିଭାଗର ପାଟ୍ରୋଲିଂ ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ଏହା ଶିକାରୀଙ୍କ ପାଇଁ ସୁଯୋଗ ପାଲଟିଛି। କରୋନା ସଂକଟ କେବେ ଟଳିବ ତାହା କହିବା ମୁସ୍କିଲ୍। ଏପରିସ୍ଥଳେ ଦାୟିତ୍ୱରେ ରହୁଥିବା ଅଧିକାରୀ ଓ କର୍ମଚାରୀ ଏଭଳି ଅବହେଳା କଲେ କେଇଟା ଦିନରେ ମଙ୍ଗଳାଯୋଡ଼ି ପକ୍ଷୀଙ୍କ ଅନ୍ତୁଡ଼ିଶାଳ ବଦଳରେ ଶ୍ମଶାନ ପାଲଟିଯିବ। ପୁଣି ଆଗକୁ ବିଦେଶୀ ପକ୍ଷୀଙ୍କ ଆଗମନ ଋତୁ ଆସୁଥିବାରୁ ଏବେଠୁ ☞ପୃଷ୍ଠା-୪



ବାଲିନାଶୀ ଅଞ୍ଚଳରେ ପକ୍ଷୀ ଶିକାର ପାଇଁ ବିଛା ଯାଇଥିବା ଜାଲ।

## ଲାଲ୍‌ଜୀ ଟଣ୍ଡନଙ୍କ ପରଲୋକ



ଲାଲ୍‌ଜୀ ଟଣ୍ଡନ

**ଭୋପାଳ, ୨୧।୭:** ମଧ୍ୟପ୍ରଦେଶ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା ଲାଲ୍‌ଜୀ ଟଣ୍ଡନଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ପୁଅ ତଥା ଉତ୍ତରପ୍ରଦେଶ ମନ୍ତ୍ରୀ ଆଶୁତୋଷ ଟଣ୍ଡନ ଏନେଇ ସୂଚନା ଦେଇଛନ୍ତି। ତାଙ୍କ ମରଶରୀରକୁ ପ୍ରଥମେ ତାଙ୍କ ସରକାରୀ ବାସଭବନ ହଜ୍‌ରତଗଞ୍ଜ ଓ ସିନ୍ଧି ଟୋଲା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିରୋଧୀଙ୍କୁ ମାରିଦେବା ନୁହେଁ**

# ଉଦୟନାଥଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଛତ୍ରପୁର, ୨୧।୭(ଡି.ଏନ୍.ଏ.)**

**କରୋନାରୁ ସୁସ୍ଥ ହୋଇଛନ୍ତି ୯୫ ବର୍ଷୀୟ ବୃଦ୍ଧ**



ଉଦୟନାଥ ବିଷୋୟୀ



CMO Odisha
@CMO_Odisha
Congratulations to nonagenarian Udayanath Bisoyi from Ganjam district on successfully winning the battle against #COVID19. Your win will inspire others to stay strong as #Odisha fights this pandemic.

ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ ଚାକୁଣ୍ଡା ଗାଁ ସାରାବାଡ଼ିର ୯୫ ବର୍ଷୀୟ ଉଦୟନାଥ ବିଷୋୟୀ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଦୟନାଥ କରୋନା ଯୁଦ୍ଧରେ ଜୟଯୁକ୍ତ ହୋଇଛନ୍ତି। ତାଙ୍କର ଏହି ଜିତିବା ଓଡ଼ିଶାର ଅନ୍ୟମାନଙ୍କୁ ଏହି ମହାମାରୀ ବିରୋଧରେ ଲଢେଇ ପାଇଁ ଅନୁପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୪

**ଆର ପାରିରେ ବିଜୟ ମହାନ୍ତି**




## ବଜାଜ ଫାଇନାନ୍ସ ଅଧ୍ୟକ୍ଷ ପଦ ଛାଡ଼ିଲେ ରାହୁଲ



ରାହୁଲ ବଜାଜ

**ନୂଆଦିଲ୍ଲୀ, ୨୧।୭**

ପ୍ରତିଷ୍ଠିତ ଉଦ୍ୟୋଗପତି ରାହୁଲ ବଜାଜ, ବଜାଜ ଫାଇନାନ୍ସର ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରୁ ଓହରିଯାଇଛନ୍ତି। ଚଳିତ ମାସ ଶେଷ ଯାଏ ସେ ଏହି ପଦବୀରେ ରହିବେ। ଗତ ୩ ଦଶନ୍ଧି ଧରି କମ୍ପାନୀର ମଙ୍ଗ ସମ୍ଭାଳିବା ପରେ ସେ ପଦବୀ ଛାଡ଼ିବେ। ବର୍ତ୍ତମାନ ଉପାଧ୍ୟକ୍ଷ ପଦବୀରେ ଥିବା ସଞ୍ଜୀବ ବଜାଜ ତାଙ୍କ ପରେ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବେ ବୋଲି କମ୍ପାନୀ ପକ୍ଷରୁ ହୋଇଥିବା ରେଗୁଲେଟୋରି ଫାଇଲିଂରୁ ଜଣାପଡ଼ିଛି। ୧୯୮୭ ପରଠାରୁ ରାହୁଲ ବଜାଜ କମ୍ପାନୀ ସହ ଜଡିତ ଥିଲେ। ନୂଆ ଉତ୍ତରାଧିକାରୀ ଚୟନ ଯୋଜନା ଅନ୍ତର୍ଗତ ସେ ଚଳିତ ମାସ ଶେଷ ଯାଏ ☞ପୃଷ୍ଠା-୪

# ଭାଲ୍‌ଭଯୁକ୍ତ ଏନ୍-୯୫ ମାସ୍କ ଅସୁରକ୍ଷିତ

**ନୂଆଦିଲ୍ଲୀ, ୨୧।୭**




- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ରର ପରାମର୍ଶ
- ଘରତିଆରି ମାସ୍କ ଅଧିକ ଫଳପ୍ରଦ

ମହାମାରୀ କରୋନା ଭୂତାଣୁଠାରୁ ରକ୍ଷା ପାଇବା ଲାଗି ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଭାଲ୍‌ଭଯୁକ୍ତ ଏନ୍-୯୫ ଯୁକ୍ତ ମାସ୍କ ଅସୁରକ୍ଷିତ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଶ୍ୱାସତନ୍ତ୍ର ଲାଗି ରହିଥିବା ଭାଲ୍‌ଭ ଭୂତାଣୁ ସଂକ୍ରମଣକୁ ରୋକିପାରେ ନାହିଁ। ଏହା ପିନ୍ଧିବା ଦ୍ୱାରା ଜଣେ କରୋନା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ(ଡିଜିଏଚ୍‌ଏସ୍) ଏଥିଲାଗି ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏନ୍-୯୫ ମାସ୍କକୁ ଠିକ୍ ଭାବେ ବ୍ୟବହାର କରାଯାଉ ନାହିଁ। ଏହା ପରିଧାନ କରିବା କ୍ଷତିକାରକ। ଏହାଠାରୁ ଘରତିଆରି ମାସ୍କ ଅଧିକ ଫଳପ୍ରଦ। ମୁହଁ, ନାକ, ପାଟି ଘୋଡ଼ାଯାଇ ପାରୁଥିବା ଘରୋଇ ମାସ୍କ ଲୋକମାନେ ବ୍ୟବହାର କରିବା ଦ୍ୱାରା କରୋନାକୁ ରୋକାଯାଇ ପାରିବ ବୋଲି ଡିଜିଏଚ୍‌ଏସ୍ ଅଧିକାରୀ ରାଜୀବ ଗର୍ଗ ପ୍ରକାଶ କରିଛନ୍ତି। ସରକାର ଗତ ଏପ୍ରିଲରେ ଘରୁ ବାହାରକୁ ଯିବାମାତ୍ରେ ଘରତିଆରି ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦେଇଥିଲେ। ପ୍ରତି ମାସ୍କ ଗରମ ପାଣିରେ ୫ ମିନିଟ ପ୍ରତିଦିନ ଧୋଇ ସଫାକରିବା ଉଚିତ। ଏହା ଭଲ ଭାବେ ଶୁଖିବା ପରେ ବ୍ୟବହାରଯୁକ୍ତ ହୋଇଥାଏ। ମାସ୍କ ଏଭଳି ଭାବେ ପ୍ରସ୍ତୁତ ହେବା ☞ପୃଷ୍ଠା-୪

- ଡିଜିଟାଲ ପ୍ଲାଟ୍‌ଫର୍ମରେ ଓଡ଼ିଆ ରାପର୍
- ଆତ୍ମହତ୍ୟା ପ୍ରବଣତା ରୋକିବାକୁ ଅଭିନବଙ୍କ ଉଦ୍ୟମ
- ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ଲକ୍ଷ୍ୟ
- ରାପରଙ୍କୁ ପ୍ରୋତ୍ସାହନ ଦେବ 'ଓଡ଼ିଶା ହିପ୍‌ହପ୍ ଫେଷ୍ଟିଭାଲ'

# ବଦଳୁଛି ଓଡ଼ିଶାର ରାପ୍ କଲ୍‌ଚର୍



ରାପର୍ ଜଗରନଟ୍

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ପ୍ରଥମ ଓଡ଼ିଆ ରାପ୍ ଗୀତ 'ମୁଁ ହେଲି ଓଡ଼ିଆ' କରି ଇଣ୍ଟରନେଟ୍‌ରେ ଚହଳ ସୃଷ୍ଟି କରିଥିଲେ ପୁରୀ ଜନ୍ମିତ ସମୀର ରିଶୁ ମହାନ୍ତି ଓରଫ ବିଗ୍ ଡିଲ୍। ଜାତୀୟସ୍ତରରେ ରାପ୍ ଜଗତରେ ଜଣେ ଚର୍ଚ୍ଚିତ ଚେହେରା। ପାଲଟିଥିବା ସମୀର ଜନ୍ମମାଟି ପାଇଁ ଏକାଧିକ ଓଡ଼ିଆ ରାପ୍ ତିଆରି କରି ଓଡ଼ିଶାର ରାପ୍ କଲ୍‌ଚର୍‌କୁ ଏକ ନୂଆ ଦିଶା ଦେଇଥିଲେ। ପୂର୍ବରୁ ପଛଘୁଞ୍ଚା ଦେଉଥିବା ଯୁବପିଢ଼ି ଧୀରେ ଧୀରେ ଆଗକୁ ଆସି ୟୁଟ୍ୟୁବ୍, ଫେସ୍‌ବୁକ୍ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମରେ 'ଓଡ଼ିଆ ରାପ୍'ର ଉପସ୍ଥିତିକୁ ସୁଦୃଢ଼ କରିଥିଲେ। ରାପର୍ ଜେନେସିସ୍, ରାପର୍ ଏସ୍‌କେପ୍, ଏମ୍‌ସି ଟୋର୍‌ଙ୍କ ଭଳି ଯୁବ ରାପର୍‌ମାନେ ଓଡ଼ିଆରେ ରାପ୍ କରି ଲୋକପ୍ରିୟ ହୋଇଛନ୍ତି। ସେହିଭଳି କ୍ରିଷ୍ଣା ମିସ୍ତ୍ରୀ ତଥା ର୍‍ୟାପର୍ ଉସ୍ତାଦ୍, ବିଶ୍ୱଜିତ ଓଝା ଓରଫ ଛୋଟ ଓଝା, ଦୁର୍ଗା ପ୍ରସାଦ ଜେନା ତଥା ମିଷ୍ଟର୍ ଡି, ସ୍ୱରୂପ ଦାସ ଓରଫ ସେରା, ଅଂଶୁମାନ ସେନାପତି ଓରଫ ର୍‍ୟାପର୍ ଅଂଶ, ବ୍ରିଜନାଥ ଚୌଧୁରୀ ଓରଫ ☞ପୃଷ୍ଠା-୪



'ଉତ୍କଳ ସାଇଫର୍' ଟିମ୍

# ୫ ମାସ ମାଗଣା ଚାଉଳ, ଡାଲି

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ପାଇବେ ସୁବିଧା**

କରୋନା ସଂକ୍ରମଣ ଉଦ୍‌ବେଗ ଜନକ ସ୍ଥିତିରେ ରହିଛି। ଏହି କାରଣରୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଗରିବ ଲୋକଙ୍କ ଜୀବନ ଜୀବିକା ଉପରେ ବିଶେଷ ପ୍ରଭାବ ପକାଇଛି। ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ୫ ମାସ ମାଗଣା ଡାଲି ଓ ଚାଉଳ ଯୋଗାଇ ଦିଆଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହାଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ପ୍ରତି ମାସରେ ୫ କେ.ଜି. ଲେଖାଏ ଚାଉଳ ୫ ମାସ ପର୍ଯ୍ୟନ୍ତ ବିନାମୂଲ୍ୟରେ ଏସବୁ ଯୋଗାଇ ଦିଆଯିବ। ଏଥିସହିତ ପ୍ରତିମାସରେ ପରିବାର ପିଛା ୧ କିଲୋ ଡାଲି ମଧ୍ୟ ନଭେମ୍ବର ମାସ ଯାଏ ଯୋଗାଇ ଦିଆଯିବ। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଲକ୍ଷ ଲକ୍ଷ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଥିବା ୩ ଲକ୍ଷ ୧୬ ହଜାର ୯୩୨ ପରିବାରଙ୍କୁ ଏହାର ଲାଭ ମିଳିପାରିବ।



ନୂଆଦିଲ୍ଲୀ,୨୧।୭: ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପବିତ୍ର ଅମରନାଥ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ତେବେ ଲୋକଙ୍କ ଭାବଧାରାକୁ ଦୃଷ୍ଟିରେ ରଖି ସକାଳ ଓ ସନ୍ଧ୍ୟା ଆରତି ଲାଇଭ୍ ଟେଲିକାଷ୍ଟ କରାଯିବ ବୋଲି ଅମରନାଥଜୀ ଶ୍ରାଇନ୍ ବୋର୍ଡ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଜୁଲାଇ ୨୧ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଏହି ଯାତ୍ରା ଲାଗି ପୂର୍ବରୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା।

# କାଳ କୋଠରିରେ ବିପ୍ଳବୀ ବାରବରା



ପି. ବାରବରା ରାଓ

**ନୂଆଦିଲ୍ଲୀ,୨୧।୭**

ବିପ୍ଳବୀ କବି ପି. ବାରବରା ରାଓ ଜଣେ ରାଜନୈତିକ ବନ୍ଦୀ, ଯାହାଙ୍କୁ ଏଲ୍‌ଗାର ପରିଷଦ ମାମଲାରେ ୨ ବର୍ଷ ହେଲା ଜେଲରେ ରଖାଯାଇଛି। ଏହି ୮୦ ବର୍ଷୀୟ ବହୁମୁଖୀ ପ୍ରତିଭା ଗୁରୁବାର କୋଭିଡ୍-୧୯ ଚିହ୍ନଟ ହେବା ପରେ ତାଙ୍କୁ ନବି ମୁମ୍ବାଇସ୍ଥିତ ତଲୋଜା ସେଣ୍ଟ୍ରାଲ ଜେଲ୍‌ରୁ ପ୍ରଥମେ ମୁମ୍ବାଇର ସାର୍ ଜେଜେ ହସ୍ପିଟାଲ ଓ ପରେ ସେଣ୍ଟ ଜର୍ଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରବିବାର ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଶୁକ୍ରବାର ମହାରାଷ୍ଟ୍ର ସରକାରଙ୍କୁ ଦୁଇ ସପ୍ତାହ ମଧ୍ୟରେ ବାରବରା ରାଓଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ପ୍ରଖ୍ୟାତ କବି ବାରବରା ରାଓଙ୍କ ଗିରଫଦାରି ପରଠାରୁ ତାଙ୍କର ମୁକ୍ତି ପାଇଁ ଅନେକ ମାନବାଧିକାର ସଙ୍ଗଠନ ଦାବି କରିଆସୁଛନ୍ତି। ଇତିମଧ୍ୟରେ ତାଙ୍କ ଓକିଲ ଜାମିନ ପାଇଁ ବହୁବାର ଆବେଦନ କରିଥିଲେ ସୁଦ୍ଧା ଅଦାଲତ ପକ୍ଷରୁ ତାଙ୍କୁ ଆଶ୍ୱସ୍ତି ମିଳିନାହିଁ। ବର୍ତ୍ତମାନ ସେ କରେନାରେ ଆକ୍ରାନ୍ତ ହେବା ପରେ ତାଙ୍କ ମୁକ୍ତି ପାଇଁ ଦାବି ଜୋର୍ ଧରିବାରେ ଲାଗିଛି। ବିଶ୍ୱର ୧୪୫ ଜଣ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ବିପ୍ଳବୀ ବାରବରାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ଦାବି କରିଛନ୍ତି।



### ବାରବରା ରାଓ କିଏ

୧୯୪୦ ମସିହାରେ ତତ୍କାଳୀନ ଆନ୍ଧ୍ରପ୍ରଦେଶ(ଅଧୁନା ତେଲଙ୍ଗାନା)ସ୍ଥିତ ୱରଙ୍ଗଲର ଏକ ବ୍ରାହ୍ମଣ ପରିବାରରେ ବିଶିଷ୍ଟ ତେଲୁଗୁ କବି, ଲେଖକ ତଥା ସମାଲୋଚକ ବାରବରା ରାଓଙ୍କ ଜନ୍ମ। ସେ ମାତ୍ର ୧୭ ବର୍ଷ ବୟସରୁ ସାହିତ୍ୟ ସାଧନା ଆରମ୍ଭ କରିଥିଲେ। ହାଇଦ୍ରାବାଦର ଓସ୍‌ମାନିଆ ୟୁନିଭର୍ସିଟିରୁ ତେଲୁଗୁ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ଏକ ଘରୋଇ କଲେଜରେ ଅଧ୍ୟାପନା କରିଥିଲେ। କାଲ୍ ମାର୍କ୍ସଙ୍କ ଦର୍ଶନରେ ଗଭୀର ଭାବେ ପ୍ରଭାବିତ ବାରବରା ରାଓ ଅନେକ ଜନବାଦୀ ସାହିତ୍ୟର ସଫଳ ରଚୟିତା। ନବଉଦାରବାଦ ବିରୋଧୀ ତଥା ଖଟିଖିଆ ଲୋକଙ୍କ ସପକ୍ଷରେ ଲେଖନୀ ଚାଳନା କରି ସେ ଚର୍ଚ୍ଚାକୁ ଆସିଥିଲେ।

### ରାଜନୀତି

୧୯୬୭ରେ ପଶ୍ଚିମବଙ୍ଗର ନକ୍ସଲବାରି ଆନ୍ଦୋଳନ ବାରବରା ରାଓଙ୍କୁ ଅନେକ ମାତ୍ରାରେ ପ୍ରଭାବିତ କରିଥିଲା। ଆନ୍ଧ୍ରରେ ଶ୍ରୀକାକୁଲମ୍ ଆର୍ମଡ୍ ପିଜେଣ୍ଟସ୍ ଷ୍ଟ୍ରଗଲ(୧୯୬୭-୭୦) ବ୍ୟାନରରେ ମୁଣ୍ଡ ଟେକିଥିବା କୃଷକ ଅଧିକାର ଆନ୍ଦୋଳନରେ ସାମିଲ ହୋଇଥିଲେ। ସେତେବେଳେ ଏହି ଯୁବ ସାହିତ୍ୟିକ ଅଭ୍ୟୁଦୟ ରଚୟିତାଲା ସଂଘମ୍ ପ୍ଲାଟ୍‌ଫର୍ମ ଜରିଆରେ ଜନ ସଚେତନତା ସୃଷ୍ଟି କରିଥିଲେ। ୧୯୭୩ରେ ବାରବରା ରାଓ ପ୍ରଥମଥର ପାଇଁ ଗିରଫ ହୋଇଥିଲେ। ନିଜ ଲେଖା ମାଧ୍ୟମରେ ହିଂସା ଉସୁକାଉଥିବା ଅଭିଯୋଗରେ ଆନ୍ଧ୍ରପ୍ରଦେଶ ସରକାର ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷଣାବେକ୍ଷଣ ଆଇନ (ଏମ୍‌ଆଇଏସ୍‌ଏ) ବଳରେ ତାଙ୍କୁ ଗିରଫ କରିଥିଲେ। ପରେ ୧୯୭୫ରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଥିବାବେଳେ ବାରବରା ରାଓଙ୍କୁ ଗିରଫ କରାଯାଇଥିଲା। ୧୯୭୭ରେ ଜନତା ପାର୍ଟି ଦ୍ୱାରା ଇନ୍ଦିରା ଗାନ୍ଧୀ ସରକାରର ପତନ ଘଟିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ୨୦୦୫ରେ ବରବରା ମାଓବାଦୀ ସଙ୍ଗଠନ ପିପୁଲ୍ସ ୱାର ଗ୍ରୁପ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥ ସାଜି ଶାନ୍ତି ପାଇଁ ଆଲୋଚନା କରିଥିଲେ। ବୁଝାମଣା ବିଫଳ ହେବା ପରେ ତାଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ଗିରଫ କରାଯାଇଥିଲା।

### ସାହିତ୍ୟ କୃତି

ଅଦ୍ୟାବଧି ବାରବରା ରାଓଙ୍କ ୧୫ଟି କବିତା ସଙ୍କଳନ ପ୍ରକାଶ ପାଇସାରିଛି। ସେଗୁଡ଼ିକ ଅନେକ ଆଞ୍ଚଳିକ ଭାଷାରେ ଅନୂଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ୧୯୬୬ରେ ସେ 'ସୃଜନ' ନାମକ ଏକ ତ୍ରୈମାସିକ ତେଲୁଗୁ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଲୋକପ୍ରିୟତା ବୃଦ୍ଧି ପାଇବାରୁ ଏହା ମାସିକ ପତ୍ରିକା ଭାବେ ଆତ୍ମପ୍ରକାଶ କରିଥିଲା। ବାରବରା ରାଓ ଜେଲରେ ଥିବାବେଳେ ମଧ୍ୟ ଅନେକ ରଚନା କରିଥିଲେ। ତାଙ୍କ ବନ୍ଦୀ ସମୟର ଡାଏରି ୧୯୯୦ରେ 'ସହଚରୁଲୁ' ନାମରେ ପ୍ରକାଶିତ ହୋଇଥିଲା। ଏହା ବ୍ୟତୀତ ବାରବରା ରାଓ ଅନେକ ସାମ୍ୟବାଦୀ ପୁସ୍ତକକୁ ଅନୁବାଦ ମଧ୍ୟ କରିଥିଲେ।

### ଏଲ୍‌ଗାର ପରିଷଦ ମାମଲା

ଭୀମା-କୋରେଗାଓଁ ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ଅବ୍ୟବହିତ ପୂର୍ବରୁ ୨୦୧୭ ଡିସେମ୍ବର ୩୧ ରାତିରେ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ହିଂସା ଘଟିଥିଲା। ମହାରାଷ୍ଟ୍ରର ଭୀମା-କେରେଗାଓଁଠାରେ ଏଲ୍‌ଗାର ପରିଷଦ ପକ୍ଷରୁ ଅୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବାମପନ୍ଥୀ କର୍ମୀ ଓ ମାଓବାଦୀ ସମର୍ଥକମାନେ ଯୋଗଦେଇଥିବା ପୁଣେର ଏକ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨୦୧୮ ଅଗଷ୍ଟ ୧ରେ ବାରବରା ରାଓଙ୍କୁ ଗିରଫ କରାଯାଇଥିଲା। ପୋଲିସର କହିବା ହେଉଛି ରାତିରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦିଆଯିବା ପରେ ପରଦିନ ଏହି ହିଂସା ଘଟିଥିଲା। ସେତେବେଳେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ବାରବରାଙ୍କ ସମେତ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ରୋନା ୱିଲ୍‌ସନ, ଅରୁଣ ଫେରିରା, ସୁଧା ଭରଦ୍ୱାଜ, ଗୌତମ ନଭଲଖା ଓ ଆନନ୍ଦ ତେଲତୁମ୍ବେଡେ। ବାରବରାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ଦିଆଯାଉ ବୋଲି ୨୨ ମାସରେ ଅନେକ ଥର ଆବେଦନ କରାଯାଇଛି। କିନ୍ତୁ ପ୍ରତିଥର ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏହି ମାମଲାର ତଦନ୍ତ ମୁମ୍ବାଇ ପୋଲିସ କରୁଥିବାବେଳେ ପରବର୍ତ୍ତୀ ସମୟରେ ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦିଆଯାଇଥିଲା।

## ତୁରନ୍ତ ମୁକ୍ତି ପାଇଁ ଜୋର୍ ଧରିଲା ଦାବି

ଭୀମା କୋରେଗାଓଁ ହିଂସା ଓ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଜେଲରେ ଥିବା ବାରବରା ରାଓଙ୍କ ମୁକ୍ତି ପାଇଁ ପରିବାର ଲେକେ ଦାବି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପୂର୍ବରୁ ଖରାପ ଥିବାବେଳେ କୋଭିଡ୍-୧୯ ପଜିଟିଭ ଚିହ୍ନଟ ହେବା ପରେ ଅବସ୍ଥା ଆହୁରି ଖରାପ ହୋଇଯାଇଛି। ତେଣୁ ତାଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସ୍ତ୍ରୀ ହେମଲତା ଦାବି କରିଛନ୍ତି। ହସ୍ପିଟାଲରେ ଚିକିତ୍ସାଧୀନ ବାରବରାଙ୍କ ସହ ସ୍ୱାସ୍ଥ୍ୟ ସମ୍ପର୍କିତ ରେକର୍ଡ ପରିବାର ସଦସ୍ୟମାନଙ୍କୁ ଦେଖିବାକୁ ଏବଂ ତାଙ୍କ ସହ କଥା ହେବା ପାଇଁ ସୁଯୋଗ ଦିଆଯାଉ ବୋଲି ବାରବରାଙ୍କ ଝିଅ ପବନା ରାଓ ଦାବି କରିଛନ୍ତି। ସେହିପରି ବାରବରା ରାଓଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ସାରା ବିଶ୍ୱର ୧୪୫ ଜଣ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ମଧ୍ୟ ଦାବି କରିଛନ୍ତି। ବାରବରା ରାଓଙ୍କୁ ବର୍ତ୍ତମାନ ଜେଲରେ ରଖିବା ଅତ୍ୟନ୍ତ ଅମାନବୀୟ ଓ ଦୁର୍ଭାଗ୍ୟଜନକ ବୋଲି ସେମାନେ ଏକ ମିଳିତ ବିବୃତିରେ ଅଭିହିତ କରିଛନ୍ତି।

## ଡିଏସ୍‌ପିଙ୍କ ସମେତ ୧୧ ପୋଲିସ ଦୋଷୀ

**୩୫ ବର୍ଷ ତଳର ଫେକ୍ ଏନ୍‌କାଉଣ୍ଟର**

ଭରତପୁର(ରାଜସ୍ଥାନ),୨୧।୭: ଦୀର୍ଘ ୩୫ ବର୍ଷ ତଳର ଏକ ଫେକ୍ ଏନ୍‌କାଉଣ୍ଟର ମାମଲାରେ ଡିଏସ୍‌ପି କରନ୍ ସିଂ ଭାଟିଙ୍କ ସମେତ ୧୧ଜଣ ପୋଲିସଙ୍କୁ ମଥୁରାର ସ୍ୱତନ୍ତ୍ର ସିବିଆଇ କୋର୍ଟ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୯୮୫ ଫେବୃୟାରୀରେ ରାଜା ମାନ୍ ସିଂ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଫେକ୍ ଏନ୍‌କାଉଣ୍ଟର କରି ହତ୍ୟା କରାଯାଇଥିଲା। ପ୍ରଥମେ ହିଂସାକାଣ୍ଡ ଘଟିବା ଯୋଗୁ ତତ୍କାଳୀନ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଶିବଚରଣ ମାଥୁରଙ୍କ ହେଲିକପ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ସିବିଆଇ ଏହି ମାମଲାରେ ୧୮ ପୋଲିସ କର୍ମଚାରୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ଶୁଣାଣି ଭିତରେ ୪ ଜଣ ପ୍ରାଣ ହରାଇଥିବାବେଳେ ୩ ଜଣ ଦୋଷମୁକ୍ତ ହୋଇଛନ୍ତି।

## ଦୋଷୀ ନଳିନୀଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଜୀବ ଗାନ୍ଧୀ ହତ୍ୟା ମାମଲା**

**ଭଲୋର,୨୧।୭**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାର ଦୋଷୀ ତଥା ଆଜୀବନ କାରାଦଣ୍ଡାଦେଶ ପାଇଥିବା ନଳିନୀ ଶ୍ରୀହରନ୍ ସୋମବାର ରାତିରେ ଭେଲୋର ସ୍ୱତନ୍ତ୍ର ଜେଲରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଓକିଲ ପି. ପୁଗାଲେନ୍ଥି କହିଛନ୍ତି। ଜଣେ ଆଜୀବନ କାରାଦଣ୍ଡ ଭୋଗୁଥିବା ମହିଳାଙ୍କ ସହ ପାଟିତୁଣ୍ଡ ହେବା ଓ ଜେଲ ଅଧିକାରୀ ଉକ୍ତ ମହିଳାଙ୍କ ସପକ୍ଷରେ କହିବା ପରେ ନଳିନୀ ଏଭଳି ପଦକ୍ଷେପ ନେଇଥିଲେ ବୋଲି ପୁଗାଲେନ୍ଥି ପ୍ରକାଶ କରିଛନ୍ତି। ତେଣୁ ଭେଲୋର ଜେଲରୁ ପୁଝଲ ଜେଲ୍‌କୁ ସ୍ଥାନାନ୍ତର କରିବା ଲାଗି ଜେଲ୍ ଅଧିକାରୀମାନେ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ତେବେ ଉଭୟ ପୋଲିସ ଓ ଜେଲ ଅଧିକାରୀମାନେ ଏଭଳି ଘଟଣାକୁ ଅସ୍ୱୀକାର କରିଛନ୍ତି। ନଳିନୀ କେବଳ ଆତ୍ମହତ୍ୟା କରିବା ଲାଗି ଧମକ ଦେଇଥିବା ସେମାନେ କହିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି। ଗତ ୨୮ ବର୍ଷ ହେବ ସେ ଜେଲରେ ରହିଆସୁଛନ୍ତି।



ନଳିନୀ ଶ୍ରୀହରନ୍

## ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ: ପରିବାରର ୫ ମୃତ

**ପୂର୍ଣ୍ଣିଆ,୨୧।୭**

ବିହାରର ପୂର୍ଣ୍ଣିଆ ଜିଲାରେ ମଙ୍ଗଳବାର ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ପରିବାରର ଜଣେ ଶିଶୁକୁ ମିଶାଇ ୫ ଜଣ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ପରେ ନିଆଁ ଲାଗିଯିବାରୁ ୨ ଜଣ ଗୁରୁତର ମଧ୍ୟ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଗ୍ୱାଲ୍‌ଗାଓଁର ଅଖିଳେଶ ଯାଦବଙ୍କ ଘରେ ରୋଷେଇ ଲାଗି ଗ୍ୟାସ୍ ବ୍ୟବହାର କରାଯିବାରୁ ସେଥିରେ ଲିକ୍ ଥିବା ଜଣାପଡ଼ିଥିଲା। ପରେ ଗ୍ୟାସ୍ ସିଲିଣ୍ଡରଟି ବିସ୍ଫୋରଣ ହୋଇଥିଲା। ୩ ବର୍ଷର ଝିଅ ପ୍ରୀତି ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ପୂର୍ଣ୍ଣିଆ ସଦର ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଉଥିବାବେଳେ ଅନ୍ୟ ୪ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାକୁ ନେଇ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଦିଲ୍ଲୀର ୨୩.୪୮% କରୋନା ଆକ୍ରାନ୍ତ

**ସେରୋ ସର୍ଭେ ରିପୋର୍ଟ**

**ନୂଆଦିଲ୍ଲୀ,୨୧।୭**

ମହାମାରୀ କରୋନା କବଳରେ ରାଜଧାନୀ ଦିଲ୍ଲୀ। ଏଠାର ୨୩.୪୮% ଲୋକ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ। ଜନସଂଖ୍ୟା ଘନତ୍ୱ ଏଠାରେ ବେଶି ରହିଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ବୋଲି ଦିଲ୍ଲୀର ସେରୋ ପ୍ରିଭାଲେନ୍ସ ଷ୍ଟଡି ରିପୋର୍ଟରେ ଦର୍ଶାଯାଇଛି। ଜୁନ୍ ୨୭ରୁ ଜୁଲାଇ ୧୦ ମଧ୍ୟରେ ଏନ୍‌ସିଡିସି (ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ) ଓ ଦିଲ୍ଲୀ ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ଭେରେ ଅଧିକାଂଶ ଭୂତାଣୁ ଆକ୍ରାନ୍ତଙ୍କଠାରେ ଲକ୍ଷଣ ଦେଖାଦେଇ ନାହିଁ। ସେରୋ ସର୍ଭେରେ ଲୋକଙ୍କ ଆଣ୍ଟିବଡି ପରୀକ୍ଷା ଲାଗି ବ୍ଲଡ୍ ସେରମ୍ ସଂଗ୍ରହ କରାଯାଇଥିଲା। ଏଥିରୁ ଆଇଜିଜି ଆଣ୍ଟିବଡି ୨୩.୪୮% ବୋଲି ଜଣାପଡ଼ିଥିଲା। ଭୂତାଣୁ ଆକ୍ରାନ୍ତ କରିବାର ୬ ମାସ ମଧ୍ୟରେ ୨୩.୪୮% ଦିଲ୍ଲୀବାସୀ ପୀଡ଼ିତ ଥିବା ଏଥିରୁ ଜଣାପଡ଼ିଛି। ଆଗକୁ ଏହା ଅଧିକ ଭୟଙ୍କର ରୂପ ନେବାର ଆଶଙ୍କା ସୃଷ୍ଟିହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିଲାଗି ସରକାର ଏବେଠାରୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।



ଆସାମରେ ପ୍ରଳୟଙ୍କରୀ ବନ୍ୟା: ଜଳମଗ୍ନ କାମରୂପ ଜିଲାର ଚନ୍ଦ୍ରପୁର ଗ୍ରାମରେ ୨ ମହିଳା କଦଳୀ ଗଛରେ ତିଆରି ଡଙ୍ଗାରେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

## ପାଇଲଟଙ୍କ ଶୁଣାଣି ଶେଷ, ୨୪ରେ ରାୟ

**ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇଲେ ହାଇକୋର୍ଟ**

**ଜୟପୁର,୨୧।୭(ପି.ଟି.)**

ରାଜସ୍ଥାନ ହାଇକୋର୍ଟରେ ମଙ୍ଗଳବାର ବିଦ୍ରୋହୀ କଂଗ୍ରେସ ନେତା ସଚିନ ପାଇଲଟ ଓ ଅନ୍ୟ ୧୮ ବିଧାୟକଙ୍କ ପକ୍ଷରୁ ଦାଏର ରିଟ୍ ପିଟିଶନର ଶୁଣାଣି ଶେଷ ହୋଇଛି। ଆସନ୍ତା ୨୪ ତାରିଖରେ ଏହି ହାଇପ୍ରୋଫାଇଲ ପଲିଟିକାଲ କେସ୍‌ର ରାୟ ପ୍ରକାଶ ପାଇବ। ରାଜସ୍ଥାନ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ୧୯ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ପଠାଇଥିବା ନୋଟିସ ଉପରେ ୨୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ହାଇକୋର୍ଟ ତାଙ୍କ ଓକିଲଙ୍କ ଜରିଆରେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ଜଷ୍ଟିସ୍ ପ୍ରକାଶ ଗୁପ୍ତାଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ପାଇଲଟ ଗୋଷ୍ଠୀ ଆବେଦନର ଶୁଣାଣି ଶୁକ୍ରବାର ଆରମ୍ଭ କରି ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ପୁଣି ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ବାଚସ୍ପତିଙ୍କ କାରଣ ଦର୍ଶାଅ ନୋଟିସ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ଯୁକ୍ତି ବାଢ଼ିଥିଲେ। ରାଜସ୍ଥାନରେ ଅସନ୍ତୁଷ୍ଟ କଂଗ୍ରେସ ନେତା ସଚିନ ପାଇଲଟ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ଜାରି ରହିଥିବାବେଳେ ଜୟପୁରସ୍ଥିତ ଏକ ହୋଟେଲରେ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ବୈଠକ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ପରେ ପାଇଲଟଙ୍କୁ ଉପମୁଖ୍ୟମନ୍ତ୍ରୀ ଏବଂ ପିସିସି ସଭାପତି ପଦରୁ ହଟାଇ ଦିଆଯାଇଥିଲା। ସେହିପରି ତାଙ୍କର ଦୁଇଜଣ ଅନୁଗତଙ୍କୁ ମଧ୍ୟ କ୍ୟାବିନେଟରୁ ବାହାର ରାସ୍ତା ଦେଖାଇଥିଲେ ଗେହଲଟ ସରକାର।

### 'ନିକମ୍ମା' ପରେ 'ଗଦ୍ଦାର' କହିଲେ ଗେହଲଟ

**ଜୟପୁର,୨୧।୭**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ଉପରେ ବର୍ଷିବା ସହ ତାଙ୍କୁ ଗଦ୍ଦାର(ବିଶ୍ୱାସ ଘାତକ)ବୋଲି କହିଛନ୍ତି। ପୂର୍ବରୁ ସେ ତାଙ୍କୁ ନିକମ୍ମା(ଦୁର୍ବଳ) ବୋଲି କହିଥିଲେ। ଦଳକୁ ପ୍ରତାରଣା କରିଥିବା ପାଇଲଟ୍ ନିଜ ନିର୍ବାଚନ ମଣ୍ଡଳୀରେ ଲୋକଙ୍କୁ ମୁହଁ ଦେଖାଇପାରିବେନି ବୋଲି ମଙ୍ଗଳବାର କଂଗ୍ରେସ ବିଧାୟକ ଦଳ ବୈଠକରେ କହି ସମାଲୋଚନା କରିଛନ୍ତି। ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜସ୍ଥାନ ପ୍ରଭାରୀ ଅବିନାଶ ପାଣ୍ଡେ, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ବରିଷ୍ଠ ନେତା ଅଜୟ ମାକେନ ଓ ଦଳର ପ୍ରଦେଶ ଅଧ୍ୟକ୍ଷ ଗୋବିନ୍ଦ ସିଂ ଦୋତାଶ୍ରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗେହଲଟ୍ ଦେଇଥିବା ମନ୍ତବ୍ୟ ସମ୍ପର୍କରେ କଂଗ୍ରେସ ଚିଫ୍ ହ୍ୱିଇପ୍ ମହେଶ ଜୋଷୀ ମିଡିଆକୁ ଅବଗତ କରାଇଥିଲେ।



## ୨ ଝିଅଙ୍କ ଆଗରେ ଖବରଦାତାଙ୍କୁ ଗୁଳି

**୯ ଅଭିଯୁକ୍ତ ଗିରଫ**

**ଗାଜିଆବାଦ,୨୧।୭**

ଉତ୍ତରପ୍ରଦେଶର ଗାଜିଆବାଦରେ ଦୁର୍ବୃତ୍ତମାନେ ଜଣେ ଖବରଦାତାଙ୍କୁ ତାଙ୍କ ଦୁଇ ଝିଅଙ୍କ ସାମ୍ନାରେ ଗୁଳି କରିଛନ୍ତି। ଏନେଇ ପୋଲିସ ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ଖବରଦାତା ବିକ୍ରମ ଜୋଷୀ ଏକ ସ୍ଥାନୀୟ ଦୈନିକ ଖବରକାଗଜରେ କାମ କରୁଥିଲେ। ତାଙ୍କ ଝିଆରୀଙ୍କୁ କେତେଜଣ ବ୍ୟକ୍ତି ହଇରାଣ କରୁଥିବା ନେଇ ସେ ଗତ ୧୬ ତାରିଖରେ ବିଜୟ ନଗର ଥାନାରେ ଏତଲା ଦେଇଥିଲେ। ବିକ୍ରମ ସୋମବାର ରାତି ୧୦ଟା ୩୦ରେ ବାଇକ୍‌ରେ ତାଙ୍କ ଦୁଇଝିଅଙ୍କୁ ବୁଲାଇନେଇଥିଲେ। ସେମାନେ ଫେରୁଥିବାବେଳେ ବିଜୟ ନଗର ଏରିଆରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଘେରିଯାଇଥିଲେ। ବିକ୍ରମ କିଛି ବୁଝିବା ପୂର୍ବରୁ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ମୁଣ୍ଡକୁ ଗୁଳି କରି ଫେରାର ହୋଇଯାଇଥିଲେ। ବିକ୍ରମ ରାସ୍ତାରେ ପଡ଼ିଯାଇଥିବାବେଳେ ତାଙ୍କ ବଡ଼ଝିଅ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ପରେ ଦୁଇଜଣ ବ୍ୟକ୍ତି ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିକ୍ରମଙ୍କ ଭାଇ ଅଙ୍କିତ ଜୋଷୀ ଥାନାରେ ଏତଲା ଦେଇଥିଲେ। ସିସିଟିଭି ଫୁଟେଜ ଆଧାରରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଛୋଟୁଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ଇତିମଧ୍ୟରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଘଟଣାକୁ ନେଇ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛନ୍ତି।

# ୨୦୦୭ ପକାଇଛି ଚିନ୍ତାରେ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଆଇଏଏସ୍ ଅଫିସରମାନେ ରାଜ୍ୟ କିମ୍ବା କେନ୍ଦ୍ରରେ କାମ କରିବା ସମ୍ପର୍କରେ ବିଭିନ୍ନ ସମୟରେ କେନ୍ଦ୍ରରୁ ବଦଳୁଥିବା ନିୟମ ଆସିଥାଏ। କେତେବେଳେ କେଉଁ ସରକାର ଆସିଲେ କେତେ ପ୍ରକାର ନିୟମ ବଦଳିବ ସେନେଇ କୌଣସି ସ୍ଥିରତା ନ ଥାଏ। ପୂର୍ବରୁ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବା ନେଇ କୌଣସି ପ୍ରକାର ବାଧ୍ୟତାମୂଳକ ନ ଥିଲା। ମାତ୍ର ଗତ ଜୁନ୍ ୧୮ ତାରିଖରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ନିୟମାବଳୀ ଆସିଛି। କେନ୍ଦ୍ରର ଯୁଗ୍ମ ସଚିବ ପାହ୍ୟାରେ ତାଲିକାଭୁକ୍ତ ହେବା ପାଇଁ ଅଫିସରଙ୍କୁ ଅତି କମ୍‌ରେ ୨ ବର୍ଷ ଉପସଚିବ କିମ୍ବା ନିର୍ଦ୍ଦେଶକ ପଦବୀରେ କେନ୍ଦ୍ରରେ କାର୍ଯ୍ୟ କରିବା ବାଧ୍ୟତାମୂଳକ କରାଯାଇଛି। ଫଳରେ ୨୦୦୭ ବ୍ୟାଚ୍‌ଠାରୁ ଏହି ନିୟମ ଲାଗୁ ହେବ। ତେଣୁ ଏହି ବ୍ୟାଚ୍‌ର ଆଇଏଏସ୍ ଅଫିସରଙ୍କୁ ତୁରନ୍ତ କେନ୍ଦ୍ରକୁ ଯିବାକୁ ପଡ଼ିବ ବୋଲି ଜଣାପଡ଼ିଛି। କେନ୍ଦ୍ରର ଏଭଳି ଘୋଷଣା ଯୋଗୁ ବର୍ତ୍ତମାନ କେତେଜଣ ଓଡ଼ିଶା କ୍ୟାଡରର ଯୁବ ଆଇଏଏସ୍ ଅଫିସର ପ୍ରଭାବିତ ହେବେ। ୨୦୦୭ ବ୍ୟାଚ୍ ପୂର୍ବ ପର୍ଯ୍ୟନ୍ତ କେନ୍ଦ୍ରକୁ ଯାଇ ନ ଥିବା ଆଇଏଏସ୍ ଅଫିସରମାନେ କିନ୍ତୁ ଏକ ପ୍ରକାର ମୁକ୍ତି ପାଇଯାଇଛନ୍ତି। ଅନ୍ୟପଟେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ବହୁ ଅଧିକାରୀ ରାଜ୍ୟକୁ ଫେରିବାକୁ ଚାହୁଁ ନ ଥିବା ବେଳେ ଅଧିକାଂଶଙ୍କ ଅବସର ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି।

୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସରଙ୍କୁ ୨୦୨୩ ସୁଦ୍ଧା କେନ୍ଦ୍ରରେ ଅତି କମ୍‌ରେ ୨ବର୍ଷ କାର୍ଯ୍ୟକରି ଅଭିଜ୍ଞତା ହାସଲ କରିବାକୁ ପଡ଼ିବ। ପୂର୍ବରୁ ଏଭଳି ନ ଥିଲା, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରି ଅଫିସରମାନେ କେନ୍ଦ୍ରର ଯୁଗ୍ମ ସଚିବ ପାହ୍ୟାରେ ଅନ୍ତର୍ଭୁକ୍ତ ହୋଇପାରୁଥିଲେ। କିନ୍ତୁ ବର୍ତ୍ତମାନ ସ୍ଥିତିରେ କେନ୍ଦ୍ର ସରକାରଙ୍କ ଅଧୀନରେ ଉପସଚିବ ଏବଂ ନିର୍ଦ୍ଦେଶକ ପଦବୀରେ ଅଫିସରଙ୍କ ବ୍ୟାପକ ଅଭାବ ପରିଲକ୍ଷିତ ହେଉଥିବା ଦୃଷ୍ଟିରୁ ଏହି ନୀତିଗତ ପରିବର୍ତ୍ତନ ଅଣାଯାଇଛି। ଫଳରେ ଜଣେ ଆଇଏଏସ୍ ଅଫିସର ତାଙ୍କ ୧୬ବର୍ଷ ଚାକିରି କାର୍ଯ୍ୟକାଳ ମଧ୍ୟରେ ଅନ୍ତତଃ ପକ୍ଷେ ୨ ବର୍ଷ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରିବା ବାଧ୍ୟତାମୂଳକ କରାଯାଇଛି। ଏହି ନିୟମକୁ ଅମାନ୍ୟ କଲେ ସମ୍ପୃକ୍ତ ଅଫିସରଙ୍କ କ୍ୟାରିୟର ଉପରେ କୁପ୍ରଭାବ ପଡିପାରେ ଏବଂ ତାହା ତାଙ୍କ ପେନସନ ହ୍ରାସହେବାର ସମ୍ଭାବନା ରଖିପାରେ। ସେହି ଅନୁସାରେ ଦେଖିଲେ ଏହା ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସରମାନଙ୍କ ଚିନ୍ତା ଅଧିକ ବଢ଼ାଇ ଦେଇଛି। କାରଣ ଏମାନଙ୍କ କାର୍ଯ୍ୟକାଳ ଅନୁଯାୟୀ ହିସାବ କରାଗଲେ ୨୦୨୩ ସୁଦ୍ଧା ଏମାନଙ୍କୁ ନିଜର ଅଭିଜ୍ଞତା ହାସଲ କରିବା ନିତାନ୍ତ ଜରୁରୀ ହୋଇପଡ଼ିଛି। ଏଥିଲାଗି ମଧ୍ୟ ଆଉ ବିଶେଷ ସମୟ ନାହିଁ। ତେବେ ମିଳିଥିବା ସୂଚନା ମୁତାବକ, ଏହି ତାଲିକାରେ ପୁରୀ ଜିଲାପାଳ ବଲୱନ୍ତ ସିଂ, ସାମାଜିକ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଅରବିନ୍ଦ ଅଗ୍ରୱାଲ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯାଇନାହାନ୍ତି। ଏହି ୩ ଆଇଏଏସ୍ ଅଫିସର ଆସନ୍ତା ୫ ମାସ ମଧ୍ୟରେ କେନ୍ଦ୍ରୀୟ ଡେପୁଟେଶନରେ ଯାଇପାରିବେ। ୨୦୦୭ ବ୍ୟାଚ୍‌ର ସିଧାସଳଖ ଆଇଏଏସ୍ ହୋଇଥିବା ଏହି ୩ ଅଫିସରଙ୍କୁ ଛାଡ଼ିଦେଲେ ରବୀନ୍ଦ୍ର ପ୍ରତାପ ସିଂହ ୯ ଫେବୃୟାରୀ ୨୦୧୯ରେ ଡେପୁଟେଶନରେ ଯାଇଛନ୍ତି। ସେ ୮ ଫେବୃୟାରୀ ୨୦୨୩ସୁଦ୍ଧା ଫେରିପାରିବେ।

ଅଧିକାଂଶ କ୍ଷେତ୍ରରେ ଯୁବ ଅଫିସର କେନ୍ଦ୍ରକୁ ଯିବା ପାଇଁ ଆଗ୍ରହୀ ଥିବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦକ୍ଷତା ଦେଖି ଛାଡିବାକୁ ପ୍ରସ୍ତୁତନାହାନ୍ତି। ଅନେକ ସମୟରେ ଏହି ଅଫିସରମାନେ ରାଜ୍ୟ ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେଉଥିବା ଦୃଷ୍ଟିରୁ କେନ୍ଦ୍ରକୁ ଯିବା ଲାଗି ଆଗ୍ରହ ପ୍ରକାଶ କରୁନାହାନ୍ତି ଯେଉଁଥିପାଇଁ କେନ୍ଦ୍ର ସରକାରଙ୍କ ଉପଶାସନ ସଚିବ ଏବଂ ନିର୍ଦ୍ଦେଶକ ପଦରେ ଘୋର ଅଭାବ ପରିଲକ୍ଷିତ ହେଉଛି। ଯେଉଁ ସୁବିଧା ରାଜ୍ୟରେ ଥିବା ଆଇଏଏସ ଅଫିସରମାନେ ପାଉଛନ୍ତି ସେମାନେ କେନ୍ଦ୍ରକୁ ଗଲେ ସେଭଳି ସୁବିଧା ପାଇପାରିବେ ନାହିଁ। ଏଭଳି ସ୍ଥିତିରେ ଦେଖିଲେ ୨୦୦୭ ବ୍ୟାଚ୍‌ର ପୂର୍ବରୁ ଆଇଏଏସ୍‌ଅଫିସର ହୋଇଥିବା ବହୁ ଅଧିକାରୀ ଏ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯାଇନାହାନ୍ତି। କିନ୍ତୁ ସେମାନଙ୍କ କ୍ଷେତ୍ରରେ ନୂଆ ନିୟମ ଲାଗୁ ହେବନାହିଁ। ତେଣୁ ଏହା ମଧ୍ୟ ଅନେକ ଅଧିକାରୀଙ୍କୁ ଏକ ପ୍ରକାର ଆଶ୍ୱସ୍ତି ଦେଇଛି। ଅନେକ ଉଦାହରଣ ଏଭଳି ରହିଛି, ଅନେକ ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜ୍ୟ ସରକାରଙ୍କ ବହୁ ଦାୟିତ୍ୱସମ୍ପନ୍ନ ପଦପଦବୀରେ ରହିଥିବା ବେଳେ ଏଯାଏ କେନ୍ଦ୍ରକୁ ଡେପୁଟେଶନରେ ଯାଇନାହାନ୍ତି, ଯେଉଁମାନଙ୍କ ଚାକିରି କାର୍ଯ୍ୟକାଳ ଆଉ ବର୍ଷେରୁ ୨ ବର୍ଷ ମଧ୍ୟରେ ଶେଷ ହୋଇଯିବ। ଉପରୋକ୍ତ ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଅଫିସରମାନଙ୍କ ଏ ସମସ୍ତ ହିସାବ କେନ୍ଦ୍ର କ୍ୟାବିନେଟ୍ ସବ୍ କମିଟି ପକ୍ଷରୁ କରାଯାଇଥାଏ।

ସୂଚନାଯୋଗ୍ୟ, ଓଡ଼ିଶା କ୍ୟାଡରର ଅତିବେଶିରେ ୫୨ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏକ ସମୟରେ କାର୍ଯ୍ୟ କରିପାରିବେ। ସେଥିରେ ବର୍ତ୍ତମାନ ୨୬ ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଜଣେ ଆନ୍ତଃରାଜ୍ୟସ୍ତରରେ ୨୦୦୦ବ୍ୟାଚ ଆଇଏଏସ ମନିଷ କୁମାର ବର୍ମା ଅଛନ୍ତି। ତେବେ କେନ୍ଦ୍ରୀୟ ଡେପୁଟେଶନରେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରୁଥିବା ଆଇଏଏସ ଅଧିକାରୀ ଏ ପର୍ଯ୍ୟନ୍ତ ରାଜ୍ୟକୁ ଫେରିନାହାନ୍ତି କି ଏଥିଲାଗି ଆଗ୍ରହ ପ୍ରକାଶ ମଧ୍ୟ କରୁନାହାନ୍ତି। ତେବେ ଏନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ଏହି ନିୟମ ଆଗରୁ ରହିଥିଲା। ଯେଉଁମାନେ ଉପସଚିବ ହୋଇ ନ ଥିବେ ସେମାନଙ୍କୁ ଯୁଗ୍ମ ସଚିବ ପଦ ମିଳିପାରିବ ନାହିଁ। ହେଲେ ବର୍ତ୍ତମାନ ଏହି ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି। ଗୋଟିଏ ଦୃଷ୍ଟିରୁ ଦେଖିଲେ ଯଦି ଯୁବ ଆଇଏଏସ୍ ଅଫିସରମାନେ ବର୍ତ୍ତମାନ ୨ ବର୍ଷ ଡେପୁଟେଶନରେ ଯାଆନ୍ତି ସେମାନେ ବହୁତ କିଛି ଶିଖିପାରିବେ। ମାତ୍ର ଯଦି ଅଧିକ ଦିନ ଗୋଟିଏ ରାଜନୈତିକ ଦଳର ସରକାର ରହେ ତେବେ ତାହା ଖରାପ ପ୍ରଭାବ ମଧ୍ୟ ପକାଇବ। ଯେପରି ବର୍ଷ ବର୍ଷ ଧରି ଡେପୁଟେଶନରେ ଯାଇଥିବା ଅଧିକାରୀମାନେ ଫେରୁ ନାହାନ୍ତି ସେହିଭଳି ପରିସ୍ଥିତିସୃଷ୍ଟି ହେବ ବୋଲି ସେ କହିଛନ୍ତି।



ପିଲାମାନଙ୍କୁ ସଲପ ପିଆଇବାର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଫଟୋ।

# ପିଲାଙ୍କୁ ମଦ ଦିଆଯିବା ଚର୍ଚ୍ଚା

**ମାଲକାନଗିରି,୨୧।୭(ଡି.ଏନ୍.ଏ.)**

**ସୋସିଆଲ ମିଡିଆରେ ଭାଇରାଲ**

ମାଲକାନଗିରି ଜିଲାରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସମସ୍ତେ ଚିନ୍ତିତ ଥିବା ବେଳେ ପଡ଼ିଆ ବ୍ଲକ ପରସନପାଲି ଗ୍ରାମରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ପିଲାଙ୍କୁ ମହୁଲି ମଦ ଦେବା ଚର୍ଚ୍ଚାର ବିଷୟ ହୋଇଛି। ହସ୍ତଗତ ହୋଇଥିବା ଫଟୋରୁ ଜଣାପଡିଛି, ପିଲାମାନେ ଧାଡ଼ିରେ ବସି ତଳେ ପତ୍ର ପକାଇଛନ୍ତି। ଏକ ହାଣ୍ଡିରୁ କିଛି ଦ୍ରବ୍ୟ ଆଣି ପିଲାଙ୍କୁ ବିତରଣ କରାଯାଉଥିବା ଦେଖିବାକୁ ମିଳିଛି। ମାସ୍କ ନାହିଁ କିମ୍ବା କେହି ସାମାଜିକ ଦୂରତ୍ୱ ରକ୍ଷା କରିନାହାନ୍ତି। ଏହା ଜଣାପଡ଼ିବା ପରେ କେତେଜଣ ଆଦିବାସୀ ନେତା ନିଜ ମତ ରଖିଛନ୍ତି। ସେମାନେ କହିଛନ୍ତି, ଆଦିବାସୀଙ୍କ ଚାଲିଚଳନ ଏବଂ ଖାଦ୍ୟ ସହରବାସୀଙ୍କଠାରୁ ଅଲଗା। ଜଙ୍ଗଲ ବହୁଳ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ଅନ୍ୟତମ ପ୍ରିୟ ଖାଦ୍ୟ ହେଉଛି କାଇ ଓ ତା'ର ଅଣ୍ଡା। ଜଙ୍ଗଲରେ କାଇ ଗଛରେ ବସା ବାନ୍ଧିଥାନ୍ତି। ଗୋଟିଏ ବସାରେ ୧୦ରୁ ୨୦ ହଜାର କାଇ ରହିଥାନ୍ତି। ଏହାର ଅଣ୍ଡା ଖାଇଲେ ରୋଗ ପ୍ରତିରୋଧ ସହ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି। ମାଲକାନଗିରି ଜିଲାରେ ଏଯାଏ କୌଣସି ଆଦିବାସୀ ଗ୍ରାମରେ କରୋନା ଲକ୍ଷଣ ଦେଖାଦେଇନାହିଁ। ଯେଉଁ ଫଟୋ ବାହାରିଛି ଏହା ନିଶ୍ଚିତ ଭାବେ କାଇ ତରକାରି ରାନ୍ଧି ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଦିଆଯାଉଛି। ଆଧୁନିକ ଯୁଗରେ ଶିକ୍ଷିତ ଆଦିବାସୀ କେବେହେଲେ ପିଲାଙ୍କୁ ଏପରି ଧାଡ଼ିରେ ବସାଇ ମହୁଲି ମଦ ଦେଉନାହାନ୍ତି ବୋଲି ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି କହିଛନ୍ତି।

# ୪୦୦ ସୁସ୍ଥ ରୋଗୀ ଦେବେ ପ୍ଲାଜ୍‌ମା

**ବ୍ରହ୍ମପୁର ଅଫିସ,୨୧।୭**

ଗଞ୍ଜାମ ଜିଲାରେ ଆରମ୍ଭ ହୋଇଛି ପ୍ଲାଜ୍‌ମା ଥେରାପି ଚିକିତ୍ସା। ବ୍ରହ୍ମପୁର ବଡ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲାପାଳ କହିଛନ୍ତି, କଟକ ଏସ୍‌ସିବିରୁ ପ୍ରଥମ ପର୍ଯ୍ୟାୟରେ

**ଗଞ୍ଜାମ ଜିଲା: ପ୍ଲାଜ୍‌ମା ଥେରାପି ଆରମ୍ଭ**

୬ ୟୁନିଟ ପ୍ଲାଜ୍‌ମା ଗଞ୍ଜାମ ଜିଲାକୁ ଆସିଛି। ଶୀତଳାପଲ୍ଲୀ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗୁରୁତର କରୋନା ରୋଗୀଙ୍କୁ ଏହି ପ୍ଲାଜ୍‌ମା ଦିଆଯିବ। ଏହା ଦ୍ୱାରା ଗଞ୍ଜାମରେ କରୋନା ମୃତ୍ୟୁ ହାରରେ ରୋକ୍ ଲଗାଯାଇପାରିବ। ସେହିପରି ଯେଉଁ ସୁସ୍ଥ ରୋଗୀ ପ୍ଲାଜ୍‌ମା ଦେବାକୁ ଇଚ୍ଛା କରିବେ ତାଙ୍କୁ କଟକ ନେବା ଓ ଅଣିବା ବ୍ୟବସ୍ଥା ସହ ଖାଇବା ରହିବା ଆଦି ବ୍ୟବସ୍ଥା କରାଯିବ। ବର୍ତ୍ତମାନ କରୋନାରେ ସଂକ୍ରମିତ ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଗଞ୍ଜାମ ଜିଲାର ୪୦୦ ଜଣ ନିଜର ପ୍ଲାଜ୍‌ମା ଦେବାକୁ ପ୍ରସ୍ତୁତ ଥିବା ଜିଲାପାଳ କହିଥିଲେ। ଏମ୍‌କେସିଜି ରକ୍ତ ଭଣ୍ଡାରରେ ଖୁବ ଶୀଘ୍ର ପ୍ଲାଜମା ସଂଗ୍ରହ ମେଶିନ ଉପଲବ୍ଧ ହେବ ବୋଲି ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ତଥା ଅଧ୍ୟକ୍ଷା ପ୍ରଫେସର ଡ଼ା. ଦୀପ୍ତିମୟୀ ତ୍ରିପାଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଶୁଭାରମ୍ଭରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ,ଅଧୀକ୍ଷକ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର, ସହକାରୀ ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ, କୋଭିଡ୍ ହସ୍ପିଟାଲ ନୋଡାଲ ଅଧିକାରୀ ଡା ଉମାଶଙ୍କର ମିଶ୍ର, ଏମ୍‌କେସିଜି ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ଲାଜ୍‌ମା ଥେରାପି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଦୁର୍ବଳ ମୌସୁମୀ: ୧୧ ଜିଲାରେ ସାମାନ୍ୟ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଦୁର୍ବଳ ହୋଇଯାଇଛି। ନିକଟରେ ବଡ଼ବର୍ଷା ହେବାର କୌଣସି ସୂଚନା ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କନ୍ଧମାଳ ଏବଂ ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ୧୨ ମିଲିମିଟର ବର୍ଷା ହୋଇଥିବା ବେଳେ ସମ୍ବଲପୁର ୮.୨, ବଲାଙ୍ଗୀର ୧୪, ହୀରାକୁଦ ୬.୨ ଏବଂ ରାୟଗଡ଼ାରେ ୫ ମଲିମିଟର ବର୍ଷା ରେକର୍ଡ କରାଯାଇଛି।




# ଗଜପତି ଏଡିଏମ୍ କରୁଣାକର ରାଇକାଙ୍କ ପରଲୋକ



ଏଡିଏମ୍ କରୁଣାକର ରାଇକା

- ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲେ
- ଏମ୍‌କେସିଜିରେ ଚିକିତ୍ସା ହେଉଥିଲେ
- କରୋନା ମୁକାବିଲାରେ ସାମିଲ ଥିଲେ

ପାରଳାଖେମୁଣ୍ଡି, ୨୧।୭ (ସ୍ୱ.ପ୍ର.): ଗଜପତି ଜିଲାର ଅତିରିକ୍ତ ଜିଲାପାଳ (ରାଜସ୍ୱ) କରୁଣାକର ରାଇକାଙ୍କ ପରଲୋକ ଘଟିଛି। ଗତ କିଛିଦିନ ତଳେ ତାଙ୍କୁ ଥଣ୍ଡା ଜ୍ୱର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲେ। ସେ ଅସୁସ୍ଥ ହେବା ପୂର୍ବରୁ ଜିଲାର କରୋନା ମୁକାବିଲା କାର୍ଯ୍ୟ ସାଙ୍ଗକୁ କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିଲେ। ତାଙ୍କ ବିୟୋଗ ଖବର ଗଜପତିରେ ପ୍ରଚାର ହେବା ପରେ ଜିଲାସାରା ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି। କରୁଣାକର ଜଣେ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ଅଧିକାରୀ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।






## ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଖଇନି ଜବତ,୨ ଗିରଫ

ରାୟଗଡ଼ା ଅଫିସ,୨୧।୭: ରାୟଗଡ଼ା ଜିଲା ବିଷମକଟକ ପୋଲିସ ମଙ୍ଗଳବାର ଏକ ମ୍ୟାକ୍ସ ପିକ୍‌ଅପ୍‌ରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଖଇନି ଜବତ କରିବା ସହ ୨ ସମ୍ପୃକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ମେଡିକାଲ ଛକରେ ପୋଲିସ ଗାଡ଼ି ଯାଞ୍ଚ କରିବା ସମୟରେ ମାକ୍ସ ପିକ୍‌ଅପ୍‌କୁ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ୮୦ ବ୍ୟାଗ୍ ମାରୁତି ଚପ୍ ଖଇନି ଥିବା ଜଣାପଡ଼ିଥିଲା। ପୋଲିସ ଖଇନି ଏବଂ ଗାଡ଼ି ଜବତ କରିବା ସହ କୋରାପୁଟର ଟୁକୁନା ସଲେଇ(୨୩) ଏବଂ ଅନୀଲ ମୁଦୁଲି(୨୧)ଙ୍କୁ ଗିରଫ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


କ୍ରିସ୍
ପରିବାରବର୍ଗ


ଲେୟାରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜି ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ବୁଧବାର ଅପରାହ୍ନ ୫ଟାରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କରୋନା ମୁକାବିଲା ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯିବା ସମ୍ଭାବନା ରହିଛି। ବୈଠକରେ କେଉଁ ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବ ତାହା ଗୋପନ ରଖାଯାଇଛି।

## ଆଜିର ମନ୍ତବ୍ୟ

"ଅର୍ଥବଳ ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବ୍ୟବହାର କରି ବିରୋଧୀ ଦଳ ଶାସିତ ସରକାରଗୁଡ଼ିକୁ ଭାଙ୍ଗିଦେବା ପାଇଁ କେନ୍ଦ୍ର ଷଡ଼ଯନ୍ତ୍ର ରଚୁଛି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଓଏଚ୍‌ଏମ୍‌ଏସ୍ କ୍ୟାଡର ଡାକ୍ତରଙ୍କ ଅବସର ବୟସ ୬୫କୁ ବୃଦ୍ଧି

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ପରେ ମଙ୍ଗଳବାର ଦୁଇ ପ୍ରମୁଖ ଜିଲା ଖୋର୍ଦ୍ଧା ଏବଂ କଟକର କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଦୁଇ ଜିଲାରେ କରୋନା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସେ କହିଛନ୍ତି। ଖୋର୍ଦ୍ଧା ଜିଲାରେ ସୁସ୍ଥ ହାର ୭୦ ପ୍ରତିଶତ ଥିବା ବେଳେ କଟକରେ ଏହା ୭୧ ପ୍ରତିଶତ ରହିଛି। ଏହା ଜାତୀୟ ହାର ୬୩ ପ୍ରତିଶତଠାରୁ ଅଧିକ। ଏଥିଲାଗି ଦୁଇ ଜିଲାର କୋଭିଡ୍ ପରିଚାଳନା ଟିମ୍‌କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହାସହ ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦୁଇ ଜିଲା ପାଇଁ ୧୫ କୋଟି ଲେଖାଏ ସମୁଦାୟ ୩୦ କୋଟି ଟଙ୍କା ମଞ୍ଜୁର ହୋଇଛି। ନୂତନ କୋଭିଡ୍ ହସ୍ପିଟାଲ ଓ କେୟାର ହୋମ୍ ପରିଚାଳନା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୨୦କୋଟି ୬୪ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମଞ୍ଜୁର କରିଛନ୍ତି। ଏହି ପରିସ୍ଥିତିରେ ଡାକ୍ତରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସ୍ୱାସ୍ଥ୍ୟ ଓ ମେଡିକାଲ ସେବା (ଓଏଚ୍‌ଏମ୍‌ଏସ୍) କ୍ୟାଡରର ଡାକ୍ତରମାନଙ୍କ ଅବସର ସମୟ ସୀମା ବଢ଼ାଯାଇ ୬୨ରୁ ୬୫ ବର୍ଷ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଛନ୍ତି। ଏହାସହ ଲେବର ଏବଂ ଇଏସ୍‌ଆଇ ବିଭାଗରେ କାମ କରୁଥିବା ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସରମାନଙ୍କ ପାଇଁ ମଧ୍ୟ ଏହା ଲାଗୁ ହେବ।

ଅନ୍ୟପକ୍ଷେ ଏହି ପରିସ୍ଥିତିରେ ନୂଆ କୋଭିଡ୍ କେୟାର ହୋମ୍ ଏବଂ କେୟାର ସେଣ୍ଟର ସ୍ଥାପନ ଲାଗି ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅନୁଷ୍ଠାନ ଏବଂ କର୍ପୋରେଟ ସେକ୍ଟରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସରକାର ବର୍ତ୍ତମାନ ସ୍ୱଳ୍ପ ଓ ମଧ୍ୟମ ଲକ୍ଷଣ ଥିବା କରୋନା ରୋଗୀଙ୍କ ଚିକିତ୍ସା ପାଇଁ କୋଭିଡ୍ କେୟାର ସେଣ୍ଟର ଓ କେୟାର ହୋମ୍ ପରିକଳ୍ପନା କରିଛନ୍ତି।

### ଖୋର୍ଦ୍ଧା, କଟକ ଜିଲାର ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

- ଆଉ ୨ ହସ୍ପିଟାଲରେ କୋଭିଡ୍ ସେଣ୍ଟର
- କଟକ, ଖୋର୍ଦ୍ଧା ଜିଲା ଲାଗି ୩୦ କୋଟି ମଞ୍ଜୁର
- ବସ୍ତି ଉପରେ ବିଶେଷ ଧ୍ୟାନଦେବାକୁ ପରାମର୍ଶ

ବୈଠକରେ କେତେକ ଡାକ୍ତରଖାନାରେ ଏବେ ଆଇସିୟୁ ସହିତ କୋଭିଡ୍ ହସ୍ପିଟାଲ କରାଯିବାକୁ ସ୍ଥିର ହୋଇଛି। ସେହିସବୁ ତାଲିକାରେ ଭୁବନେଶ୍ୱର ସ୍ଥିତ ଆଦିତ୍ୟ-ଅଶ୍ୱିନୀ ହସ୍ପିଟାଲ, ନୀଳାଚଳ ହସ୍ପିଟାଲ ବଛାଯାଇଛି। ରାଜଧାନୀର ୩ ବିଧାୟକଙ୍କ ସକ୍ରିୟ ସହଯୋଗ ଏବଂ ସ୍ଥାନୀୟ ବିଭିନ୍ନ ଧାର୍ମିକ ସାମାଜିକ ଅନୁଷ୍ଠାନ, ଏନ୍‌ଜିଓ ଓ ଆବାସିକ କଲ୍ୟାଣ ସଂସ୍ଥାଗୁଡିକ ଦ୍ୱାରା କଲ୍ୟାଣ ସଂସ୍ଥାଗୁଡିକ ଦ୍ୱାରା ଭୁବନେଶ୍ୱରରେ ୧୩୮୫ ବିଶିଷ୍ଟ କୋଭିଡ୍ କେୟାର ହୋମ୍ ଯଥାଶୀଘ୍ର ସ୍ଥାପନ ହେବ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ସ୍ଥିତିରେ ଭୁବନେଶ୍ୱର ବସ୍ତି ଅଞ୍ଚଳଗୁଡିକରେ ସଂକ୍ରମଣ ରୋକିବା ଉପରେ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବସ୍ତି କମିଟିଗୁଡିକ ଏ ଦିଗରେ ଭଲ କାମ କରୁଥିବାରୁ ବିଏମ୍‌ସି ସେମାନଙ୍କୁ ପ୍ରୋତ୍ସାହିତ କରୁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପୂଜା କମିଟି ଏବଂ ସାହି କମିଟି ପକ୍ଷରୁ କଟକର ସାହି ବସ୍ତିଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଖୁବ୍‌ଶୀଘ୍ର ଏସ୍‌ସିବିରେ କୋଭିଡ୍-୧୯ ସମ୍ପର୍କିତ ତାଲିମ ଓ ସୂଚନା ଦେବା ଲାଗି ସୂଚନା କେନ୍ଦ୍ର କାର୍ଯ୍ୟ କରିବ। କଟକର ମୋଲେକୁଲାର ଜେନୋମି ଲ୍ୟାବ୍‌କୁ ଅପଗ୍ରେଡେସନ କରାଯିବ। ଫଳରେ କରୋନା ରୋଗୀଙ୍କୁ ଫଳପ୍ରଦ ଚିକିତ୍ସା ଯୋଗାଇ ହେବ।

ଏହି ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁଟ୍‌ଖା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଉପରେଗୁରୁତ୍ୱ ଦେଉଥିବା ବେଳେ ମନ୍ତ୍ରୀ ପ୍ରତାପ ଜେନା ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ, ଅଧିକ ଶଯ୍ୟା ଏବଂ ଆଇସିୟୁ ଉପରେ ଗୁରୁତ୍ୱ ଦେଇଛନ୍ତି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କୋଭିଡ୍ ସଚେତନତା ଅଭିଯାନରେ ଥିବା ବ୍ୟକ୍ତିମାନଙ୍କ ଇନସ୍ୟୁରାନ୍ସ କଭରେଜ ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ପ୍ଲାଜମା ଥେରାପି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏଥିପାଇଁ ଏକ ପ୍ରୋଟୋକଲର ବିକାଶ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଗଞ୍ଜାମର ୩ ଗୁରୁତର କରୋନା ରୋଗୀଙ୍କୁ ମଙ୍ଗଳବାର ପ୍ଲାଜମା ଥେରାପି ଦିଆଯିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି କଟକ ଓପିଡି ଖୋଲିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି।

### ଗାର୍ଡ, ଫରେଷ୍ଟର...

ଇତ୍ୟାଦି ଅନେକ କାମରେ ଗାର୍ଡ ଏବଂ ଫରେଷ୍ଟରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ସଂଖ୍ୟା ଅଭାବରୁ ସେମାନଙ୍କୁ ମଲ୍ଟି ଫରେଷ୍ଟ କାମ କରିବାକୁ ପଡୁଛି। ଆଗକୁ ଯେତେବେଳେ ସବୁ ଅସ୍ଥାୟୀ କର୍ମଚାରୀ ବିଦା ହୋଇଯିବେ, ଅବସ୍ଥା ଅସମ୍ଭାଳ ହେଇଯିବ ବୋଲି ଏବେଠାରୁ ଜଳଜଳ ହୋଇ ଦିଶିଲାଣି। ମଣିଷ-ବନ୍ୟପ୍ରାଣୀ ଲଢ଼େଇ ପରିଚାଳନା କରିବା କ୍ଷେତ୍ରରେ ସବୁଠୁ ଅଧିକ ସମସ୍ୟା ସୃଷ୍ଟି ହେଉଛି। କାରଣ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଣିଷ-ବନ୍ୟପ୍ରାଣୀ ଦ୍ୱନ୍ଦ୍ୱରେ ସବୁଠାରୁ ଅଧିକ ଚିନ୍ତା ବଢ଼ାଉଛି ହାତୀ-ମଣିଷ ଲଢ଼େଇ। ସୁପ୍ରିମକୋର୍ଟଙ୍କ ବାରଣ ପରେ ହାତୀ ଘଉଡ଼ାଇବା ପାଇଁ ହାବେଳି ବାଣ ବା ଫୋଟକା ବାଣ କିମ୍ବା ନିଆଁ ହୁଳା ସମ୍ପୂର୍ଣ୍ଣ ବନ୍ଦ ହେଇଯାଇଛି। ହାତୀ ମଣିଷ ଲଢ଼େଇ ଯୋଗୁ ଗାର୍ଡ ଏବଂ ଫରେଷ୍ଟରମାନେ ଅଧିକାଂଶ ସ୍ଥାନରେ ଜନ ଅସନ୍ତୋଷର ସମ୍ମୁଖୀନ ହେଉଛନ୍ତି। ଏପରି କି ଅନେକ ସ୍ଥାନରେ ମରଣାନ୍ତକ ଆକ୍ରମଣର ଶିକାର ମଧ୍ୟ ହେଉଛନ୍ତି। ଆବଶ୍ୟକ ସଂଖ୍ୟକ ଗାର୍ଡ ଓ ଫରେଷ୍ଟରର ପଦବୀ ପୂରଣ ହେଉ ନ ଥିବାରୁ କମ୍ ସଂଖ୍ୟକ କର୍ମଚାରୀରେ ବିଭିନ୍ନ ମଲ୍ଟି ଫରେଷ୍ଟ କାମ କରାଯାଉଛି। ଜଣେ ଲୋକ କଦାପି ସବୁ ଜାଗାରେ ଉପସ୍ଥିତ ରହିବା ଅସମ୍ଭବ। ଯଦି କେବେ କେଉଁଠି ହାତୀ ମୃତ୍ୟୁ ହେଲା ଡିଏଫ୍‌ଓମାନେ କେବଳ ଗାର୍ଡ ଓ ଫରେଷ୍ଟରଙ୍କୁ ନିଲମ୍ବନ କରୁଛନ୍ତି, ଯାହାକି ସେମାନଙ୍କ ମନୋବଳ ଭାଙ୍ଗି ଦେଉଛି ବୋଲି ରାଜ୍ୟ ଅଣଗେଜେଟେଡ୍ ବନ କର୍ମଚାରୀ ସଂଘର ସମ୍ପାଦକ ସମୀର ବେହେରା କହିଛନ୍ତି। ଆମର କିଛି ଗାର୍ଡ ଭାଇମାନେ ହାତୀ ଆକ୍ରମଣର ମଧ୍ୟ ଶିକାର ହୋଇଛନ୍ତି। କାରଣ ଟର୍ଚ୍ଚ ଲାଇଟ୍ କିମ୍ବା ସାଇରନ୍ ବଜେଇ ହାତୀଙ୍କୁ ଫସଲ କିଆରିରୁ ଘଉଡ଼େଇବା ଅସମ୍ଭବ। ଏବେ ହାତୀ ଫସଲ ଖାଇବା ବେଳେ ଗାଁ ଲୋକଙ୍କ ରୋଷ ବି ଆମକୁ ଭୋଗିବାକୁ ପଡୁଛି। ଆମେ କାମ କରିବାକୁ ସବୁବେଳେ ପ୍ରସ୍ତୁତ ହେଲେ କର୍ମଚାରୀଙ୍କ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ସମୀର କହିଛନ୍ତି। ପଦବୀ ଖାଲିପଡ଼ିଥିବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

ଗତ ମାସରେ ହାତୀଙ୍କ ଗତିବିଧି ମନିଟରିଂ କରିବା ପାଇଁ ରାଜ୍ୟ ସରକାର ନୂଆ ନିର୍ଦ୍ଦେଶନାମା ପ୍ରଣୟନ କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ ହାତୀଙ୍କର ଯାତାୟାତକୁ ନିରୀକ୍ଷଣ କରିବା ପାଇଁ ତ୍ରିସ୍ତରୀୟ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ଏହା ୨୪ଘଣ୍ଟିଆ କାର୍ଯ୍ୟ କରିବ ଓ ସବୁ କଣ୍ଟ୍ରୋଲ ରୁମ୍‌ରେ ଗାର୍ଡ ଓ ଫରେଷ୍ଟର ନିୟୋଜିତ ହେବେ। ଫଳରେ ଗାର୍ଡ ଓ ଫରେଷ୍ଟରଙ୍କୁ ସିଫ୍ଟ ଅନୁସାରେ ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ଯଦି ଜଣେ ଗାର୍ଡ ବା ଫରେଷ୍ଟର କଣ୍ଟ୍ରୋଲ ରୁମରେ ଡ୍ୟୁଟି କରିବେ, ତେବେ ତାଙ୍କର ଅନ୍ୟ କାମ ନିଶ୍ଚୟ ବାଧାପ୍ରାପ୍ତ ହେବ। କାରଣ ଏବେ ୨୫୦୦ ପଦବୀ ଖାଲି ପଡ଼ିଛି ଏବଂ ନିକଟ ଭବିଷ୍ୟତରେ ପୂରଣ ହେବାର ଆଶା ମଧ୍ୟ ଖୁବ୍ କ୍ଷୀଣ। ତେଣୁ ଯଦି ଗାର୍ଡ ଓ ଫରେଷ୍ଟର ପଦବୀ ଖୁବ ଶୀଘ୍ର ପୂରଣ କରା ନ ଯାଏ, ତେବେ ହାତୀ ଗତିବିଧି ମନିଟରିଂ ଯେ ବିଫଳ ହେବ ଏଥିରେ ସନ୍ଦେହ ନାହିଁ। ଏସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କୁହନ୍ତି, ହାତୀଙ୍କ ପାଇଁ ହୋଇଥିବା ଏହି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ଯେଉଁ ନିୟମାବଳୀ ରହିଛି ତାହା କ୍ଷେତ୍ର ସ୍ତରରେ କାର୍ଯ୍ୟ କରି ହେବ ନାହିଁ। ଏଥି ପାଇଁ ଅଧିକ ଲୋକସଂଖ୍ୟା ଆବଶ୍ୟକ ବୋଲି ମହାନ୍ତି କହିଛନ୍ତି।

### ମଙ୍ଗଳାଯୋଡ଼ିରେ...

ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଚିଲିକା ବନଖଣ୍ଡ ଅନ୍ତର୍ଗତ ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳରେ ରହିଛି ମଙ୍ଗଳାଯୋଡ଼ି। କିଛି ବର୍ଷ ତଳେ ଶିକାରୀଙ୍କୁ ସଚେତନ କରାଇ ଏଠାରେ ଇକୋ ଟୁରିଜମ୍ ଆରମ୍ଭ ହୋଇଛି। ଏଥିସହ ଆବଶ୍ୟକ ପାଟ୍ରୋଲିଂ କରାଯାଇ ପକ୍ଷୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ସେବେଠାରୁ ଏଠାରେ ଶିକାର ଅନେକ ପରିମାଣରେ କମି ଯାଇଥିଲା। କିନ୍ତୁ କରୋନା କଟକଣା ପରଠାରୁ ମଙ୍ଗଳାଯୋଡ଼ିର ଆଖପାଖ ଗାଁଗୁଡ଼ିକରେ ବେଧଡ଼କ ପକ୍ଷୀ ଶିକାର ଚାଲିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଶୀତ ଦିନରେ ଦେଶବିଦେଶରୁ ଚିଲିକାକୁ ଆସୁଥିବା ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ଯାଏ ଅନେକ ଅସ୍ଥାୟୀ କ୍ୟାମ୍ପ କରାଯାଇ ନିୟମିତ ପାଟ୍ରୋଲିଂ କରାଯାଇଥାଏ। ଏହାଛଡ଼ା ଅନ୍ୟ ସମୟରେ ମଧ୍ୟ ପାଟ୍ରୋଲିଂ ହୋଇଥାଏ। ଏବେ ଏହି ଅଞ୍ଚଳରେ ପାଟ୍ରୋଲିଂର ଠିକ୍‌ଠିକଣା ନାହିଁ। ଫଳରେ ଆଖପାଖ ଗାଁଗୁଡ଼ିକରେ ବେଧଡ଼କ ପକ୍ଷୀ ଶିକାର ଚାଲିଛି। ମଙ୍ଗଳାଯୋଡ଼ି ନିକଟରେ ବାଲିନାଶୀ ଓ ପଞ୍ଚୁପାଟିଆ ୨ଟି ଗାଁ ରହିଛି। ଏଠାକୁ ମଧ୍ୟ ପ୍ରତିବର୍ଷ ଲକ୍ଷଲକ୍ଷ ଦେଶୀ ଓ ବିଦେଶୀ ପକ୍ଷୀ ଆସନ୍ତି। ଅନେକ ପକ୍ଷୀ ମଧ୍ୟ ଏହି ଅଞ୍ଚଳକୁ ବାସସ୍ଥାନ କରିଦେଇଛନ୍ତି। ଏହି ପକ୍ଷୀଗୁଡ଼ିକ ମଧ୍ୟରେ ପର୍ପଲ ମୁର ହେନ୍, କମନ ମୁର ହେନ୍, ପର୍ପଲ ହେରନ୍, ଗ୍ରେ ହେରନ୍, କମନ୍ କୁଟ୍, ୱାଟର୍ କକ୍, ୩ ପ୍ରଜାତିର ଇଗ୍ରେଟ୍ ପକ୍ଷୀଙ୍କ ସହିତ ବିରଳ ବ୍ଲାକ୍ ବିଟର୍ନ, ୟେଲୋ ବିଟର୍ନ, ସିନାମନ୍ ବିଟର୍ନ ପ୍ରଜାତି ଅଧିକାଂଶ ରହିନ୍ତି। ସ୍ପଟ୍ ବିଲ୍‌ଡ ପେଲିକାନ ମଧ୍ୟ ଦେଖାଯାଉଛନ୍ତି। ସେଥିପାଇଁ ବାଲିନାଶୀ ଅଞ୍ଚଳରେ ମଧ୍ୟ ଅକ୍ଟୋବରରେ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇ ପାଟ୍ରୋଲିଂ ହୋଇଥାଏ। ଏବେ ଆଉ ପାଟ୍ରୋଲିଂ ନ ଥିବାରୁ ଅସ୍ଥାୟୀ କ୍ୟାମ୍ପ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ବଡ଼ ପକ୍ଷୀଧରା ଫାଶ ବିଛା ଯାଇଥିବା ଦେଖିବାକୁ ମିଳୁଛି। ବଡ଼ବଡ଼ ବାଉଁଶ ପୋତି ପ୍ରାୟ ୫୦ ଫୁଟ ବା ତା'ଠୁ ଅଧିକ ଲମ୍ବ ଓ ଉଚ୍ଚର ସରୁ ଜାଲ ଫାଶ ଟଙ୍ଗା ଯାଇଛି। ଚଢ଼େଇମାନେ ଦଳଦଳ ହୋଇ ଉଡ଼ି ଯିବାବେଳେ ସେହି ଜାଲ ଫାଶରେ ପଡ଼ିଯାଉଛନ୍ତି। ଶିକାରୀମାନେ ଜୀବନ୍ତ ହେଉ ଅବା ମୃତ ଅବସ୍ଥାରେ ଧରିନେଇ ବିକ୍ରି କରୁଛନ୍ତି। ଉଚ୍ଚକୁ ପୋତା ହୋଇଥିବା ବାଉଁଶ ଓ ନୀଳ ରଙ୍ଗର ଜାଲରେ ତିଆରି ଫାଶଗୁଡ଼ିକ ସମସ୍ତଙ୍କୁ ଦିଶୁଛି, କିନ୍ତୁ ବନ ବିଭାଗ କିପରି ଦେଖିପାରୁନି ତାହାକୁ ନେଇ ପକ୍ଷୀ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଚିଲିକା ବନଖଣ୍ଡ ଅଧିକାରୀ ଆଲୋକ ରଞ୍ଜନ ହୋତା କୁହନ୍ତି, ଏ ସମ୍ପର୍କରେ ଆମ ପାଖକୁ କିଛି ଖବର ଆସିନାହିଁ। ତେବେ ଘଟଣାସ୍ଥଳକୁ କର୍ମଚାରୀଙ୍କୁ ପଠାଇ ଯାଞ୍ଚ କରି ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

### ନଦୀ ଜଳ ପ୍ରଦୂଷଣ:...

ସମଗ୍ର ଦେଶରେ ୩୫୧ ନଦୀ ପ୍ରଦୂଷଣ ହୋଇଥିବା ବେଳେ ଓଡ଼ିଶାରେ ୧୯ଟି ନଦୀ ପ୍ରଦୂଷିତ ହୋଇଛି। ସିପିସିବି ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ଗଙ୍ଗୁଆ, ଗୁରାଡିହି ନାଳା, କାଠଯୋଡି, ନନ୍ଦିରାଯୋର, ଦୟା, କୁଆଖାଇ, ବାଙ୍ଗୁରୁ ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୁଲ୍ୟା, ସାବୁଲିଆ ଏବଂ ସାରୁଆ ନଦୀ ପ୍ରଦୂଷିତ ହୋଇଛି। ପ୍ରଦୂଷଣ କାରଣରୁ ଏହି ନଦୀଗୁଡ଼ିକର ଜଳରେ ବାୟୋ କେମିକାଲ ଅକ୍ସିଜେନ୍ ଡିମାଣ୍ଡ (ବିଓଡି) ବହୁ ମାତ୍ରାରେ ବଢ଼ିଯାଉଛି। ବିଓଡି ସ୍ତର ପ୍ରତି ଲିଟର ଜଳରେ ୧ରୁ ୨ ମିଲିଗ୍ରାମ୍ ରହିଲେ ତାହା ବ୍ୟବହାର ଉପଯୋଗୀ ହୋଇଥାଏ। ଏହା ଠାରୁ ଅଧିକ ରହିଲେ ତାହାକୁ ପ୍ରଦୂଷିତ ବୋଲି ଧରାଯାଏ। ତେବେ ଉକ୍ତ ୧୯ଟି ନଦୀର ବିଓଡି ୩ରୁ ୬ ମିଲିଗ୍ରାମ୍ ଉପରେ ରହିଥିବା ସିପିସିବି ରିପୋର୍ଟରେ କୁହାଯାଇଛି। ଏ ସବୁ ନଦୀର ଜଳ ପ୍ରଦୂଷଣକୁ ରୋକିବାକୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଯଦ୍ଦ୍ୱାରା ନଦୀ ଜଳ ବେଳକୁ ବେଳ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ପ୍ରାକୃତିକ ଜଳାଶୟ ଗୁଡ଼ିକର ପ୍ରଦୂଷଣକୁ ଏନ୍‌ଜିଟି ଅପରାଧ ଭାବେ ବିବେଚନା କରିଛନ୍ତି। ନିଜ ଆଡୁ ମାମଲା କରି ଏନ୍‌ଜିଟି କହିଛନ୍ତି ଯେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକ ଜଳ ପ୍ରଦୂଷଣ ରୋକିବା ଦିଗରେ ବିଫଳ ହୋଇଛନ୍ତି। ଏପରିକି ପ୍ରଦୂଷଣକାରୀଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଯଦ୍ଦ୍ୱାରା ନଦୀ ନାଳଗୁଡ଼ିକ ବିଷାକ୍ତ ହେବାରେ ଲାଗିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହି ପ୍ରାକୃତିକ ସମ୍ପଦ ନଷ୍ଟ ହେବାରେ ଲାଗିଛି। ଏନ୍‌ଜିଟି ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ଥିବା ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଏନ୍‌ଜିଟି ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଉ ନାହିଁ। ନଦୀକୁ କୌଣସି ଶିଳ୍ପ ସଂସ୍ଥା, ପୌର ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ବିନା ବିଶୁଦ୍ଧୀକରଣରେ ବର୍ଜ୍ୟ ଜଳକୁ ଛାଡି ପାରିବେ ନାହିଁ। ଆଇନ ଅନୁଯାୟୀ ସମ୍ପୃକ୍ତ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରଦୂଷିତ ନଦୀ ମଧ୍ୟକୁ ଆହୁରି ବହୁ ପରିମାଣର ପ୍ରଦୂଷିତ ଜଳ ଛଡ଼ାଯାଉଛି। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏନ୍‌ଜିଟି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଭାଲ୍‌ଭଯୁକ୍ତ ଏନ୍-୯୫...

ଦରକାର, ଯେମିତି କୌଣସି ଗ୍ୟାପ୍ ରହୁ ନ ଥିବ ଓ ମୁହଁକୁ ଫିଟ୍ ହେଉଥିବା ମାସ୍କ ପିନ୍ଧିବା ପୂର୍ବରୁ ହାତକୁ ଭଲ ଭାବେ ପାଣିରେ ଧୋଇନେବା ଠିକ୍ ହେବ। ମାସ୍କ କାହା ସହ ଶେୟାର କରାଯିବା ଅନୁଚିତ ବୋଲି ଦର୍ଶାଯାଇଛି।

### ବଜାଜ ଫାଇନାନ୍ସ...

ପଦବୀରେ ରହିବେ ବୋଲି ସୂଚନା ରହିଛି। ସେ କମ୍ପାନୀ ସହ ଜଡିତ ହୋଇ ରହିବେ। ଅଣ କାର୍ଯ୍ୟନିର୍ବାହୀ ଏବଂ ଅଣ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ସେ କମ୍ପାନୀ ସହ କାମ କରିବେ। ରାହୁଲ ବଜାଜଙ୍କ ସ୍ଥାନରେ ଅଗଷ୍ଟ ପହିଲାରୁ ସଞ୍ଜୀବ ବଜାଜ ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ନିଯୁକ୍ତିକୁ କମ୍ପାନୀର ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି।

### ଲାଲ୍‌ଜୀ ଟଣ୍ଡନଙ୍କ...

ବାସଭବନଠାରେ ରଖାଯିବା ପରେ ବହୁଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଶେଷକୃତ୍ୟ ଗୁଲାଲା ଘାଟରେ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟର ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି। ଉତ୍ତରପ୍ରଦେଶରେ ଭାଜପା ସ୍ଥିତି ଦୃଢ଼ କରିବାରେ ଲାଲ୍‌ଜୀଙ୍କ ଅତୁଳନୀୟ ଅବଦାନ ରହିଥିଲା। ଜନସେବାରେ ସେ ସବୁବେଳେ ନିଜକୁ ବ୍ୟସ୍ତ ରଖୁଥିଲେ ବୋଲି ମୋଦି ପ୍ରକାଶ କରିଛନ୍ତି। ଲାଲ୍‌ଜୀଙ୍କ ପରଲୋକ ପରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କୁ ମଧ୍ୟପ୍ରଦେଶର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୩୫ରେ ଜନ୍ମଗ୍ରହଣ କରିଥିବା ଲାଲ୍‌ଜୀଙ୍କ ୩ ପୁଅ ଓ ସ୍ତ୍ରୀ ଅଛନ୍ତି। ୨ ଥର ଉତ୍ତରପ୍ରଦେଶ ବିଧାନ ପରିଷଦ ଓ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭାଜପା ଏବଂ ଭାଜପା-ବିଏସ୍‌ପି ସରକାରରେ ସେ ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ପଞ୍ଚଦଶ ଲୋକ ସଭା ନିର୍ବାଚନରେ ସେ ଲକ୍ଷ୍ନୌ ଆସନରୁ ବିଜୟୀ ହୋଇଥିଲେ। ୨୦୧୮ରେ ବିହାର ରାଜ୍ୟପାଳ ଓ ପରେ ମଧ୍ୟପ୍ରଦେଶର ରାଜ୍ୟପାଳ ଭାବେ ତାଙ୍କୁ ଅବସ୍ଥାପିତ କରାଯାଇଥିଲା।

### ଉଦୟନାଥଙ୍କୁ...

ସେହିପରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଡାକ୍ତରମାନଙ୍କ ପ୍ରଚେଷ୍ଟାରୁ ଏହା ସମ୍ଭବ ହୋଇପାରିଥିବା ଜଣାଇଛନ୍ତି। ଏଥିସହ ଏହି କୋଭିଡ୍ ହିରୋଙ୍କୁ ସେ ସାଲ୍ୟୁଟ ଜଣାଇଛନ୍ତି। ସୂଚନାଯୋଗ୍ୟ, ବୃଦ୍ଧ ଉଦୟନାଥ କରୋନାରେ ଆକ୍ରାନ୍ତ ହୋଇ ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇ ଗତ୧୮ ତାରିଖରେ ହସ୍ପିଟାଲରୁ ସେ ଡିସ୍‌ଚାର୍ଜ ହୋଇଛନ୍ତି।

### ବଦଳୁଛି ଓଡ଼ିଶାର...

ବ୍ରି ଜେ, ଶୁଭମ ଓରଫ ସାଢେ ୭ ଓ ଏମ୍‌ସି ଟୋର୍‌ଙ୍କ ଭଳି ୮ଜଣ ର୍‍ୟାପର୍ ମିଶି ନିକଟରେ 'ଉତ୍କଳ ସାଇଫର୍' ନାମକ ଓଡ଼ିଆ ର୍‍ୟାପ୍ ଭିଡ଼ିଓ କରି ଚର୍ଚ୍ଚାକୁ ଆସିଥିଲେ। ରାଜ୍ୟ ବାହାରେ ରହି କାମ କରୁଥିବା କଳାହାଣ୍ଡି ଜିଲାର ଦୁଲେଶ୍ୱର ତାଣ୍ଡି ଓରଫ ରାପର୍ ଡ୍ୟୁଲ୍ ରକର୍ ନିକଟରେ ନିଜ ରାପ୍ ମାଧ୍ୟମରେ ରାତାରାତି ଇଣ୍ଟରନେଟ୍ ସେନ୍‌ସେଶନ୍ ପାଲଟିଛନ୍ତି। ବହୁ ବଡ଼ ବଡ଼ ବଲିଉଡ୍ ସେଲିବ୍ରିଟି ଓ ମ୍ୟୁଜିକ୍ କମ୍ପୋଜର୍ ତାଙ୍କ ରାପ୍ ମାୟାରେ ପଡ଼ିଛନ୍ତି। ସେହିଭଳି ଏବେ ଆଉଜଣେ ଓଡ଼ିଆ ନିଜ ଶବ୍ଦ ପ୍ରହାର ପାଇଁ ୟୁଟ୍ୟୁବ୍‌ରେ ଲୋକପ୍ରିୟ ହୋଇଛନ୍ତି। ଅଭିନବ ସିଂ ଓରଫ ରାପର୍ ଜଗରନଟ୍। କଟକର ଏହି ଯୁବ ରାପର ନିଜ ରାପ୍ ମାଧ୍ୟମରେ କେବଳ ଓଡ଼ିଶାର ରାପ୍ କଲ୍‌ଚର ପାଇଁ ଏକ ନୂଆ ଆଶା ସୃଷ୍ଟି କରିନାହାନ୍ତି, ବରଂ ଏହା ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର କରୁଛନ୍ତି। 'ଅର୍ବାନ୍ ଲୋଫର୍' ବ୍ୟାନରରେ ପ୍ରସ୍ତୁତ 'ଶବ୍ଦ ପ୍ରହାର' ନାମକ ରାପ୍‌କୁ ଅଭିନବଙ୍କ ସହ ରାପର୍ ଏମ୍‌ସି ଟୋର୍ ଓରଫ ତନ୍ମୟ ସାହୁ ଲେଖିବା ସହ ଉଭୟ ଏହି ଗୀତରେ ଅଭିନୟ କରିଛନ୍ତି। ବର୍ତ୍ତମାନର କରୋନା ସଂକଟ ସମୟରେ ବଢୁଥିବା ଆତ୍ମହତ୍ୟା ଘଟଣାକୁ ଉଭୟ ତାଙ୍କ ରାପ୍‌ରେ ରୋକିବାକୁ ଚେଷ୍ଟା କରିଛନ୍ତି। କୋଭିଡ୍ ସମୟରେ ଲୋକଙ୍କୁ ସାହସ ଓ ଶକ୍ତି ଦେବା ଏବଂ ପାଖରେ ଯାହା ଅଛି ତାହାକୁ ନେଇ ଖୁସି ହେବାକୁ ସେମାନେ ବାର୍ତ୍ତା ଦେଇଛନ୍ତି। ଓଡ଼ିଶା ଆର୍ଟିଷ୍ଟ କନେକ୍ସନ ସହଯୋଗରେ ନିର୍ମିତ ଏହି ଭିଡିଓ ରିଲିଜ ହେବାର ମାତ୍ର ୩ ସପ୍ତାହ ମଧ୍ୟରେ ୧୯ ହଜାରରୁ ଊର୍ଦ୍ଧ୍ୱ ଭ୍ୟୁ ସାଉଣ୍ଟିଛି। ରାପ୍‌ରେ ଓଡ଼ିଆ ସାହିତ୍ୟର ବ୍ୟବହାର ସମ୍ପର୍କରେ ଅଭିନବ କୁହନ୍ତି, ବାପା ଜଣେ ଓଡ଼ିଆ ଅଧ୍ୟାପକ ହୋଇଥିବାରୁ ତାଙ୍କ ପ୍ରଭାବ ମୋ ଉପରେ ପଡ଼ିଛି। ଇଲିଂଶ ମିଡିୟମ୍‌ରେ ପାଠ ପଢ଼ିଥିଲେ ମଧ୍ୟ ଛୋଟବେଳୁ ଓଡ଼ିଆ ସାହିତ୍ୟ ପ୍ରତି ମୋର ଆକର୍ଷଣ ରହିଆସିଛି। ତେଣୁ ଓଡ଼ିଶା ଶୈଳୀରେ ହିଁ ରାପ୍ କରିବାକୁ ସ୍ଥିର କରିଥିଲି। ଯଦି ଆମ ଭାଷା କଥା ଆମେ ନ କହିବା ତା'ହେଲେ ଆଉକିଏ କହିବ। ନିଜ ଜନ୍ମମାଟି, ନିଜ ଜାତି କଥା ନ କହିଲେ, କେଉଁଠି ନା କେଉଁଠି ନିଶ୍ଚିତ ଭୁଲ୍ କରୁଛେ ବୋଲି କହିଛନ୍ତି ଅଭିନବ। ମଧୁବାବୁଙ୍କ 'ଉଚ୍ଚ ହେବା ପାଇଁ କର ଯଦି ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' ଉକ୍ତିକୁ ଅକ୍ଷରେ ଅକ୍ଷରେ ମାନିଥିବା ଏହି ଯୁବ ରାପର୍ ନିଜ ପ୍ରଫେଶନ ଓ ପ୍ୟାଶନକୁ ବେଶ୍ ଭଲଭାବେ ବାଲାନ୍ସ କରିଛନ୍ତି। ଭବିଷ୍ୟତରେ ଓଡ଼ିଶାର ରାପ୍ କଲ୍‌ଚରକୁ ଆଗକୁ ନେବାକୁ ଲକ୍ଷ୍ୟ ରଖିଥିବା ଅଭିନବ ଅନ୍ୟ ରାପର୍‌ମାନଙ୍କ ସହ ମିଶି 'ଓଡ଼ିଶା ହିପ୍‌ହପ୍ ଫେଷ୍ଟିଭାଲ' ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହିପ୍‌ହପ୍ ଡ୍ୟାନ୍ସର ଓ ରାପର୍‌ମାନଙ୍କୁ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ ସହ ଆଗକୁ ବଢ଼ିବାକୁ ଆର୍ଥିକ ସହାୟତା ଦେବା ଏହି ଫେଷ୍ଟିଭାଲର ମୁଖ୍ୟ ଲକ୍ଷ୍ୟ ରହିବ। ଏହାବ୍ୟତୀତ ଅଧିକରୁ ଅଧିକ ହିପ୍‌ହପ୍ ପାର୍ଟି ଓ ଅଣ୍ଡରଗ୍ରାଉଣ୍ଡ ଡ୍ୟାନ୍ସ ବ୍ୟାଟଲ୍ ଆୟୋଜନ କରିବାକୁ ମଧ୍ୟ ଅଭିନବ ଲକ୍ଷ୍ୟ ରଖିଛନ୍ତି।


## classifieds Everyday
0674-2580101, 2549302




**BRIDE WANTED**

95000 ଦରମା Khandayat 54 ବୟସ୍କ Widower ପୁଅଙ୍କୁ married/ unmarried ଝିଅ ଦରକାର। 7008080967. D-67947

**GROOM WANTED**

ଏକାକୀ ରହି Business କରୁଥିବା 45 ବୟସ୍କା unmarried OBC ଝିଅଙ୍କୁ ଘରଜ୍ୱାଇଁ ଦରକାର, 9668488654. D-67946

Parlourରେ କାମ କରୁଥିବା ନେପାଳୀ divorcee 34ବୟସ୍କା ଝିଅଙ୍କୁ any caste ପୁଅ ଦରକାର 7381460040. D-67945

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903. D-69133

BDA residential plot near Patrapada housing plan approved for sale. 9937123440, 8260673884. D-17794




One Asbestos room with ceiling, Kitchen, Toilet 3500/ near Sum Hospital. 6370627933. D-17792

**LOST**

ଗତ ୨୦।୦୭।୨୦ ଦିନ ୧୦ଟା ସମୟରେ Ratnaprava Govt. Nodal UP School, Podapadaର କିଛି ଗୁରୁତ୍ୱପୂର୍ଣ୍ଣ ରେକର୍ଡ କାମାକ୍ଷା ଛକଠାରୁ ମୂଳିସିଂହ ରାସ୍ତାରେ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଯଦି ପାଇଥାନ୍ତି, ଦୟାକରି ନିମ୍ନ Telephone ନଂ.ରେ ଜଣାଇଲେ କିଛି ପ୍ରୋତ୍ସାହନ ରାଶି ଦିଆଯିବ। Aruna Nayak, Mob: 9438327460, 9438665162. D-66871

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ରବି କେନ୍ଦ୍ରସ୍ଥ ଯୋଗୁ ପାରିବାରିକ ସ୍ଥିତି ଭଲ ରହିଲେ ମଧ୍ୟ ଶନିଙ୍କ ଦୃଷ୍ଟିରୁ ବିଶୃଙ୍ଖଳା ଦେଖାଦେଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି।

**ବୃଷ** – ଧନସ୍ଥ ରାହୁ ଧନହାନି କିମ୍ବା ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କୀୟ ବିବାଦ ସୃଷ୍ଟି କରିପାରେ। ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ ମନ୍ଥର ହେବ। ଘରୋଇ ଅଶାନ୍ତି ଲାଗି ରହିବା ହେତୁ ମନରେ ସରସତା ରହି ନ ପାରେ।

**ମିଥୁନ** – ଟିକିଏ କଥାରେ ଉତ୍ତେଜିତ ହୋଇପଡିବା ଦ୍ୱାରା ସମସ୍ୟା ବଢିଯିବ। ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ବ୍ୟବସାୟରେ ସଫଳତା ହାସଲ କରିବା କଷ୍ଟକର ହୋଇପଡିବ। ଅଫିସ୍ କାମରେ ସହକର୍ମୀ ମାନେ ସହଯୋଗ କରିବା ବଦଳରେ ସମସ୍ୟା ସୃଷ୍ଟିକରିବେ।

**କର୍କଟ** – ଭାଗ୍ୟାଧିପ ନୀଚସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସଙ୍ଗକୁ ମାମୁଲି ଘଟଣାରେ କଳହ ଲାଗିପାରେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି। ପାରିବାରିକ ସମସ୍ୟାକୁ ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ସିଂହ** – ଚତୁର୍ଥକୁ ଶୁକ୍ରଙ୍କ ଦୃଷ୍ଟି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ଖୁସୀରେ କଟାଇବ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡିପାରେ। କୌଣସି କଥାରେ ତରବର ହୋଇ କାମ କରନ୍ତୁ ନାହିଁ, ଅବଶ୍ୟ କର୍ମାରମ୍ଭର ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ।

**କନ୍ୟା** – କେତୁଙ୍କ ଅବସ୍ଥାନ ପ୍ରଭାବରେ ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ବାକ୍ ଅସଂଯମତା ଯୋଗୁଁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଅଫିସ୍ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** – ସ୍ୱଗୃହୀ ଶନି ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁଁ ପାରିବାରିକ ଜୀବନରେ ଛୋଟକଥାରୁ ଅଶାନ୍ତି ଉପୁଜିବ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ମଙ୍ଗଳଙ୍କ ଦୃଷ୍ଟି ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଯେଉଁ କାମ କରିବେ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ନିଜର ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି। କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ। ଅନୁରାଧା ନକ୍ଷତ୍ର ପାରିବାରିକ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** – ଶନି ଓ ରାହୁଙ୍କ କୁପ୍ରଭାବରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ମାଲିମକଦ୍ଦମାରେ ଆପୋଷ ସମାଧାନ ଘଟିବାର ଆଶା ରହିଛି। ଛୋଟଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ ସୃଷ୍ଟି କରିପାରନ୍ତି।

**ମକର** – ଶୁକ୍ରଙ୍କ ଶୁଭତ୍ୱରୁ ପୂର୍ବସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡିପାରେ। ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** – ଧନସ୍ଥ ତୃତୀୟାଧିପ ହେତୁ ବନ୍ଧୁମାନଙ୍କ ସହଯୋଗରେ ଦୀର୍ଘଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟହେବେ।

**ମୀନ** – ଶୁକ୍ର ତୃତୀୟସ୍ଥ ଯୋଗୁଁ ଅନ୍ୟମାନଙ୍କୁ ମନେଇ ଆପଣାର କରିବାରେ ସମର୍ଥ ହେବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।

ଆଜି ଶ୍ରାବଣ ଶୁକ୍ଳ ଦ୍ୱିତୀୟା ବୁଧବାର, ଜୁଲାଇ ୨୨ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ.୦୫.୨୩ ମି. ଗତେ ଘ.୦୭.୦୭ ମି. ମଧ୍ୟେ, ଘ.୦୯.୪୩ ମି.ଗତେ ଘ.୧୧.୨୭ ମି. ମଧ୍ୟେ, ଘ.୦୩.୪୭ ମି. ଗତେ ଘ.୫.୩୧ ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୭ ମି. ଗତେ ଘ.୦୯.୧୯ ମି. ମଧ୍ୟେ,ରାତ୍ରି ଘ.୦୧.୪୩ ମି.ଗତେ ଘ.୦୫.୨୩ ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୦୩ ମି. ଗତେ ଘ.୦୩.୪୭ ମି. ମଧ୍ୟେ, ରାତ୍ରି ଘ.୦୯.୧୯ ମି. ଗତେ ଘ.୧୦.୪୭ ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ. ୧୧.୫୩ ମି. ଗତେ ଘ.୦୧.୩୧ ମି. ମଧ୍ୟେ ରାହୁକାଳ।

**ସିଓଆର୍ ନ ଥିବା ଘରୋଇ ସ୍କୁଲ ରିପୋର୍ଟ ମାଗିଲା ବିଭାଗ**

**ଭୁବନେଶ୍ୱର:** ଘରୋଇ ସ୍କୁଲ ପାଇଁ ରାଜ୍ୟ ସରକାରଙ୍କ କଡ଼ା ନିଷ୍ପତ୍ତି। ସାର୍ଟିଫିକେଟ୍ ଅଫ୍ ରେକଗ୍ନିଶନ (ସିଓଆର୍) ନ ଥିଲେ କାର୍ଯ୍ୟାନୁଷ୍ଠାନ ହେବ। ରାଜ୍ୟରେ ସ୍ୱୀକୃତି ପାଇ ନ ଥିବା ଘରୋଇ ସ୍କୁଲ ଉପରେ କାର୍ଯ୍ୟାଷ୍ଠାନ ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପୂର୍ବରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲା। ଯେଉଁ ଘରୋଇ ସ୍କୁଲର ସିଓଆର୍ ନ ଥିବ ସେମାନଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ୍ ଜାରି ସହ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଥିଲା। ନିଜ ଅଞ୍ଚଳରେ ଏଭଳି କେତୋଟି ସ୍କୁଲ ଅଛି ଓ ସେଗୁଡ଼ିକ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେନେଇ ସରକାରଙ୍କୁ ରିପୋର୍ଟ ଦେବା ପାଇଁ କୁହାଯାଇଛି। ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

# ସୌରଶକ୍ତିରେ ଚାଲିବ ସାନିଟାଇଜର ମେଶିନ

**ପାଣିକୋଇଲି ଅଞ୍ଚଳର ଇଞ୍ଜିନିୟରିଂ ଛାତ୍ରଙ୍କ କୃତିତ୍ୱ**

ଯାଜପୁର ଅଫିସ,୨୧।୭

ଯାଜପୁର ଜିଲାରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଚାଲିଥିବା ସମୟରେ ପାଣିକୋଇଲି ଅଞ୍ଚଳର ଜଣେ ଯୁବଛାତ୍ର ଇଞ୍ଜିନିୟର ଏକ ସ୍ୱତନ୍ତ୍ର ସାନିଟାଇଜର ମେଶିନ ଉଦ୍ଭାବନ କରିଛନ୍ତି। ଏହା ସୌରଶକ୍ତି ଦ୍ୱାରା ଚାଲିପାରୁଛି। ଏହାବାଦ ବ୍ୟାଟେରୀ ଓ ବିଦ୍ୟୁତ୍ ଶକ୍ତି ଜରିଆରେ ମଧ୍ୟ ଏହି ମେଶିନକୁ ବ୍ୟବହାର କରିହେବ। ଜିଲାର କୋରେଇ ବ୍ଲକ ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁଅ ପ୍ରଶାନ୍ତ (୨୧) ସରକାରୀ ଇଞ୍ଜିନିୟରିଂ କଲେଜରେ ବିଟେକ୍ ଦ୍ୱିତୀୟ ବର୍ଷର ଛାତ୍ର। ପିଲାଟି ଦିନରୁ କିଛି ନୂଆ କରିବାର ଅଭିଳାସ ରଖିଥିଲେ ପ୍ରଶାନ୍ତ। କରୋନା ପାଇଁ କଲେଜ ବନ୍ଦ ଥିବାରୁ ସେ ୫ ମାସ ହେଲା ଘରେ ରହୁଛନ୍ତି। ସେ କିଛିଦିନ ତଳେ ବଜାରକୁ ଯାଇଥିବା ବେଳେ ଦୋକାନୀ ରଖିଥିବା ସାନିଟାଇଜରକୁ ସମସ୍ତ ଗ୍ରାହକ ଛୁଇଁ ବ୍ୟବହାର କରୁଥିବା ଦେଖିଥିଲେ, ଯାହା ତାଙ୍କୁ ବ୍ୟଥିତ କରିଥିଲା। ସେଠାକୁ ଆସିଥିବା ଗ୍ରାହକମାନଙ୍କ ମଧ୍ୟରୁ ଜଣେ ଯଦି ଆକ୍ରାନ୍ତ ହୋଇଥାନ୍ତି, ତାହେଲେ ଅନ୍ୟମାନେ ସଂକ୍ରମିତ ହେବାର ଭୟ ରହିଛି। ତେଣୁ ସେ ଚିନ୍ତା କରିଥିଲେ ଏଭଳି ଏକ ମେଶିନ ନିର୍ମାଣ କରିବେ, ଯାହାଦ୍ୱାରା ସାନିଟାଇଜରକୁ ନ ଛୁଇଁ ମଧ୍ୟ ବ୍ୟବହାର କରାଯାଇପାରିବ। କରୋନା ମୁକାବିଲା ପାଇଁ ସାନିଟାଇଜର ଏକ ମୁଖ୍ୟ ଅସ୍ତ୍ର ହୋଇଥିବା ବେଳେ ସୌରଚାଳିତ ଏହି ମେଶିନ ସାଧାରଣ ଲୋକଙ୍କ ପାଇଁ ଉପକାରୀ ହୋଇପାରିବ ବୋଲି ପ୍ରଶାନ୍ତ କହିଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ଏହି ମେଶିନ ଭ୍ରାମ୍ୟମାଣ ହୋଇଥିବା ବେଳେ ଏହାର ଆକାରକୁ ମଧ୍ୟ ଛୋଟ ବଡ଼ କରାଯାଇପାରିବ। ଏଟିଏମ୍ ମେଶିନରେ କରୋନା ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଆଗାମୀ ଦିନରେ ଏଟିଏମ୍‌ରୁ ବାହାରୁଥିବା ଟଙ୍କାକୁ ମଧ୍ୟ ଏହି ମେଶିନ ବ୍ୟବହାର କରି ସାନିଟାଇଜ କରାଯାଇ ଗ୍ରାହକଙ୍କୁ ଦିଆଯାଇପାରିବ ବୋଲି ପ୍ରଶାନ୍ତ ଦାବି କରିଛନ୍ତି। ଜଣେ ଟେଲର ଦୋକାନୀ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅଙ୍କ ଏଭଳି ଉଦ୍ଭାବନକୁ ଦେଖିବାକୁ ଆଖପାଖ ଲୋକଙ୍କ ଭିଡ ଜମୁଛି। ପୁଅକୁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପ୍ରୋତ୍ସାହନ ଦେଲେ ସେ ଆହୁରି କୃତିତ୍ୱ ଅର୍ଜନ କରି ଦେଶକୁ ଗୌରବାନ୍ୱିତ କରିବ ବୋଲି ପୂର୍ଣ୍ଣଚନ୍ଦ୍ର କହିଛନ୍ତି।



ସାନିଟାଇଜର ମେଶିନ ସହ ଇଞ୍ଜିନିୟରିଂ ଛାତ୍ର ପ୍ରଶାନ୍ତ।

# ପ୍ରସ୍ତାବରେ ଅଟକିଛି ରୋବୋଟିକ ସର୍ଜରୀ

- ୨୦୧୭ ଶେଷ ସୁଦ୍ଧା ଆରମ୍ଭ ହେବାର ଥିଲା
- କାର୍ଯ୍ୟକ୍ଷମ ହେଲେ କମ୍ ଖର୍ଚ୍ଚରେ ଉତ୍ତମ ଶଲ୍ୟ ଚିକିତ୍ସା ମିଳିବ

କଟକ ଅଫିସ,୨୧।୭

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋବୋଟିକ ସର୍ଜରୀ ଦ୍ୱାରା ଅସ୍ତ୍ରୋପଚାର ପାଇଁ ୨୦୧୭ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତାବ ରଖିଥିଲା। ୨୦୧୭ ଡିସେମ୍ବର ସୁଦ୍ଧା ଏହି ଚିକିତ୍ସା ପଦ୍ଧତି ଆରମ୍ଭ କରିବାକୁ ସରକାର ଟାର୍ଗେଟ୍ କରିଥିଲେ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବା ଉପରେ ଥିଲା। ଅଢ଼େଇ ବର୍ଷ ବିତି ଯାଇଥିଲେ ବି ଏହା କାର୍ଯ୍ୟକ୍ଷମ ହୋଇ ନ ପାରିବା ସବୁଠୁ ବଡ଼ ବିଡ଼ମ୍ବନା।

ରୋବୋଟିକ୍ ଚିକିତ୍ସା ପଦ୍ଧତି କାର୍ଯ୍ୟକାରୀ ହୋଇଥିଲେ ରାଜ୍ୟର ଅନେକ ରୋଗୀ କମ୍ ଖର୍ଚ୍ଚରେ ଉତ୍ତମ ଶଲ୍ୟ ଚିକିତ୍ସା ପାଇଥାନ୍ତେ। ରୋବୋଟିକ ସର୍ଜରୀ ଦ୍ୱାରା ରୋଗୀ ଦେହରେ କମ୍ କଟାକଟି ଓ ସର୍ବନିମ୍ନ ରକ୍ତସ୍ରାବରେ ଅସ୍ତ୍ରୋପଚାର କରିହୁଏ। ଶରୀରର ଯେଉଁ ସବୁ ଅଙ୍ଗପ୍ରତ୍ୟଙ୍ଗ ପାଖରେ ଡାକ୍ତରଙ୍କ ହାତ ପହଞ୍ଚେ ନାହିଁ, ସେସବୁ ସ୍ଥାନରେ ରୋବୋଟ ପହଞ୍ଚି ସଫଳ ଅସ୍ତ୍ରୋପଚାର କରିପାରେ। କମ୍ କଟାକଟି ଓ ରକ୍ତସ୍ରାବ ଯୋଗୁ ଅସ୍ତ୍ରୋପଚାର ପରେ ରୋଗୀ ମଧ୍ୟ ଶୀଘ୍ର ଆରୋଗ୍ୟ ହୋଇ ଘରକୁ ଫେରେ। ଏସବୁ ବିଶେଷ ସୁବିଧା ପାଇଁ ଏସ୍‌ସିବିର ୟୁରୋଲୋଜି (ମୂତ୍ରାଶୟ) ବିଭାଗରେ ପ୍ରଥମେ ଏହି ମେଶିନ ବ୍ୟବହାର ପାଇଁ ନିଷ୍ପତ୍ତି ହୋଇଥିଲା। କାରଣ ଏହି ବିଭାଗରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ, ପ୍ରୋଷ୍ଟେଟ କ୍ୟାନସର ଭଳି ସୂକ୍ଷ୍ମ ଅସ୍ତ୍ରୋପଚାର ହୁଏ। ଏହା ବ୍ୟତୀତ ରୋବୋଟିକ ସର୍ଜରୀକୁ କ୍ୟାନସର, ଇଏନ୍‌ଟି, ହୃଦ୍‌ଶଲ୍ୟ, ଗ୍ୟାଷ୍ଟ୍ରୋ ସର୍ଜରୀ, ସ୍ତ୍ରୀରୋଗ ଭଳି ବିଭାଗରେ ମଧ୍ୟ ବ୍ୟବହାର କରାଯାଏ। ଏନେଇ ୟୁରୋଲୋଜି ବିଭାଗର ମୁଖ୍ୟ ତଥା ଏସ୍‌ସିବି ପ୍ରିନ୍ସିପାଲ ପ୍ରଫେସର ଦଣ୍ଡେଶ୍ୱର ହୋତା କହିଛନ୍ତି, ଏହା ମୋର ଡ୍ରିମ୍ ପ୍ରୋଜେକ୍ଟ। ୨୦୧୭ ଡିସେମ୍ବର ଶେଷ ସୁଦ୍ଧା ଏହା ଆରମ୍ଭ ହେବାର ଥିଲେ ମଧ୍ୟ ବିଳମ୍ବର କାରଣ ଜଣାପଡୁନାହିଁ। ଆମ ପାଖରେ ପୂରା ଡାକ୍ତରୀ ଟିମ୍ ଅଛି। ଆମ ସହ ଆଉ ୧୫ ଜଣ ୟୁରୋଲୋଜି ବିଭାଗର ଏମ୍‌ସିଏଚ୍ ଛାତ୍ର ମଧ୍ୟ ଅଛନ୍ତି। ଭିତ୍ତିଭୂମି ପ୍ରସ୍ତୁତ, କେବଳ ମେଶିନ ଆସିଲେ କାମ ଆରମ୍ଭ ହେବ।

# ପାୱାର ଥର୍ମାଲ ପ୍ଲାଣ୍ଟ ସ୍ୱପ୍ନ ପୂରଣ କରିବ ରେଳପଥ



ପାୱାର ପ୍ଲାଣ୍ଟ ପ୍ରକଳ୍ପ ଜମି ପଡିଆ ପଡିଛି।

- ପଡ଼ିଆ ପଡ଼ିଛି ୪ ରାଜସ୍ୱ ଗ୍ରାମର ୮୭୫ ଏକର ଜମି
- ଏସ୍‌ପିଆଇପିଏଲ୍ ସହ ହୋଇଥିଲା ଏମ୍‌ଓୟୁ
- ୫୦ ଏକର ଜମି ଉପରେ ହୋଇଥାନ୍ତା ସହରାଞ୍ଚଳ

କେନ୍ଦ୍ରାପଡ଼ା ଅଫିସ, ୨୧।୭

ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ୍ ରେଳପଥ ନିର୍ମାଣ ସରିଛି। ଏହାର ଟ୍ରାକ୍ ଉପରେ ଟାୱାର କାର ଚଳାଇ ନିରୀକ୍ଷଣ କରାଯାଉଛି। ଅଗଷ୍ଟ ଶେଷ ସୁଦ୍ଧା ପଣ୍ୟବାହୀ ରେଳ ଚଳାଚଳ କରିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଆରମ୍ଭ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲାରେ ପ୍ରସ୍ତାବିତ ପାୱାର ଥର୍ମାଲ ପ୍ଲାଣ୍ଟ ପ୍ରତିଷ୍ଠା ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଶିଳ୍ପବିହୀନ ଏହି ଜିଲାରେ ପାୱାର ଥର୍ମାଲ ପ୍ଲାଣ୍ଟ ନିର୍ମାଣ ବିକାଶ ପାଇଁ ପଥ ଖୋଲିବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

୨୦୧୧ରେ ଜିଲାର ମହାକାଳପଡା ତହସିଲ ଅଞ୍ଚଳରେ ଦୁଇଟି ୬୬୦ ମେଗାୱାଟ ବିଶିଷ୍ଟ ପାୱାର ଥର୍ମାଲ ପ୍ଲାଣ୍ଟ ନିର୍ମାଣ ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଇଥିଲା। ସେହିବର୍ଷ ଜାନୁୟାରୀ ୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶକ୍ତିସଚିବ ଓ ଚେନ୍ନାଇସ୍ଥିତ ମେସର୍ସ ଏସ୍‌ପିଆଇ ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସ୍‌ପିଆଇପିଏଲ୍)ର ନିର୍ଦ୍ଦେଶକଙ୍କ ମଧ୍ୟରେ କମ୍ପାନୀ ଧାରା ୧୯୫୬ ଅନୁଯାୟୀ ଏକ ଏମ୍‌ଓୟୁ ହୋଇଥିଲା। ଚୁକ୍ତି ଅନୁଯାୟୀ ୬୦ ମାସ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ରାଜ୍ୟ ସରକାର ପ୍ରକଳ୍ପ ଉପଯୋଗୀ ୮୭୫ ଏକର ଜମି ଯୋଗାଇ ଦେବେ। ସେହିପରି ୬୬୦୯.୬୦ (ପରିବର୍ଦ୍ଧିତ ଆକଳନ ୮୮୪୫) କୋଟି ଟଙ୍କାର ଏହି ପ୍ରକଳ୍ପ ନିର୍ମାଣ ପରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିରୁ ୧୨ରୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ରାଜ୍ୟ ଶକ୍ତି ବିଭାଗ ଓଇଆରସିର ନିଷ୍ପତ୍ତି ମୂଲ୍ୟରେ କ୍ରୟ କରିବେ। ଏହି ଏମ୍‌ଓୟୁ ଫଳରେ ଜିଲାବାସୀଙ୍କର ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନ ପୂରଣ ହୋଇପାରିଥାନ୍ତା। ତେବେ ୨୦୧୬ ଜାନୁୟାରୀ ୩ରୁ ଏମ୍‌ଓୟୁର ଅବଧି ସରିଯାଇଥିବା ବେଳେ ଜିଲାବାସୀଙ୍କ ଶିଳ୍ପ ସ୍ୱପ୍ନ ଅଧୁରା ହୋଇଛି। ଜିଲାର ମହାକାଳପଡା ତହସିଲ ଅନ୍ତର୍ଗତ ଅଳାଇଲୋ, ବିଲିପଦା, ନଛିପଡା ଓ ନିଆମତପୁର ରାଜସ୍ୱ ଗ୍ରାମର ୮୭୫ ଏକର ଜମି ଜିଲା ପ୍ରଶାସନ ଅଧିଗ୍ରହଣ କରି ପ୍ରକଳ୍ପ ନିର୍ମାଣ ପାଇଁ ଏସ୍‌ପିଆଇପିଏଲ୍‌କୁ ହସ୍ତାନ୍ତର କରି ସାରିଛନ୍ତି। ଏଥିମଧ୍ୟରୁ ୮୪୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହେଉଥିଲା। ଜମି ଅଧିଗ୍ରହଣ ପରେ ଏହା ପଡିଆ ହୋଇଛି। ପ୍ରକଳ୍ପ ଅନୁଯାୟୀ, ଅଧିଗ୍ରହଣ ଜମିରେ ୫୬୫ ଏକର ଜମି ପ୍ଲାଣ୍ଟ ପାଇଁ ଉପଯୋଗ କରିବାକୁ ଥିବାବେଳେ ୧୨୫ ଏକର ଜମି ରେଳପଥ, ପାଣି ପାଇପ୍‌ଲାଇନ ବିଛାରେ ବିନିଯୋଗ ହୋଇଥାନ୍ତା। ଅବଶିଷ୍ଟ ଜମିରୁ ୫୦ ଏକର ଜମି ଉପରେ ସହରାଞ୍ଚଳ ଓ ୨୬୦ ଏକର ପରିମିତ ସବୁଜବଳୟ ସୃଷ୍ଟି କରାଯାଇଥାନ୍ତା। ଏଠାରେ କଞ୍ଚାମାଲ ଭାବେ ବ୍ୟବହାର କରାଯିବାକୁ ଥିବା କୋଇଲା ପରିବହନ ପାଇଁ ରେଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହରିଦାସପୁର ପାରାଦୀପ ନୂଆ ବ୍ରଡ୍‌ଗେଜ୍ ନିର୍ମାଣକୁ ଦେଖି ଏସ୍‌ପିଆଇପିଏଲ୍ ଓଡିଶା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୋଇଥିଲା। ଏହି ସଂସ୍ଥା ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଭଳି ଦେଶରୁ କୋଇଲା ଆମଦାନୀ କରିବାକୁ ଥିବା ବେଳେ ପାରାଦୀପ ବନ୍ଦରକୁ ଉପଯୋଗ କରିଥାନ୍ତା। ସେହିପରି ଦେଶ ମଧ୍ୟରେ ସମ୍ଭାବିତ ସ୍ଥାନରୁ କୋଇଲା ପରିବହନ ପାଇଁ ଉକ୍ତ ପ୍ରସ୍ତାବିତ ରେଳପଥ ଉପଯୋଗୀ ହୋଇପାରିବ। ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ଆଳୟ ସାମନ୍ତରାୟ, ପ୍ରତାପ ଚନ୍ଦ୍ର ପାଢ଼ୀ, ବାନାମ୍ବର ସାହୁ, ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ କହିଛନ୍ତି, ପାୱାର ଥର୍ମାଲ ପ୍ଲାଣ୍ଟ ନିର୍ମାଣ ହେଲେ ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଏମ୍‌ଓୟୁ ହୋଇ ଜମି ଅଧିଗ୍ରହଣ ହୋଇଛି। ରେଳପଥ ନ ଥିବାରୁ ଏହି ପ୍ରକଳ୍ପ ବନ୍ଦ ରହିଛି। ହରିଦାସପୁର ପାରାଦୀପ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ପାୱାର ଥର୍ମାଲ ପ୍ଲାଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜନେତା ଓ ପ୍ରଶାସକ ଗୁରୁତ୍ୱ ଦେବା ଆବଶ୍ୟକ।

# ବ୍ୟବସାୟୀଙ୍କ କରୋନାରେ ମୃତ୍ୟୁ

**କିଛିଦିନ ତଳେ ଯାଇଥିଲା ମା' ବାପାଙ୍କ ଜୀବନ**

ଦିଗପହଣ୍ଡି,୨୧।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବସଷ୍ଟାଣ୍ଡରେ ଇଲୋକ୍ଟ୍ରୋନିକ୍ସ ଦୋକାନ କରିଥିବା ରିଙ୍କୁ ଓରଫ ଇ.ଜିତେନ୍ଦ୍ର ପାତ୍ର (୪୧)ଙ୍କର ସୋମବାର ଶୀତଳାପଲ୍ଲୀ ସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରବିବାର ତାଙ୍କ କରୋନା ଆକ୍ରାନ୍ତ ବାପା ଇ.କୃଷ୍ଣ ପାତ୍ର ଚିକିତ୍ସାଧୀନ ଅବସ୍ଥାରେ କୋଭିଡ୍ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ବେଳେ ମା' ଇ.ଜାନକୀ ପାତ୍ର ମଧ୍ୟ କିଛିଦିନ ପୂର୍ବେ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିଲେ। ଗତ ୯ରେ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ୧୦ ତାରିଖରେ ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ କୋଭିଡ୍ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଇତି ମଧ୍ୟରେ ଜିତେନ୍ଦ୍ରଙ୍କ ସ୍ତ୍ରୀ ସୁସ୍ଥ ହୋଇ ଫେରିଛନ୍ତି।

**URGENT REQUIREMENT** MAPLE
**CIVIL TRAINER** (For skill developement Mason Project Odisha - **20 nos.**)
**Qualification:** Diploma Civil / B.tech Civil. **Experience:** Diploma Civil with 5 yrs. experience / B.tech Civil with 3 yrs experience in relevant trade. Or ToT certified trainers. **Salary:** Negotiable. **Job Location:** All over Odisha.
Interested candidates may send their resume to **mail.maplecomputer@gmail.com**
**Maple Computer & Communication Private Limited**
**Saheed Nagar, Bhubaneswar, Odisha - 751007**

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
**Bid identification no:- VI-23(9)/SERIFED/2020-21/554/Dt.20.07.2020**
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE Only, from the registered contractors ("B" & "A") Class for the Establishment of Odisha State Sericulture Research & Training Institute at Plot No. 14/A, Industrial Estate, Mancheswar, Bhubaneswar. The tender value of work is Rs.2,90,47,659/- (Excluding GST). The bid documents such as DTCN/BOQ etc. can be seen / downloaded from the government website : **www.tendersodisha.gov.in** during the period **dt.27.07.2020** to **17.00 hours** upto **dt.27.08.2020**. Online bids shall be received till **17.00 hours** till **dt.27.08.2020** & shall be opened at **11.30 AM** on **Dt.28.08.2020**. Any addendum / corrigendum / cancellation of tender can also be seen in the said website.
**Sd/- Managing Director**

GOVERNMENT OF ODISHA
PANCHAYATIRAJ & DRINKING WATER DEPARTMENT
OFFICE OF THE PANCHAYAT SAMITI, PALLAHARA
e-mail address: ori-pallahara@nic.in
INVITATION FOR BIDS (IFB)
Identification No. Pallahara-1
TENDER CALL NOTICEA NO.-1 OF 2020-21
Block Development Officer, Pallahara on behalf of Governor of Odisha invites Percentage bids for Construction of 15 Nos. of AWC Buildings at different places of Pallahara Block.
The sale of bid document shall start from dt.23.07.2020 and close on dt.06.08.2020 during office hours i.e. (10 A.M. to 5.30 P.M.) in the Office of the Block Development Officer, Pallahara. The bid document may also be downloaded from website: **www.angul.nic.in** during this period.
For other details of term & condition please visit the website: **www.angul.nic.in**
**Sd./- Block Development Officer, Pallahara**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 10 ରେ ପ୍ଲଟ ନଂ – 10-1F/338 ଟିକୁ ଲକ୍ଷ୍ମୀ ଦତ୍ତ, ସ୍ୱାମୀ – ସ୍ୱ ଗୋପୀନାଥ ଦତ୍ତ, ସା – ମଙ୍ଗଳାବାଗ, ପୋ – ବକ୍ସିବଜାର, ଥା – ମଙ୍ଗଳାବାଗ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଲକ୍ଷ୍ମୀ ଦତ୍ତ ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ଶ୍ରୀ ଗୋକୁଳ ଚନ୍ଦ୍ର ଦତ୍ତ, ପିତା – ସ୍ୱ ଗୋପୀନାଥ ଦତ୍ତ, ସା – ମଙ୍ଗଳାବାଗ, ପୋ – ବକ୍ସିବଜାର, ଥା – ମଙ୍ଗଳାବାଗ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ

**ବିଜ୍ଞାପନ** No. D
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**
ନାମ : ବିଭୁରଞ୍ଜନ ଦେହୁରି
କନଷ୍ଟେବଳ ନଂ. : ୪୮୫
ପିତା : ଭୋଳାନାଥ ଦେହୁରି
ଗ୍ରାମ : ବନକୋଡ଼ି
ପୋ : ପଦ୍ମପୁର
ଥାନା : ରାଇସୁଆଁ
ଜିଲ୍ଲା : କେନ୍ଦୁଝର
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ବିନା ଅନୁମତିରେ କାହାକୁ ନ ଜଣାଇ, ଆପଣଙ୍କ କାର୍ଯ୍ୟରୁ ତା୧୫।୦୧।୨୦୨୦ରିଖ ଅପରାହ୍ନଠାରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନ ଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

**ବିଜ୍ଞାପନ**
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**
ନାମ : ରାଜୀବ ଲୋଚନ ଜେନା
କନଷ୍ଟେବଳ ନଂ. : ୭୨
ପିତା : ଆର୍ତ୍ତବଲ୍ଲଭ ଜେନା
ଗ୍ରାମ : ଦେଓଗାଁ
ପୋ : କୁଶଳେଶ୍ୱର
ଥାନା : ଘସିପୁରା
ଜିଲ୍ଲା : କେନ୍ଦୁଝର
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୮।୧୧।୨୦୧୯ରିଖ ଅପରାହ୍ନଠାରୁ ତା୦୮।୧୨।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୨୦ଦିନ ଉପାର୍ଜିତ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୯।୧୨।୨୦୧୯ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାଁନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନ ଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା
OIPR-12015/11/0011/2021

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
E-mail ID: keonjharcdmo@gmail.com, Phone No. 06766-255525
Advt. No. 3855/Estt. Keonjhargarh Date: 21.07.2020
**COVID19/Notification for Temporary Engagement of Paramedical Worker for COVID CARE HOME (CCH) of Keonjhar District.**
**"WALK-IN-INTERVIEW"**
No. E-126: The eligible candidates are requested to attend the Walk-in-Interview as mentioned the scheduled date for engagement as following category of paramedical workers in the COVID CARE HOME (CCH) **on daily wage basis for a period of three months or till COVID CARE HOMEs are functional, whichever is earlier** for Keonjhar district.

| Sl. No. | Name of Category to be Engaged | Basic Requirements | Total Remuneration Per Day | No. of Manpower Required | Date of Walk-in-Interview |
|---|---|---|---|---|---|
| 1 | ANM | Unemployed trained and registered ANMs | Rs.850/- per day | 297 (For each GP/ Covid Care Home (CCH) | Date: 28.07.2020 Registration Time: 10.30 A.M. to 5.00 P.M. |

The applicants are requested to come with required documents duly self attested with all original certificates to attend the Walk-in-Interview as mentioned above category on dated 28.07.2020 in the ANMTC, DISTRICT HEAD QUARTER HOSPITAL, KEONJHAR. The registration time for Walk-in-Interview is 10 A.M. to 5 P.M. and candidates who report after 5 P.M. will not be entertained. The application format along with details regarding eligibility criteria, selection process & application form can be downloaded from the district NIC website i.e. **www.kendujhar.nic.in**. The vacancies may increase or decrease at the time of actual engagement.
The authority reserves the right of accepting/rejecting any application without assigning any reason thereof.
**Sd./- Chief District Medical & Public Health Officer, Keonjhar**
**OIPR-10033/11/0012/2021**

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏକ୍ୟୁ (AQ) ସିରିଜ୍**
**ବିଶେଷ ସୂଚନା**
No.S-10:- ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଏକ୍ୟୁ (AQ) ସିରିଜ୍‌ର କୁପନ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କରୋନା ସଂକ୍ରମଣ ବୃଦ୍ଧିଜନିତ ପରିସ୍ଥିତି ଓ ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ଆସନ୍ତା ତା୨୬।୦୭।୨୦୨୦ରିଖରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏକ୍ୟୁ (AQ) ସିରିଜ୍‌ର ଉଠାଣ ପୁନଃ ସ୍ଥଗିତ କରାଗଲା । ଏହାର ପରବର୍ତ୍ତୀ ଉଠାଣ ତାରିଖ ଯଥା ସମୟରେ ସୂଚିତ କରାଯିବ ।
ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
OIPR-05001/11/0003/2021

“ଏହା ଏକ ଅଦ୍ଭୁତ ଘଟଣା ଯେ, ମଣିଷ ଭଗବାନଙ୍କୁ ଭଲ ପାଇ ପାରେ। ଅଥଚ, ସେ ମନୁଷ୍ୟକୁ ଭଲପାଇପାରେ ନାହିଁ। ତା’ହେଲେ କାହାକୁ ସେ ଭଲ ପାଏ ? –**ଶ୍ରୀଅରବିନ୍ଦ**



# ବିରୋଧୀଙ୍କୁ ମାରିଦେବା ନୁହେଁ

ଭାରତୀୟ ଆଇନ ବ୍ୟବସ୍ଥାରେ ନିମ୍ନ ଅଦାଲତକୁ ତାଗିଦ୍ କରିବା ଘଟଣା କ୍ୱଚିତ ଶୁଣିବାକୁ ମିଳିଥାଏ। ସାଧାରଣତଃ ତଳ ସ୍ତରରୁ ବା ଟ୍ରାଏଲ୍ କୋର୍ଟରୁ ଯାହା ଉପରକୁ ଯାଇଥାଏ, ତାହାକୁ ମାଜିଷ୍ଟ୍ରେଟ୍‌ଙ୍କଠାରୁ ଜଜ୍ ପର୍ଯ୍ୟନ୍ତ ଗୋଟିଏ ମଣିଷ ଭାବେ କଥା କହିଥାଏ। ଏହା ସତ୍ୟ ଯେ, ଅନେକ ମାମଲାରେ ତଳ ନ୍ୟାୟାଳୟର ନିଷ୍ପତ୍ତିକୁ ଉପର ନ୍ୟାୟାଳୟ ରଦ୍ଦ କରିଦେଇଥାନ୍ତି। ହୁଏତ ସେଥିପାଇଁ ଭାରତର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ନିକଟରେ ତଳ ବିଚାରପତିଙ୍କୁ ତାଗିଦ୍ କରିଛନ୍ତି। ଉତ୍ତର ପ୍ରଦେଶର ପରିଚିତ ଗ୍ୟାଙ୍ଗଷ୍ଟର୍ ତଥା ଅପରାଧୀ ବିକାଶ ଦୁବେଙ୍କ ବିରୋଧରେ ପ୍ରାୟ ୬୫ ମକଦ୍ଦମା ଥିବାବେଳେ ତାଙ୍କୁ କେଉଁ ପରିସ୍ଥିତିରେ ଜାମିନ ଦିଆଯାଇଥିଲା, ତାହା କେବଳ ପ୍ରଧାନ ବିଚାରପତି ବୋବ୍‌ଡେ ନୁହନ୍ତି, ସମଗ୍ର ଦେଶକୁ ଚିନ୍ତିତ କରିଛି। ବିକାଶ ଦୁବେଙ୍କ ସମଗ୍ର ଜୀବନବ୍ୟାପୀ ଯେଉଁ ଉତ୍‌ଥାନ ଘଟିଛି ସେଥିରେ କୁହାଯାଇଛି, ଅନେକ ରାଜନେତା ଏବଂ ପୋଲିସ ଅଫିସର ତାଙ୍କ ସକ୍ରିୟ ସହଯୋଗୀ ଥିଲେ। ଏପରି କି ବିକାଶ ଦୁବେଙ୍କ ସହ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଫଟୋ ମଧ୍ୟ ଦେଖିବାକୁ ମିଳୁଛି। ବିକାଶଙ୍କ ହାତ ଯେଉଁଭଳି ଭାବେ ଉପରକୁ ପହଞ୍ଚି ପାରୁଥିଲା, ଏବେ ମନେହେଉଛି ସେହିଭଳି ବ୍ୟକ୍ତି ଆହୁରି ଦୀର୍ଘ ସମୟ ସୁରକ୍ଷିତ ରହିପାରିଥାଆନ୍ତେ। ପରିସ୍ଥିତି ଅସମ୍ଭାଳ ହେଲା। କାରଣ ଜଣେ ସଚ୍ଚୋଟ ଡିଏସ୍‌ପି ଏହି ଅପରାଧୀର ହାତବାରିସି ହେବାକୁ ଅସମ୍ମତ ହେଲେ। ବିକାଶଙ୍କୁ ଗିରଫ କରିବା ପାଇଁ ଯାଇଥିବା ପୋଲିସ ଦଳ ଉପରେ ଆକ୍ରମଣ ହେଲା। ଆଠ ଜଣ ପୋଲିସ କର୍ମୀ ଯେତେବେଳେ ନିହତ ହେଲେ ସେତେବେଳେ ପରିସ୍ଥିତି ଅଣାୟତ୍ତ ହୋଇଗଲା। ଘଟଣାଟି ଗଣମାଧ୍ୟମରେ ଦେଶବ୍ୟାପୀ ଏତେ ଜୋର୍ ଧରିଲା ଯେ, ସେହି ସମୟରେ ଚାଲିଥିବା ଭାରତ-ଚାଇନା ଯୁଦ୍ଧ ମଧ୍ୟ ପ୍ରାଇମ୍ ଟାଇମ୍ ଟେଲିଭିଜନରୁ ଖସିପଡ଼ିଲା। ଏହା ପରେ ବାଧ୍ୟହୋଇ ଏବଂ ସମ୍ଭବତଃ ଅନିଚ୍ଛା ସତ୍ତ୍ୱେ ବିକାଶଙ୍କୁ ଅତିଶୀଘ୍ର ଉତ୍ତର ପ୍ରଦେଶ ପୋଲିସ ଗିରଫ କରି ଏନ୍‌କାଉଣ୍ଟର ବାହାନାରେ ସବୁଦିନ ପାଇଁ ନୀରବ କରିଦେଲା। ଗଣମାଧ୍ୟମର ଚିତ୍କାର ଅତ୍ୟଧିକ ମାତ୍ରାରେ ହେବାରୁ ଏବେ ପ୍ରଧାନ ବିଚାରପତି ବୋବ୍‌ଡେ ନିମ୍ନ ଅଦାଲତ ଉପରେ ବିରକ୍ତି ଭାବ ପ୍ରକଟ କରିଛନ୍ତି।

କୌତୂହଳର ବିଷୟ ହେଉଛି ଏହି ପ୍ରଧାନ ବିଚାରପତିଙ୍କ ଦୃଷ୍ଟିକୁ ବିକାଶ ଦୁବେ ଭଳି ଅପରାଧୀ ଜାମିନ ପାଇବା ବିଷୟ ଆସିଥିବା ବେଳେ ଆହୁରି ଅନେକ ରାଜନୈତିକ ଓ ସାମାଜିକ ନେତା ବିନା କାରଣରେ ଗିରଫ ହୋଇ ଜାମିନ ପାଉ ନ ଥିବା କଥା ତାଙ୍କ ନଜରକୁ ଆସୁନାହିଁ। ଏଠାରେ ତେଲୁଗୁ କବି ବାରବରା ରାଓଙ୍କ ଗିରଫ ପ୍ରସଙ୍ଗକୁ ନିଆଯାଇପାରେ। ବାମପନ୍ଥୀ ଚିନ୍ତାଧାରା ପୋଷଣ କରୁଥିବା ୮୦ ବର୍ଷୀୟ ଏହି ବୃଦ୍ଧଙ୍କୁ କେବଳ ମୋଦିଙ୍କ ସରକାର ଗିରଫ କରିଛି ବୋଲି ନୁହେଁ, ପ୍ରଥମେ ୧୯୭୩ରେ ରାଓଙ୍କୁ ଆନ୍ଧ୍ର ପ୍ରଦେଶ ସରକାର ଗିରଫ କରିଥିଲା। କାରଣ ଦର୍ଶାଯାଇଥିଲା ଯେ ତାଙ୍କ କବିତା ମାଧ୍ୟମରେ ସରକାର ବିରୋଧରେ ଜନସାଧାରଣଙ୍କୁ ଉସୁକାଯାଉଛି। ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି ବେଳେ ମଧ୍ୟ ରାଓଙ୍କୁ ଗିରଫ କରାଯାଇଥିଲା। କେବଳ ବାମପନ୍ଥୀ କବିତା ଲେଖିବା ପାଇଁ ବାରବରା ରାଓଙ୍କୁ ରାଜନୈତିକ ଆକ୍ରୋଶ ରଖି ଜୀବନରେ ଅନେକ ଥର ଗିରଫ କରାଯାଇଥିଲା। ଅଗଷ୍ଟ ୨୦୧୮ ମସିହାରୁ ରାଓଙ୍କୁ ଗିରଫ କରି ଜେଲ୍‌ରେ ରଖାଯାଇଛି। କୁହାଯାଇଛି ଯେ ଭୀମା କୋରେଗାଓଁ ଘଟଣାରେ ସମ୍ପୃକ୍ତିକୁ ନେଇ ରାଓଙ୍କୁ ଗିରଫ କରାଯାଇଛି। ଏଲଗର ପରିଷଦର ବୈଠକରେ ରାଓ ଏବଂ ଅନ୍ୟ ବୁଦ୍ଧିଜୀବୀ, କବି ଏବଂ ଶିକ୍ଷାବିତ୍‌ମାନଙ୍କୁ ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ ମଧ୍ୟ ଗିରଫ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋନା ଉଲ୍‌ସନ୍, ଅରୁଣ ଫେରେରା, ସୁଧା ଭରଦ୍ୱାଜ, ଅନନ୍ତ ତେଲତୁମ୍ବଡେଙ୍କ ଭଳି ବ୍ୟକ୍ତି ରହିଛନ୍ତି। ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ବୁଦ୍ଧିଜୀବୀଙ୍କୁ ମୁକ୍ତ କରିବା ପାଇଁ ଦାବି ସତ୍ତ୍ୱେ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ରାଓଙ୍କ ଭଳି ବୃଦ୍ଧଙ୍କ ଜାମିନ ଆବେଦନ ବାରମ୍ବାର ଖାରଜ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜେଲ୍‌ରୁ କୋଭିଡ୍ ଆକ୍ରାନ୍ତ ହୋଇ ସେ ଏବେ ବମ୍ବେର ନାନାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି କୁହାଯାଉଛି। କିନ୍ତୁ ପରିବାରବର୍ଗଙ୍କୁ ତାଙ୍କ ସହ ଭେଟିବାର ସୁଯୋଗ ଦିଆଯାଉ ନାହିଁ। ସେହିଭଳି ଉତ୍ତର ପ୍ରଦେଶର ଡାକ୍ତର କଫିଲ୍ ଖାନ୍‌ଙ୍କ ଘଟଣା ମଧ୍ୟ ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ପ୍ରଶ୍ନବାଚୀରେ ପକାଉଛି। ଭାରତୀୟ ସମ୍ବିଧାନରେ ବାକ୍ ସ୍ୱାଧୀନତା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ସେହି ଉଦାହରଣ ଦେଖାଇ ଅନେକେ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଗିରଫ କରି ଦୀର୍ଘ ସମୟ ଜେଲ୍‌ରେ ରଖାଯାଇଛି। ଡାକ୍ତର କଫିଲଙ୍କ ଅପରାଧ ହେଲା ଯେ ଅଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରେ ଗତବର୍ଷ ଡିସେମ୍ବରରେ କେନ୍ଦ୍ର ସରକାରଙ୍କ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ଭାଷଣ ଦେଇଥିଲେ। ତାହାକୁ ମଧ୍ୟ ହିଂସା ଉଦ୍ରେକକାରୀ ଭାଷଣ ଆଖ୍ୟା ଦିଆଯାଇ ତାଙ୍କୁ ୨୦୨୦ ପ୍ରାରମ୍ଭରେ ଗିରଫ କରାଯାଇଥିଲା।

ଏହିଭଳି ବ୍ୟକ୍ତିମାନଙ୍କୁ ଆଧୁନିକ ଭାଷାରେ ‘ଅର୍‌ବାନ ନକ୍ସଲ’ ବା ‘ସହରୀ ମାଓବାଦୀ’ ଆଖ୍ୟା ଅତି ସହଜରେ ଦିଆଯାଉଛି। ଦିଲ୍ଲୀର ଜାମିଆ ମିଲିଆ ୟୁନିଭର୍ସିଟି ଓ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଅନେକ ଛାତ୍ରୀଛାତ୍ର ଏହିଭଳି ହାଲୁକା ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ଏବେ କୋଭିଡ୍-୧୯ଜନିତ ଲକ୍‌ଡାଉନ୍ ଯୋଗୁ ଏମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଚିନ୍ତା କରିବାକୁ ଦେଶରେ କାହାରି ସମୟ ନାହିଁ। ଏଠାରେ ଆମେ କାହାରିକୁ ଦୋଷୀ ବା ନିର୍ଦ୍ଦୋଷ ଭାବେ ଚିତ୍ରଣ କରିବାକୁ ଚେଷ୍ଟା କରୁନାହୁଁ। କେବଳ ନ୍ୟାୟ ବ୍ୟବସ୍ଥାର ଦୁର୍ବଳତା ଦେଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଲାଣି। ଭାରତର ଅନେକ ବଡ଼ ନେତା ଏବଂ ଅଫିସର କହୁଥିବାର ଶୁଣାଯାଏ, ଯେ ଆଇନ ତା’ର ନିଜ ବାଟରେ ଯିବ। ଅର୍ଥାତ୍ ଆଇନ ବ୍ୟବସ୍ଥାରେ କୌଣସି ରାଜନୈତିକ ବା ଅମଲାତାନ୍ତ୍ରିକ ଚାପ ପକାଯିବ ନାହିଁ। ଏହାକୁ ସତ୍ୟ ବୋଲି ଧରି ନିଆଯାଉ। ତେବେ ବଡ଼ ଶିଳ୍ପପତିମାନଙ୍କ ମାମଲାର ତତ୍‌କ୍ଷଣାତ୍ ଶୁଣାଣି କରି ଅନେକ ଥର ସପ୍ତାହକ ମଧ୍ୟରେ ରାୟ ଶୁଣାଇ ଦିଆଯାଇପାରୁଛି। ଧରିନିଆଯାଉ ଏହି ‘ଅର୍ବାନ ନକ୍ସଲମାନେ’ ଦୋଷୀ। ତେବେ ସେମାନଙ୍କ ମାମଲାକୁ କୁଖ୍ୟାତ ଅପରାଧୀ ବିକାଶ ଦୁବେଙ୍କ ଭଳି ନିଆଯାଇଥିଲେ ଜାମିନ ମିଳିସାରନ୍ତାଣି। ଯଦି ବିଚାରାଳୟ ଜାମିନ ଦେଉନାହାନ୍ତି, ତେବେ ସାଧାରଣ ଅପରାଧୀଙ୍କ ଭଳି ଶୁଣାଣି କରି ଦଣ୍ଡ ମଧ୍ୟ ଦେଇପାରନ୍ତେ। କିନ୍ତୁ ଭାରତର ନ୍ୟାୟ ବ୍ୟବସ୍ଥା ଜାଣିଛି ଯେ ଏହି ସହରୀ ନକ୍ସଲଙ୍କୁ ଦଣ୍ଡ ଦେବା ପାଇଁ କୌଣସି ଆଇନ ନାହିଁ। ତାଙ୍କର କବିତା କିମ୍ବା ଭାଷଣରେ ଉତ୍‌କ୍ଷିପ୍ତ ହୋଇ ହିଂସାତ୍ମକ ଘଟଣା ଘଟିଛି ବୋଲି ପ୍ରମାଣ କରିବା ଅସମ୍ଭବ। ସେଥିପାଇଁ ସେହି ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ କଏଦୀ କରି ଶଢ଼ି ପଚେଇ ଦେବା ହେଉଛି ବ୍ୟବସ୍ଥାର ଲକ୍ଷ୍ୟ। ଏହା ଭାରତୀୟ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଦୁଃଖଦାୟକ। ବିରୋଧର ଆଭାସ ଶୁଣି ପ୍ରତିକାର କରିବା ହେଉଛି ବ୍ୟବସ୍ଥାର ଦାୟିତ୍ୱ। ବିରୋଧୀଙ୍କୁ ମାରିଦେବା ନୁହେଁ।

# ପାଠ୍ୟକ୍ରମରେ ପରିବର୍ତ୍ତନର ନିହିତାର୍ଥ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କରୋନା ମହାମାରୀଜନିତ ସଙ୍କଟ ଯୋଗୁ ଆମ ଦେଶରେ ଚଳିତ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ସ୍ୱାଭାବିକ ପାଠପଢ଼ା ଏଯାଏ ଆରମ୍ଭ ହୋଇପାରି ନାହିଁ। ଏଭଳି ଅନିଶ୍ଚିତତାକୁ ଦେଖି କେହି କେହି ଚଳିତ ବର୍ଷର ସମଗ୍ର ଶିକ୍ଷାବର୍ଷକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ମତ ଦେଇଥିବା ବେଳେ କେହି କେହି ପାଠ୍ୟକ୍ରମକୁ କିଛି ପରିମାଣରେ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଚଳିତବର୍ଷର ପାଠ୍ୟକ୍ରମରେ ୩୦ ପ୍ରତିଶତ ହ୍ରାସ କରିବାକୁ ଘୋଷଣା କରିଛି। ତେବେ ଯେଉଁଭଳି ତରବରିଆ ଭାବେ ବିଷୟଗୁଡ଼ିକୁ ବାଦ ଦିଆଯାଇଛି, ତା’ ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ତ ଦେଖାଯାଉନି ବରଂ ସରକାରୀ ଦଳର ରାଜନୈତିକ ବିଚାର ଅନୁଯାୟୀ ନିଷ୍ପତ୍ତି ନିଆଯାଇଥିବା ଜଣାପଡୁଛି।

କରୋନା ସଙ୍କଟ ବାହାନାରେ ସିବିଏସ୍‌ଇ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ତା’ର ୨୦୨୦-୨୧ ବର୍ଷର ପାଠ୍ୟକ୍ରମରୁ ଯେଉଁ ବିଷୟଗୁଡ଼ିକୁ ହଟାଇ ଦେଇଛି ସେଥି ମଧ୍ୟରେ ଧର୍ମନିରପେକ୍ଷତା, ଜାତୀୟତାବାଦ, ଗଣତାନ୍ତ୍ରିକ ଆନ୍ଦୋଳନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି। ଏହାର ଅର୍ଥ ହେଲା ଉପରୋକ୍ତ ବିଷୟଗୁଡ଼ିକୁ ଚଳିତବର୍ଷର ପାଠ୍ୟକ୍ରମରେ ପିଲାମାନେ ଆଉ ପଢ଼ିବେ ନାହିଁ। ଆସନ୍ତା ବର୍ଷେ ଦୁଇ ବର୍ଷ ମଧ୍ୟରେ ସାବାଳକ ହୋଇ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଯାଉଥିବା ପିଲାମାନଙ୍କୁ ଏସବୁ ପ୍ରସଙ୍ଗ ପଢ଼ିବାରୁ ବଞ୍ଚିତ କରିବା କୌଣସି ଆକସ୍ମିକ ଘଟଣା ନୁହେଁ ବରଂ ଏକ ଆଦର୍ଶଗତ ଉଦ୍ୟମର ଅଂଶବିଶେଷ ବୋଲି ସ୍ପଷ୍ଟ ମନେହୁଏ।

ନବମ ଶ୍ରେଣୀର ପାଠ୍ୟକ୍ରମର ସାମାଜିକ ବିଜ୍ଞାନ ପୁସ୍ତକରୁ ହଟାଇ ଦିଆଯାଇଥିବା ପାଞ୍ଚଟି ବିଷୟ ମଧ୍ୟରୁ ‘ଗଣତାନ୍ତ୍ରିକ ଅଧିକାର’ ଅନ୍ୟତମ ଥିବାବେଳେ ଏକାଦଶ ଶ୍ରେଣୀର ପାଠ୍ୟକ୍ରମରେ ରହିଥିବା ସଂଘୀୟ ଢାଞ୍ଚା, ନାଗରିକତା, ରାଜ୍ୟ ସରକାର, ରାଷ୍ଟ୍ରବାଦ ଆଦି ବିଷୟ ଆଉ ପିଲାମାନେ ପଢ଼ିବେ ନାହିଁ। ଏହା ବ୍ୟତୀତ କିଷାନ, ଜମିଦାର ଓ ରାଜ୍ୟ, ବିଭାଜନ, ବିଦ୍ରୋହ, ଖାଦ୍ୟ ସୁରକ୍ଷା ଆଦି ବିଷୟକୁ ମଧ୍ୟ ପାଠ୍ୟକ୍ରମରୁ ହଟେଇ ଦିଆଯାଇଛି। ଅର୍ଥନୀତି ବିଷୟରୁ ଭାରତର ଅର୍ଥବ୍ୟବସ୍ଥାର ପରିବର୍ତ୍ତିତ ସ୍ୱରୂପ, ନୀତି ଆୟୋଗ, ଜିଏସ୍‌ଟି ଆଦି ବିଷୟକୁ ମଧ୍ୟ ବାଦ ଦିଆଯାଇଛି।

ବୋର୍ଡ ଦ୍ୱାରା ସ୍ଥିର ହୋଇଥିବା ପାଠ୍ୟକ୍ରମକୁ ଦେଶର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷାବିତ୍‌ଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ତିଆରି କରିଥିଲେ। ପିଲାମାନଙ୍କ ବୌଦ୍ଧିକ ବିକାଶ ତଥା ସମୟର ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ବିଷୟଗୁଡ଼ିକୁ ଚୟନ କରାଯାଇଥିଲା। କିନ୍ତୁ ବୋର୍ଡ କର୍ତ୍ତୃପକ୍ଷ ବିଷୟଗୁଡ଼ିକୁ ପାଠ୍ୟକ୍ରମରୁ ବାଦ୍ ଦେଲାବେଳେ ନା ସେଭଳି କୌଣସି ବିଶେଷଜ୍ଞ କମିଟିର ପରାମର୍ଶ ନେଇଛନ୍ତି ନା ଏଥିପାଇଁ କୌଣସି ଯୁକ୍ତିସଙ୍ଗତ ମାପକାଠି ସ୍ଥିର କରିଛନ୍ତି? ବରଂ ଏକଚାଟିଆ ଭାବେ କ୍ଷମତାସୀନ ଦଳର ବିଚାରର ପରିପନ୍ଥୀ ରୂପେ ପରିଚିତ ବିଷୟଗୁଡ଼ିକୁ ହଟାଇ ଦେଇଛନ୍ତି। ସେହି କାରଣରୁ ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କ୍ରିଷ୍ଣ କୁମାରଙ୍କ ସମେତ ଦେଶର ଅନେକ ପ୍ରମୁଖ ଶିକ୍ଷାବିତ୍ ବୋର୍ଡ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି।

ବୋର୍ଡ ପକ୍ଷରୁ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅର୍ଥନୀତି ଓ ରାଜନୀତି ବିଜ୍ଞାନର ବିଷୟଗୁଡ଼ିକରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଏକାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ସଂଘବାଦ, ନାଗରିକତା, ରାଷ୍ଟ୍ରବାଦ ଓ ଧର୍ମନିରପେକ୍ଷତା ଆଦି ବିଷୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ହଟେଇ ଦିଆଯାଇଛି। ସ୍ଥାନୀୟ ପ୍ରଶାସନ (Local Government) ଅଧ୍ୟାୟରୁ ‘ଆମେ କାହିଁକି ସ୍ଥାନୀୟ ପ୍ରଶାସନ ଆବଶ୍ୟକ କରୁ?’ (Why do we need Local Governments?) ଏବଂ ‘ଭାରତରେ ସ୍ଥାନୀୟ ପ୍ରଶାସନର ବିକାଶ’ (Growth of Local Government in India) ପରି ଦୁଇଟି ୟୁନିଟ୍‌କୁ ହଟାଇ ଦିଆଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ‘ସମସାମୟିକ ବିଶ୍ୱରେ ନିରାପତ୍ତା’ (Security in the Contemporary World), ପରିବେଶ ଓ ପ୍ରାକୃତିକ ସମ୍ପଦ (Environment and Natural Resources), ‘ଭାରତରେ ସାମାଜିକ, ନୂଆ ସାମାଜିକ ଆନ୍ଦୋଳନ’ (Social, New Social Movements in India), ‘ଆଞ୍ଚଳିକ ଆକାଂକ୍ଷା’ (Regional Aspirations) ଆଦି ବିଷୟ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବା ବେଳେ ‘ଯୋଜନାବଦ୍ଧ ବିକାଶ’ (Planned Development)ରୁ ‘ଭାରତର ଅର୍ଥନୈତିକ ବିକାଶର ପରିବର୍ତ୍ତିତ ରୂପ’ (changing nature of India’s economic development) ଏବଂ ‘ଯୋଜନା କମିଶନ ଏବଂ ପଞ୍ଚବାର୍ଷିକ ଯୋଜନା’ (Planning Commission and Five Year Plans) ୟୁନିଟ୍‌କୁ ହଟାଇ ଦିଆଯାଇଛି।

ସେହିପରି ଭାରତର ପଡ଼ୋଶୀ ଦେଶ ଅର୍ଥାତ୍ ପାକିସ୍ତାନ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ମ୍ୟାନ୍‌ମାର୍ ଆଦି ଦେଶ ସହ ସମ୍ପର୍କ ଉପରେ ଥିବା ବିଷୟଗୁଡ଼ିକୁ ହଟେଇ ଦିଆଯାଇଛି। ନବମ ଶ୍ରେଣୀର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ଗଣତାନ୍ତ୍ରିକ ଅଧିକାର (Democratic Rights) ଏବଂ ଭାରତର ସମ୍ବିଧାନର ଢାଞ୍ଚା (Structure of the Indian Constitution) ପରି ଅଧ୍ୟାୟଗୁଡ଼ିକୁ ହଟେଇ ଦିଆଯାଇଥିବା ବେଳେ ସେହି ଶ୍ରେଣୀର ଅର୍ଥନୀତି ପାଠ୍ୟକ୍ରମରୁ ଖାଦ୍ୟ ନିରାପତ୍ତା (Food Security in India) ବିଷୟକୁ ବି ହଟାଇ ଦିଆଯାଇଛି। ସେହିଭଳି ଦଶମ ଶ୍ରେଣୀର ପାଠ୍ୟକ୍ରମରୁ ‘ଗଣତନ୍ତ୍ର ଏବଂ ବିବିଧତା’ (Democracy and Diversity), ‘ଜାତି, ଧର୍ମ ଏବଂ ଲିଙ୍ଗ’ (Caste, Religion and Gender) ଏବଂ ‘ଗଣତନ୍ତ୍ର ପାଇଁ ଆହ୍ୱାନ’ (Challenges to Democracy) ଆଦି ଅଧ୍ୟାୟ ବାଦ ପଡ଼ିଯାଇଛି।

ତେବେ ପାଠ୍ୟକ୍ରମରୁ ଉପରୋକ୍ତ ଅଧ୍ୟାୟଗୁଡ଼ିକୁ ହଟେଇ ଦେଇ ବୋର୍ଡ଼ କର୍ତ୍ତୃପକ୍ଷ ପିଲାମାନଙ୍କୁ ସେସବୁ ବିଷୟରେ ପଢ଼ିବାର ଓ ବୁଝିବାର ଅଧିକାରକୁ ଛଡ଼େଇ ନେଇଛନ୍ତି ବୋଲି କୁହାଯାଇପାରେ। ଏହାବାଦ ଯେଉଁସବୁ ଅଧ୍ୟାୟଗୁଡ଼ିକୁ ହଟେଇବାର ଉଦ୍ୟମ କରିଛନ୍ତି ସେଥିରେ ଅନ୍ତଃବିରୋଧ ରହିଛି। ସଂଘୀୟବାଦ ଅଧ୍ୟାୟକୁ ବାଦ ଦେଇ ପିଲାଙ୍କୁ ସମ୍ବିଧାନ ପଢ଼ାଇବା କିପରି ସମ୍ଭବ? ସେହିପରି ସାମାଜିକ ସଂସ୍କାର ଆନ୍ଦୋଳନକୁ ହଟେଇ ଇତିହାସ କିପରି ପଢ଼ାହେବ? କାରଣ, ସାମାଜିକ ଆନ୍ଦୋଳନରୁ ହିଁ ତ ଇତିହାସର ସୃଷ୍ଟି। ଏଭଳି କରିବା ଦ୍ୱାରା ପିଲାମାନେ ସମ୍ପୂର୍ଣ୍ଣ ବିଷୟଟିକୁ ପଢ଼ିବାରେ ତଥା ବୁଝିବାରେ ସମସ୍ୟା ହେବ ଏବଂ ପିଲାଙ୍କ ମଧ୍ୟରେ ଯାନ୍ତ୍ରିକ ଭାବେ ପଢ଼ିବା ଓ ଘୋଷିବାର ପ୍ରବୃତ୍ତି ହିଁ ଦେଖାଯିବ। ସରକାରଙ୍କ ଆଭିମୁଖ୍ୟରୁ ଗୋଟିଏ କଥା ଜଣାପଡୁଛି ଯେ ଆମେ ପିଲାଙ୍କ ବୌଦ୍ଧିକ ବିକାଶ ନୁହେଁ ବରଂ ପରୀକ୍ଷା କୈନ୍ଦ୍ରିକ ପାଠ୍ୟକ୍ରମ ଲାଗୁ କରିବାକୁ ଚାହୁଁଛେ।

ଆଉ ଗୋଟିଏ କଥା ହେଲା, ଯେକୌଣସି ପାଠ୍ୟକୁ ପଢ଼ାଇବା ପଛରେ ଗୋଟିଏ ଯୁକ୍ତି ଥାଏ। ତେଣୁ କୌଣସି ବିଷୟରେ ସାମଗ୍ରିକ ପରିବର୍ତ୍ତେ ଖଣ୍ଡିତ ବା ଆଂଶିକ ଶିକ୍ଷାଦାନ ଅତ୍ୟନ୍ତ ଅଯୌକ୍ତିକ ମନେହୁଏ। ସମାଜରେ ରହିଥିବା ବିବିଧତାର ବିଚାର ଉପରେ ଆଧାରିତ କେତେକ ଅଧ୍ୟାୟକୁ ହଟେଇ ଦିଆଯାଇଛି। ଯେପରି କି ଜାତି, ଧର୍ମ, ଲିଙ୍ଗ ଆଦି ବିବିଧତା ଉପରେ ଥିବା ବିଷୟକୁ ହଟେଇ ଦିଆଗଲା। ବର୍ତ୍ତମାନ ସମୟରେ ଏସବୁ ପ୍ରସଙ୍ଗକୁ ପିଲାମାନେ ପଢ଼ିବା ଓ ଜାଣିବା ନିହାତି ଦରକାର। କାରଣ ଏହା ଆମ ଗଣତନ୍ତ୍ରର ଅନ୍ତଃସାର ଏବଂ ଏସବୁ ଉପରେ ଉଚିତ ଜ୍ଞାନ ବା ଧାରଣାର ଅଭାବ ହିଁ ସମାଜରେ ଅନେକ ହିଂସାର କାରଣ ହୋଇଥାଏ। ସମାଜରେ ମହିଳାଙ୍କ ବିରୋଧରେ ହିଂସା ବଢୁଥିବା ବେଳେ ଲିଙ୍ଗ ସମାନତା ସମ୍ପର୍କରେ ପଢ଼ିବାରୁ ପିଲାଙ୍କୁ ବଞ୍ଚିତ କରିବା ହାସ୍ୟାସ୍ପଦ ମନେହୁଏ। ବରଂ ବିବିଧତା ଉପରେ ରହିଥିବା ପ୍ରସଙ୍ଗଗୁଡ଼ିକୁ ହଟାଇଦେଇ ସରକାର ଏସବୁ ପ୍ରସଙ୍ଗରେ ସମାଜରେ ଥିବା ଭୁଲ ଧାରଣାକୁ ବଳବତ୍ତର ରଖିବା ସହ ସମ୍ବିଧାନର ଧାରଣାକୁ ବିକୃତ କରି ପିଲାଙ୍କ ଆଗରେ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି।

ସରକାର ପିଲାଙ୍କ ଉପରେ ପାଠ୍ୟକ୍ରମର ବୋଝକୁ କମ୍ କରିବା ପାଇଁ ଏପରି କରିଛନ୍ତି ବୋଲି ଯୁକ୍ତି ଦର୍ଶାଇଛନ୍ତି। ପାଠ୍ୟକ୍ରମର ବୋଝକୁ କମେଇବାର ଆହୁରି ଅନେକ ତରିକା ରହିଥିଲା। ଗୋଟିଏ ପୁସ୍ତକକୁ ପାଠ୍ୟକ୍ରମରେ ରଖି ପଢ଼ାଯାଇପାରେ ଏବଂ ଅନ୍ୟକୁ ପିଲାମାନେ ଇଚ୍ଛାଧୀନ ଭାବେ ପଢ଼ିପାରିବେ ବୋଲି ବି କୁହାଯାଇପାରେ। କିନ୍ତୁ ତାକୁ ସମ୍ପୂର୍ଣ୍ଣ ରୂପେ ପାଠ୍ୟକ୍ରମରୁ ହଟେଇ ପିଲାଙ୍କୁ ବଞ୍ଚିତ କରିବା ପଛରେ କିଛି ଉଦ୍ଦେଶ୍ୟ ଥିବା ଭଳି ମନେହୁଏ।

ମୋ- ୯୪୩୭୧୬୬୩୯୧

# ଉପବାସର ପରିଭାଷା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମୂଳ ପ୍ରସଙ୍ଗ ସହ ସମ୍ପର୍କିତ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଦ୍ୱାରା ପରିବେଷିତ ଏକ କାହାଣୀରୁ ପ୍ରବନ୍ଧଟିକୁ ଆରମ୍ଭ କରୁଛି। କଳାହାଣ୍ଡିଆ ମେଘ ଉଠାଇଥାଏ। ଗୋଟିଏ ନଦୀ କୂଳରେ ଅପେକ୍ଷା କରିଥାନ୍ତି କିଛି ବ୍ରତଚାରୀ। ସେମାନେ ଦିନସାରା ଉପବାସ କରିଥାନ୍ତି। ବ୍ରତ ଉଦ୍‌ଯାପନ କରିସାରିବା ପରେ ଖାଦ୍ୟ ଗ୍ରହଣ କରିବେ। ବ୍ରତ ଉଦ୍‌ଯାପିତ ହେବାର ଥାଏ ନଈର ଆର କୂଳରେ। ଡଙ୍ଗାରେ ନଈ ଆରକୂଳକୁ ଯିବା ପୂର୍ବରୁ ସେମାନେ ସେଇ କୂଳରେ ଅବସ୍ଥାନ କରୁଥିବା ଜଣେ ସନ୍ନ୍ୟାସୀଙ୍କ ଦର୍ଶନ କରୁଥାନ୍ତି। ସେମାନଙ୍କ ଦ୍ୱାରା ପ୍ରଦତ୍ତ ଫଳମୂଳ ସନ୍ନ୍ୟାସୀ ଗ୍ରହଣ କରି ଆନନ୍ଦରେ ଖାଉଥାନ୍ତି। କିଛି ସମୟ ପରେ ଆସିଲା ନାଉରି। ମାତ୍ର ସେ ସମୟରେ ଝଡ଼ ଉଠୁଥିବାରୁ ସେ ନୌକା ବାହିବା ପାଇଁ ମନା କରିଦେଲା। ବ୍ରତଚାରୀମାନେ ଚିନ୍ତିତ ହୋଇପଡ଼ିଲେ। କାରଣ ନଈ ଆରପାରିକୁ ଯାଇ ବ୍ରତ ଉଦ୍‌ଯାପନ ନ କଲେ ସେମାନଙ୍କ ଉପବାସ ବ୍ୟର୍ଥ ହେବ। ନାଉରି କହିଲା, ଅବଶ୍ୟ ସତରେ ଉପବାସ କରିଥିବା ଲୋକ ମୋ ଡଙ୍ଗାରେ ବସିଲେ ଏହି ଝଡ଼ ସ୍ୱତଃ ଅପସରିଯିବ। ମାତ୍ର ତୁମେମାନେ ସତରେ ଉପବାସ କରିଥିବା ମୋର ବିଶ୍ୱାସ ହେଉନାହିଁ। ମୋ ଜାଣିବାରେ ନଈକୂଳରେ ଅବସ୍ଥାନ କରୁଥିବା ସନ୍ନ୍ୟାସୀ ହିଁ ପ୍ରକୃତ ଉପବାସୀ। ସେ ଯଦି ତୁମ ସହିତ ଡଙ୍ଗାରେ ବସିବେ ମୁଁ ନୌକା ବାହି ତୁମମାନଙ୍କୁ ଆର କୂଳରେ ପହଞ୍ଚାଇ ଦେବି। ସେମାନେ ପ୍ରକୃତରେ ଉପବାସ କରିଛନ୍ତି ବୋଲି ବ୍ରତଚାରୀ ଯେତେ ବୁଝାଇଲେ ମଧ୍ୟ ନାଉରି ସେମାନଙ୍କ କଥାରେ ବିଶ୍ୱାସ କଲା ନାହିଁ। ଶେଷରେ ସେମାନଙ୍କ ଅନୁରୋଧ ରକ୍ଷା କରି ସନ୍ନ୍ୟାସୀ ଆସି ନୌକାରେ ବସିଲେ। ନାଉରି ନୌକା ବାହିଲା। ସତକୁ ସତ ଝଡ଼ ଆପେ ଆପେ ଅପସରିଗଲା। ବ୍ରତଚାରୀମାନେ ଆରକୂଳରେ ବ୍ରତ ଉଦ୍‌ଯାପନ କରି ଫେରିଆସିଲେ। ଫେରିବା ସମୟରେ ସମସ୍ତେ ଆଶ୍ୱସ୍ତି ଅନୁଭବ କରୁଥିଲେ। ଘରେ ଅପେକ୍ଷା କରିଥିଲା କେତେ ସୁମିଷ୍ଟ ଅନ୍ନ ଓ ବ୍ୟଞ୍ଜନ। ସେଗୁଡ଼ିକୁ ସ୍ମରଣ କରି ସେମାନେ ଖୁସି ବ୍ୟକ୍ତ କରୁଥିଲେ ଓ ଯଥାଶୀଘ୍ର ବ୍ରତ ଉଦ୍‌ଯାପିତ ହୋଇଥିବାରୁ ନାଉରିକୁ ଧନ୍ୟବାଦ ଦେଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବିସ୍ମୟ ପ୍ରକାଶ କଲେ ଯେ ନାଉରି ଭାଷାରେ ସନ୍ନ୍ୟାସୀ ଉପବାସୀ ହେଲେ କେମିତି, ଯେହେତୁ ସେମାନଙ୍କ ହାତରୁ ଫଳମୂଳ ନେଇ ସେ ଖାଇଥିବା ଘଟଣାର ସେମାନେ ସାକ୍ଷୀ। ଏ ସମ୍ପର୍କରେ ନାଉରି ସେମାନଙ୍କୁ ଯାହା କହିଲା ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଲା, ‘‘ଦେଖ, ତୁମ କଥାବାର୍ତ୍ତାରୁ ଜଣାପଡ଼ିଲା ତୁମେମାନେ କେହି ଉପବାସ କରି ନ ଥିଲ, କେବଳ ସୁମିଷ୍ଟ ଖାଦ୍ୟ ଖାଇବା ପାଇଁ ଉପବାସର ସମାପ୍ତି କରିବା ଲାଗି ବ୍ୟାକୁଳ ହେଉଥିଲ। ତୁମର ମନ ଥିଲା ଖାଦ୍ୟରେ, ବ୍ରତରେ ନୁହେଁ। ମାତ୍ର ସନ୍ନ୍ୟାସୀ ତୁମ ଭଳି ଛଳନା କରୁ ନ ଥିଲେ। ସେ ଖାଉଥିଲେ, ମାତ୍ର ଖାଦ୍ୟ ପ୍ରତି ତାଙ୍କର ଆସକ୍ତି ନ ଥିଲା। ସେ ଇନ୍ଦ୍ରିୟ ତୃପ୍ତି ପାଇଁ ଖାଉ ନ ଥିଲେ। ଈଶ୍ୱର ଚିନ୍ତନ କରିବା ନିମନ୍ତେ ବଞ୍ଚିରହିବା ପାଇଁ ଖାଦ୍ୟ ଗ୍ରହଣ କରୁଥିଲେ। ଖାଇବା ଥିଲା ତାଙ୍କର ଏକ ନିରାସକ୍ତ ସ୍ୱାଭାବିକ କ୍ରିୟା। ଏଣୁ ସେ ଖାଉଥିଲେ ମଧ୍ୟ ପ୍ରକୃତ ଉପବାସୀ।’’ ଖାଦ୍ୟ ଖାଇବା ସହ ଏହି ଶବ୍ଦର କୌଣସି ସମ୍ପର୍କ ନାହିଁ। ମନ ମଧ୍ୟରେ ଈଶ୍ୱରଙ୍କ ସାମିପ୍ୟ ଲାଭ କରିବା ହେଉଛି ଉପବାସର ମର୍ମ (ଉପ+ବସ୍+ଅ)।

ଗୀତାରେ ଅଛି, କଇଁଛ ନିଜର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ସବୁଆଡୁ ସଙ୍କୁଚିତ କଲାଭଳି ମଣିଷ ଯେତେବେଳେ ନିଜର ଇନ୍ଦ୍ରିୟଗୁଡ଼ିକୁ ବିଷୟଗୁଡ଼ିକରୁ ନିବୃତ୍ତ କରେ ସେ ହୁଏ ସ୍ଥିତପ୍ରଜ୍ଞ- ‘‘ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ, ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ।’’ (୨/୫୯) ଏଠାରେ ବ୍ୟବହୃତ ନିରାହାର ଶବ୍ଦଟି ଉପବାସବାଚୀ ଅଟେ। ଯେଉଁମାନେ ଇନ୍ଦ୍ରିୟସମୂହକୁ ବିଷୟଗୁଡ଼ିକରୁ ନିବୃତ୍ତ କରିଥାନ୍ତି ସେମାନଙ୍କୁ ଏଠାରେ ନିରାହାର କୁହାଯାଇଛି। ଶ୍ଳୋକଟିର ଅର୍ଥ ହେଲା ନିରାହାର ମନୁଷ୍ୟର ବିଷୟ ନିବୃତ୍ତି ହୋଇଥାଏ ସତ, କିନ୍ତୁ ରସନିବୃତ୍ତି ହୋଇ ନ ଥାଏ। ମାତ୍ର ପରମାତ୍ମା ତତ୍ତ୍ୱ ଅନୁଭବ କଲେ ସ୍ଥିତପ୍ରଜ୍ଞ ମଣିଷର ରସ ମଧ୍ୟ ନିବୃତ୍ତ ହୋଇଯାଏ। ମଣିଷର ଅନ୍ତଃକରଣରେ ଭୋଗ ପ୍ରତି ଏକ ସୂକ୍ଷ୍ମ ଆକର୍ଷଣ ଓ ମଧୁର ଭାବ ଥାଏ। ତାକୁ କୁହାଯାଏ ରସ। ଜଣେ ରୋଗୀ ଯେତେବେଳେ ନିରାହାର ଥାଏ ସେ ଭାବୁଥାଏ ସେ ଶୀଘ୍ର ସୁସ୍ଥ ହୋଇଗଲେ ଓ ଶରୀରର ପୂର୍ବ ଶକ୍ତି ଫେରି ପାଇଲେ ପୁଣି ସୁମିଷ୍ଟ ଖାଦ୍ୟ ଖାଇପାରିବ। ଏହି ସୂକ୍ଷ୍ମ ଆକର୍ଷଣ ହେଉଛି ରସବୁଦ୍ଧି। ଅନେକ ସମୟରେ ବିଷୟରୁ ନିବୃତ୍ତ ହେଲେ ମଧ୍ୟ ସାଧକ ମନରୁ ଏହି ରସବୁଦ୍ଧି ନିବୃତ୍ତ ହୁଏ ନାହିଁ। ଏହି ରସବୁଦ୍ଧି ଥିବା ପର୍ଯ୍ୟନ୍ତ ପ୍ରକୃତି ଓ ତା’ର କାର୍ଯ୍ୟ ନିକଟରେ ପରାଧୀନତା ସ୍ୱୀକାର କରିବାକୁ ପଡ଼େ। ଏଣୁ ଅନେକ ସମୟରେ ଲକ୍ଷ୍ୟ କରାଯାଏ କେହି କେହି ଆମିଷ ଭକ୍ଷଣ ତ୍ୟାଗ କରିଥିଲେ ମଧ୍ୟ ହଠାତ୍ ପୁଣି ଆମିଷ ପ୍ରତି ଆକର୍ଷିତ ହୋଇପଡ଼ନ୍ତି। କାରଣ ସେମାନେ ସେହି ରସବୁଦ୍ଧିରୁ ମୁକ୍ତ ହୋଇ ନ ଥାନ୍ତି।

ଭଗବାନ କହିଛନ୍ତି ଯେପରି ସମସ୍ତ ନଦୀର ଜଳ ଚତୁର୍ଦ୍ଦିଗରୁ ଜଳପରିପୂର୍ଣ୍ଣ ସମୁଦ୍ରରେ ମିଶେ, କିନ୍ତୁ ସମୁଦ୍ର ନିଜ ମର୍ଯ୍ୟାଦାରେ ଅଚଳ ରହେ। ସେହିପରି ସମସ୍ତ ଭୋଗ୍ୟ ପଦାର୍ଥ ମିଳି ମଧ୍ୟ ସଂଯମୀ ମନୁଷ୍ୟଠାରେ ତାହା କୌଣସି ବିକାର ସୃଷ୍ଟି କରିପାରନ୍ତି ନାହିଁ ଓ ସେ ମନୁଷ୍ୟ ହିଁ ପରମଶକ୍ତି ଲାଭ କରେ, ଭୋଗକାମୀ ନୁହେଁ। (୨/୭୦) ସୁତରାଂ ଉପବାସ କରିବା ବା ନିରାହାର ରହିବା ଅର୍ଥ ନିଜର ଇନ୍ଦ୍ରିୟଗୁଡ଼ିକୁ ବିଷୟରୁ ନିବୃତ୍ତ କରି ପରମାତ୍ମା ସମର୍ପିତ ହୋଇ ରସବୁଦ୍ଧିମୁକ୍ତ ହେବା। ଏହି ମର୍ମରେ ଏକ ପୌରାଣିକ ଉପାଖ୍ୟାନ ପ୍ରାସଙ୍ଗିକ ମନେହୁଏ। ଦିନେ ମହର୍ଷି ଦୁର୍ବାସାଙ୍କ ନିକଟକୁ ଭୋଜନ ପ୍ରସାଦ ନେଇ ଅରୁନ୍ଧତୀଙ୍କ ଯିବାର ଥିଲା। ଅରୁନ୍ଧତୀ ମହର୍ଷି ବଶିଷ୍ଠଙ୍କୁ ପଚାରିଲେ, ‘‘ନଦୀ ପ୍ରବଳ ବେଗରେ କୂଳ ଲଂଘନ କରୁଛି। ଯିବି କିପରି? ବଶିଷ୍ଠ ଉତ୍ତର ଦେଲେ, ନଦୀ ପାଖକୁ ଯାଇ କୁହ ଯଦି ବଶିଷ୍ଠ ବ୍ରହ୍ମଚାରୀ ହୋଇଥିବେ ମୋତେ ରାସ୍ତା ଦିଅ। ଅରୁନ୍ଧତୀ ଦ୍ୱନ୍ଦ୍ୱରେ ପଡ଼ିଲେ କାରଣ ବଶିଷ୍ଠ ତ ବିବାହିତ, ସେ ବ୍ରହ୍ମଚାରୀ ହେଲେ କିପରି? ତଥାପି ସ୍ୱାମୀଙ୍କ ଆଜ୍ଞା ପାଳନ କରି ସେପରି କହନ୍ତେ ନଦୀ ତାଙ୍କୁ ପଥ ଦେଲା। ଆଶ୍ଚର୍ଯ୍ୟ ହେଲେ ଅରୁନ୍ଧତୀ। ଦୁର୍ବାସା ଖାଇସାରିବା ପରେ ସେ ଯେତେବେଳେ ନିଜ ଆଶ୍ରମକୁ ଫେରିବା ପାଇଁ ଚାହିଁଲେ ଦେଖିଲେ ନଦୀ ପୁଣି ପ୍ରବଳ ବେଗରେ ବହୁଛି। ଦୁର୍ବାସା କହିଲେ, ‘‘ତୁମେ ନଦୀକୁ କୁହ ଦୁର୍ବାସା ଯଦି ନିରାହାର ହୋଇଥିବେ ମୋତେ ରାସ୍ତା ଦିଅ। ପୁଣି ଦ୍ୱନ୍ଦ୍ୱରେ ପଡ଼ିଲେ ଅରୁନ୍ଧତୀ। କାରଣ ଦୁର୍ବାସା ଖାଦ୍ୟ ଗ୍ରହଣ କରିଥିବା ସେ ନିଜେ ଦେଖିଛନ୍ତି। ତଥାପି ଦୁର୍ବାସାଙ୍କ ଆଜ୍ଞା ପାଳନ କରନ୍ତେ ନଦୀ ତାଙ୍କୁ ପଥ ଦେଲା ଓ ସେ ଆଶ୍ରମକୁ ଫେରିଲେ। ତା’ପରେ ବଶିଷ୍ଠ ଅରୁନ୍ଧତୀଙ୍କ ସନ୍ଦେହ ମୋଚନ କରିବାକୁ ଯାଇ କହିଲେ, ଯାହାର ଚିତ୍ତ ବ୍ରହ୍ମଭାବରେ ସ୍ଥିତ ସେ ହିଁ ବ୍ରହ୍ମଚାରୀ ଓ ଯିଏ ଇନ୍ଦ୍ରିୟ ତୃପ୍ତି ପାଇଁ ଖାଦ୍ୟ ଗ୍ରହଣ ନ କରି ଈଶ୍ୱର ଚିନ୍ତନ ଲକ୍ଷ୍ୟରେ ବଞ୍ଚିରହିବା ପାଇଁ ଖାଦ୍ୟ ଗ୍ରହଣ କରେ ସେ ହିଁ ନିରାହାର ମଧ୍ୟରେ ଗଣ୍ୟ। ଏହା ହିଁ ହେଉଛି ଉପବାସର ମର୍ମ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ: ୯୪୩୭୩୨୯୨୬୩

## ଏଇ ଭାରତରେ

ମାଟି କିମ୍ବା ସିମେଣ୍ଟ ଇଟା ନୁହେଁ ଏଥର ସ୍ୱପ୍ନର ଘର ନିର୍ମାଣ କରିବେ ଏକ ସ୍ୱତନ୍ତ୍ର ଇଟାରେ। ଏହା ପୁଣି ତିଆରି ହୋଇଛି ଶତପ୍ରତିଶତ ବର୍ଜ୍ୟବସ୍ତୁରେ। ଇଟାର ଦାମ୍ ରଖାଯାଇଛି ୧୦ ଟଙ୍କା। ଏହା ମାଟି ଓ ସିମେଣ୍ଟ ଇଟାଠାରୁ ଅଢେଇ ଗୁଣ ମଜଭୁତ। ଏଭଳି ଇଟା ପ୍ରସ୍ତୁତ କରୁଛନ୍ତି ଗୁଜରାଟର ବ୍ୟବସାୟୀ ମନୀଶ କୋଠାରୀ। ପେସାରେ ସେ ଜଣେ ମେକାନିକାଲ ଇଞ୍ଜିନିୟର। ରାଇନୋ ମେଶିନସ୍ କମ୍ପାନୀର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ ମନୀଶ କମ୍ପାନୀକୁ ୧୯୮୬ରେ ପଞ୍ଜୀକରଣ କରିଥିଲେ। କମ୍ପାନୀର ନାମ ଅନୁସାରେ ଇଟାର ନାମ ରଖିଛନ୍ତି ରାଇନୋ ବ୍ରିକ୍ସ ବା ରାଇନୋ ଇଟା। ବର୍ଜ୍ୟ ପ୍ଲାଷ୍ଟିକ୍ ସହ ଫାଉଣ୍ଡ୍ରି ଡଷ୍ଟ (ସିଲିକା, ମାଟି ଓ କାର୍ବନ ମିଶା ଧୂଳି) ମିଶାଇ ସେ ଇଟା ତିଆରି କରୁଛନ୍ତି। ୭୫ ପ୍ରତିଶତ ଫାଉଣ୍ଡ୍ରି ଡଷ୍ଟ ସହ ୨୫ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟ ରହୁଛି ଇଟାରେ। ଏହା ଏବେ ବ୍ୟବହାର କରାଯାଉଥିବା ପାରମ୍ପରିକ ଇଟାଠାରୁ ୨୫ ପ୍ରତିଶତ ହାଲ୍‌କା। ଏହି ଇଟା ତିଆରି କରିବାରେ ପାଣି ବ୍ୟବହାର କରାଯାଉନାହିଁ।ଏଥିରେ କାନ୍ଥ ଗଢିବା ପରେ ବି ସେଥିରେ ପାଣି ଦେବାକୁ ପଡୁନାହିଁ ବୋଲି କହନ୍ତି ୫୨ ବର୍ଷୀୟ ମନୀଶ। ଏହି ଇଟା ଉପରେ ଗବେଷଣା ଓ ବିକାଶ କରିବାରେ ଆର୍ ପ୍ଲସ୍ ଡି ଲାବ୍ (ଏକ ଆର୍କିଟେକ୍ଚରାଲ ଫାର୍ମ) ମନୀଶଙ୍କୁ ସାହାଯ୍ୟ କରିଛି। ୨୦୧୮ର ଶେଷାର୍ଦ୍ଧରେ ପ୍ରଥମେ ସେ ଏଭଳି ଇଟା ପ୍ରସ୍ତୁତ କରିବାକୁ ସକ୍ଷମ ହୋଇପାରିଥିଲେ। ଫେବୃୟାରୀ ୨୦୨୦ରେ ଇଟା ତିଆରି କରିବା ଆରମ୍ଭ କରିଥିଲେ। ଏବେ ତାଙ୍କ ପାଖରେ ଇଟା ଲାଗି ଅର୍ଡର ପହଞ୍ଚିବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୯୫

- ୟୁକ୍ରେନ୍ ଏବଂ ରୁଷ୍‌ରେ ବିଷାକ୍ତ ଛତୁ ଖାଇ ୭ ଜଣ ପିଲାଙ୍କ ସମେତ ମୋଟ୍ ୨୧ ଜଣ ମୃତ୍ୟୁବରଣ କରିଛନ୍ତି।
- ଦଳିତ ବର୍ଗର ଉନ୍ନତି ପାଇଁ ଉଲ୍ଲେଖନୀୟ ଅବଦାନ ସକାଶେ ରାଜୀବ ଗାନ୍ଧୀ ଫାଉଣ୍ଡେସନର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲାୟନ୍ସ ଇଣ୍ଟରନ୍ୟାଶନାଲ୍ ପୁରସ୍କାର ପ୍ରଦାନ କରାଯାଇଛି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | D | 5 | | | | 2 | | 3 |
| | | | 3 | | 4 | 7 | | 6 | | | | | | |
| | | E | | | 7 | | A | | | | | | | |
| | 5 | 6 | | 0 | E | 2 | | | | | | | | |
| | | | | | | | 0 | | D | 9 | B | 1 | 7 | |
| | E | | | 9 | | | 4 | | 0 | | | | | |
| 0 | | | | A | | | | | C | | 1 | | 3 | |
| | 9 | 2 | 4 | C | | 8 | 5 | 1 | | 6 | | | | |
| | | | 1 | | | | | 3 | 2 | B | | | | |
| 8 | | | | | 3 | | | C | 5 | D | | | 1 | B |
| | | | | D | | | | | | 4 | 2 | | | 1 |
| 5 | A | | 6 | | | 4 | | 9 | 1 | | | | 8 | |
| | | 3 | 8 | | | | | 7 | | | C | 5 | B | |
| D | | | 7 | B | 2 | 6 | | | | | A | 3 | | 9 |
| | B | | | 5 | 9 | | 2 | | 6 | 7 | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 1 | 7 | 6 | 0 | D | B | C | E | 3 | 5 | 9 | 8 | 4 |
| 7 | C | 3 | A | 9 | B | 2 | E | 4 | 0 | D | 8 | 6 | 5 | 1 |
| 4 | E | 6 | 5 | D | 2 | 0 | 8 | 1 | B | C | 9 | 3 | A | 7 |
| 9 | 5 | 0 | 8 | 1 | C | 7 | 3 | A | 6 | 2 | 4 | D | E | B |
| 8 | B | D | E | 3 | 4 | 6 | 5 | 9 | 1 | A | 7 | 0 | C | 2 |
| 1 | 9 | 2 | 6 | C | 8 | B | 0 | 7 | 5 | 4 | E | A | 3 | D |
| 6 | 4 | B | 3 | 2 | 5 | A | 1 | D | 9 | 0 | C | 8 | 7 | E |
| C | 8 | A | 9 | 4 | D | 5 | 2 | E | 3 | 7 | 1 | B | 6 | 0 |
| 0 | 3 | 5 | B | 7 | E | 4 | 9 | 6 | D | 8 | A | 1 | 2 | C |
| E | D | 7 | 1 | 0 | A | 3 | C | 8 | 2 | B | 6 | 5 | 4 | 9 |
| 3 | 0 | 4 | C | 5 | 1 | 9 | 6 | 2 | 8 | E | B | 7 | D | A |
| A | 6 | C | 0 | E | 9 | 1 | 4 | 3 | 7 | 5 | D | 2 | B | 8 |
| B | 2 | 9 | 4 | A | 7 | 8 | D | 5 | C | 6 | 0 | E | 1 | 3 |
| 5 | 1 | E | D | 8 | 3 | C | 7 | B | A | 9 | 2 | 4 | 0 | 6 |
| D | 7 | 8 | 2 | B | 6 | E | A | 0 | 4 | 1 | 3 | C | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକରୁ ଅଧିକ କୋଭିଡ୍ ପରୀକ୍ଷା ହେଉ

ମହାଶୟ,

ଗତ ଜୁଲାଇ ୨ ତାରିଖ ସୁଦ୍ଧା ସମଗ୍ର ଦେଶରେ ୯୦ ଲକ୍ଷ ୫୬ ହଜାର କୋଭିଡ୍ ପରୀକ୍ଷା ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୨ ଲକ୍ଷ ୭୪ ହଜାର ପରୀକ୍ଷା ହୋଇଛି। ଜନସଂଖ୍ୟା ଅନୁପାତରେ ଓଡ଼ିଶାରେ ୩ ଲକ୍ଷ ୬୦ ହଜାରରୁ ଅଧିକ ପରୀକ୍ଷା ହେବାକଥା। ସେହିପରି ଜୁଲାଇ ୨ ତାରିଖ ଦେଶରେ ମୋଟ୍ ୨ ଲକ୍ଷ ୨୯ ହଜାରରୁ ଅଧିକ ପରୀକ୍ଷା ହୋଇଥିବା ବେଳେ ଏହି ଦିନ ଓଡ଼ିଶାରେ ପରୀକ୍ଷା ସଂଖ୍ୟା ୪ ହଜାରରେ ସୀମିତ ରହିଛି। ଏହି ଗୋଟିଏ ଦିନ ଜନସଂଖ୍ୟା ଅନୁପାତରେ ଆମ ରାଜ୍ୟରେ ୮ ହଜାରରୁ ଅଧିକ ପରୀକ୍ଷା ହେବା କଥା। ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ଅଧିକରୁ ଅଧିକ ସ୍ୱାବ୍ ପରୀକ୍ଷା କରିବା ପ୍ରମୁଖ ମାଧ୍ୟମ ହୋଇଥିବାରୁ ଓଡ଼ିଶାରେ ପରୀକ୍ଷଣ ସଂଖ୍ୟା ବୃଦ୍ଧି କରାଯିବା ଜରୁରୀ। ସରକାର ତା’ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ପିଲାମାନଙ୍କୁ ଅଭିଭାବକମାନେ ଅତ୍ୟାଧୁନିକ ସୁବିଧା, ସୁଯୋଗ ଥିବା ବିଦ୍ୟାଳୟରେ ଶିକ୍ଷା ଲାଭ ନିମନ୍ତେ ଛାଡୁଛନ୍ତି। ଶିକ୍ଷାଦାନର ପରିବେଶ, ବ୍ୟବସ୍ଥା ଏବଂ ଏହାର ପ୍ରକୃତ ଉଦ୍ଦେଶ୍ୟ ଏକ ପ୍ରହେଳିକା ସାଜିଛି ମାତ୍ର। ଉକ୍ତ ବ୍ୟବସ୍ଥିତ ପଦ୍ଧତିରେ ଶିକ୍ଷାର ମାନ ଏବଂ ଗୁଣ କେତେ ବୃଦ୍ଧି ପାଇଛି ତାହା ସମୀକ୍ଷାର ପରିଧି ମଧ୍ୟରେ ଆସିବା ନିହାତି ଜରୁରୀ। ଏଥିସହ, ଏହା ଆମ ବ୍ୟକ୍ତିଗତ ଜୀବନ ତଥା ସମାଜ ଏବଂ ସଂସ୍କୃତି ପ୍ରତି କେତେ ଉପଯୋଗୀ ହୋଇପାରିଛି ତାହା ମଧ୍ୟ ଆକଳନ କରାଯିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି।
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୦୦ ଟପିଲା କରୋନା ମୃତ୍ୟୁ

- ଆଖିବୁଜିଲେ ୮ ଆକ୍ରାନ୍ତ
- ନୂଆ ୬୪୭ ପଜିଟିଭ, ୪୦୦ ସୁସ୍ଥ
- ଜୁଲାଇରେ ଗଲାଣି ୭୮ ଜୀବନ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଏକଶହ ଟପିଛି। ମଙ୍ଗଳବାର ୬ଜଣଙ୍କର କରୋନାଜନିତ ମୃତ୍ୟୁ ହେବା ପରେ ମୋଟ ସଂଖ୍ୟା ୧୦୩ ଛୁଇଁଛି। ଏପ୍ରିଲ ୮ରେ ରାଜ୍ୟରେ ପ୍ରଥମ କରୋନାଜନିତ ମୃତ୍ୟୁ ଘଟିଥିଲା। ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୨୫ ଥିବା ବେଳେ ଏବେ ଏହା ୧୦୩କୁ



ବୃଦ୍ଧି ପାଇଛି। ଅର୍ଥାତ୍ କେବଳ ଜୁଲାଇ ମାସରେ ୭୮ଜଣଙ୍କ ଜୀବନ ଯାଇଛି।

ମଙ୍ଗଳବାର ମୋଟ ୮ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ୬ଜଣ କରୋନାରେ ପ୍ରାଣ ହରାଇଥିବା ବେଳେ ୨ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୬ ମୃତକଙ୍କ ମଧ୍ୟରେ କେନ୍ଦ୍ରାପଡ଼ା, କଟକ, ଗଜପତି, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ ରାୟଗଡ଼ାରୁ ଜଣେ ଲେଖାଏ ରହିଛନ୍ତି। ୫ଜଣ ମୃତକଙ୍କ ବୟସ ୫୮ରୁ ୭୪ ମଧ୍ୟରେ ଥିବାବେଳେ କଟକରେ ଜଣେ ୨୬ବର୍ଷୀୟା ଯୁବତୀ କରୋନାରେ ଆଖିବୁଜିଛନ୍ତି। ରାଜ୍ୟରେ କରୋନା ମୃତ୍ୟୁ ତାଲିକାରେ ଗଞ୍ଜାମ ଶୀର୍ଷରେ ରହିଛି। ଗଞ୍ଜାମରେ ୫୯, ଖୋର୍ଦ୍ଧା ୧୪, କଟକ ୯, ଗଜପତି ୫, ସୁନ୍ଦରଗଡ଼, ପୁରୀ, ଅନୁଗୋଳ, ରାୟଗଡ଼ା, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ୨ଜଣ ଲେଖାଏ ଏବଂ ନୟାଗଡ଼, ଭଦ୍ରକ ଓ ବରଗଡ଼ରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ତେବେ ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଗଲାଣି।

ରାଜ୍ୟରେ ଆଉ ୬୪୭ ନୂଆ ଆକ୍ରାନ୍ତ ଚିହ୍ନଟ ହେବାପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮, ୭୫୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୪୩୧ ଜଣ କ୍ୱାରାଣ୍ଟାଇନ ସେଣ୍ଟରର ହୋଇଥିବାବେଳେ ୨୧୬ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୨୫ଜଣ ଥିବାବେଳେ କଟକ ୮୪, ଖୋର୍ଦ୍ଧା ୬୮, ରାୟଗଡ଼ା ୪୭, ବାଲେଶ୍ୱର ୪୦, ଅନୁଗୋଳ ୩୭, କୋରାପୁଟ ୨୮, ସୁନ୍ଦରଗଡ଼ ୨୨, କେନ୍ଦ୍ରାପଡ଼ା ୧୩, ଭଦ୍ରକ ୧୨, ମାଲକାନଗିରି, ସମ୍ବଲପୁର ଓ ଢେଙ୍କାନାଳରେ ୧୦ଜଣ ଲେଖାଏ, କେନ୍ଦୁଝରେ ୮, ଜଗତସିଂହପୁର ୭, କନ୍ଧମାଳ ଓ ବଲାଙ୍ଗୀରରେ ୫ଜଣ ଲେଖାଏ, ବରଗଡ଼ ଓ ନୟାଗଡ଼ରେ ୪ଜଣ ଲେଖାଏ, ମୟୂରଭଞ୍ଜ ୩, ଯାଜପୁର ଓ ନବରଙ୍ଗପୁରରେ ୨ଜଣ ଲେଖାଏ ଏବଂ ସୁବର୍ଣ୍ଣପୁରରେ ଜଣେ ଚିହ୍ନଟ ହୋଇଛନ୍ତି। ସେପଟେ ପ୍ରତିଦିନ ପରି ମଙ୍ଗଳବାର ମଧ୍ୟ କରୋନା ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି। ରାଜ୍ୟର ୨୦ ଜିଲାରୁ ୪୦୦ କରୋନା ଆକ୍ରାନ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏଥିମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୧୩୭ଜଣ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୩,୩୦୯ରେ ପହଞ୍ଚିଛି।

# ଅନ୍‌ଲାଇନ୍‌ରେ ତଥ୍ୟ ଦେବାକୁ ଡର

- ନାଁକୁ ଚାଲୁଛି ଯାଜପୁର ଜିଲା ୱେବପୋର୍ଟାଲ, ଇ-ଡେସ୍‌ପାଚ୍
- ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ବଢୁଛି, ବାସ୍ତବତା ଭିନ୍ନ
- କମ୍ପ୍ୟୁଟର ସଂସ୍ଥା ପାଇଁ ଶ୍ରାଦ୍ଧ ହେଉଛି ଲକ୍ଷାଧିକ ଟଙ୍କା



ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ।

ଯାଜପୁର ଅଫିସ,୨୧।୭

ରାଜ୍ୟ ସରକାର ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ (୫-ଟି)କୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହା କେବଳ ପ୍ରଚାର ସର୍ବସ୍ୱ ପାଲଟିଛି। ଅପାରଗତା ଲୁଚାଇବାକୁ ଇ-ଡେସପାଚ୍ ଓ ଜିଲା ୱେବପୋର୍ଟାଲକୁ ନବୀକରଣ କରାଯାଉନାହିଁ। ଇ-ଡେସ୍‌ପାଚ କ୍ଷେତ୍ରରେ ନମ୍ବର ବଢୁଛି ହେଲେ ବାସ୍ତବରେ ଚିଠିପତ୍ର ଦେଖିହେଉନାହିଁ। ଏଥିରେ ସର୍ବାଗ୍ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଅବକାରୀ, ପରିବହନ, ଯୋଗାଣ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜିଲା ଶିଳ୍ପକେନ୍ଦ୍ର ଆଦି ବିଭାଗ ରହିଛି। ବିଭାଗୀୟ ଅଧିକାରୀମାନେ କ'ଣ ଓ କିଭଳି କାର୍ଯ୍ୟ କରୁଛନ୍ତି ସେ ନେଇ ବିଭାଗୀୟ ୱେବ ପୋର୍ଟାଲରେ ଅପ୍‌ଡେଟ କରାଯାଉନାହିଁ। ଫଳରେ ଅନ୍‌ଲାଇନ ଯୋଗେ ଜିଲାବାସୀ ତଥ୍ୟ ପାଇପାରୁନାହାନ୍ତି। ଏ ନେଇ ସାଧାରଣରେ ଚର୍ଚ୍ଚା ହେଉଛି କି, ଅନ୍‌ଲାଇନ୍‌ରେ ତଥ୍ୟ ଦେବାକୁ ସରକାରୀ ଅଧିକାରୀଙ୍କୁ ଡର ଲାଗୁଛି।

ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ପ୍ରାୟ ୬ବର୍ଷ ତଳେ ଇ-ଡେସ୍‌ପାଚ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ପ୍ରତିଦିନ ଅପଡେଟ୍ ହେବାକୁ ନିର୍ଦ୍ଦେଶ ରହିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକେ ଯେପରି ଜାଣିପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଯାଜପୁର ଜିଲା ପ୍ରଶାସନ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟକୁ ଅବମାନନା କରୁଥିବା ବେଳେ ଇ-ଡେସପାଚ୍ ଓ ୱେବପୋର୍ଟାଲ ଦାୟିତ୍ୱରେ ଥିବା ଭୁବନେଶ୍ୱରର ସମ୍ପୃକ୍ତ ଅଧିକାରୀ ମଧ୍ୟ କେଉଁ ସ୍ୱାର୍ଥରେ ଆଖି ବୁଜି ଦେଇଛନ୍ତି, ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ସୁଦ୍ଧା ୨୪୧୮ଟି ଚିଠିପତ୍ର ଇ-ଡେସ୍‌ପାଚ ହୋଇଥିବାବେଳେ ୫୧,୬୧୫ଟି ଚିଠି ରିସିଭ୍ କରାଯାଇଥିବା ସାଇଟ୍‌ରେ ତଥ୍ୟ ରହିଛି। କିନ୍ତୁ ୨୦୨୦ରେ ଗୋଟିଏ ବି ଚିଠି ଡେସପାଚ୍ ହୋଇଥିବା ତଥ୍ୟ ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳୁନାହିଁ। ଶେଷଥର ୨୦୧୯ ନଭେମ୍ବର ମାସ ୭ ତାରିଖରେ ଇ-ଡେସ୍‌ପାଚ ହୋଇଥିବା ଜଣାପଡ଼ିଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟରେ ନିୟମିତ ଚିଠିପତ୍ର ଆଦାନ ପ୍ରଦାନ ହେଉ ନ ଥିବା ଦେଖିବାକୁ ମିଳିଛି। ଏହାବାଦ ଯାଜପୁର ଜିଲା ୱେବ୍ ପୋର୍ଟାଲରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଆଯାଉନଥିବା ଅଭିଯୋଗ ହୋଇଛି। ତେବେ ଅନ୍‌ଲାଇନ୍‌ରେ ତଥ୍ୟ ପ୍ରଦାନରେ ଜିଲା ପ୍ରଶାସନ କେଉଁ କାରଣରୁ ପଛଘୁଞ୍ଚା ଦେଉଛନ୍ତି, ତାହା ଏକ ବିରାଟ ପ୍ରଶ୍ନ ହୋଇ ଉଭା ହୋଇଛି। ଏଥିଯୋଗୁ ରାଜ୍ୟ ସରକାର ଉପରେ ସାଧାରଣ ଲୋକ ଆସ୍ଥା ହରାଉଥିବା ଭଳି ମନେହେଉଛି। ଅନ୍ୟପକ୍ଷେ ଜିଲା ଶିଳ୍ପକେନ୍ଦ୍ରରେ ଚିଠି ଡେସପାଚ ୨୩।୧୦।୨୦୧୯ରୁ ବନ୍ଦ ପଡ଼ିଛି। ଡେପୁଟି ଡାଇରେକ୍ଟର ଅଫ୍ ଏଗ୍ରିକଲଚର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋ-ପରେଟିଭ ସୋସାଇଟି, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପ୍ରଭୃତି ବିଭାଗରେ ଗୋଟିଏ ବି ପତ୍ର ପ୍ରେରଣ କରାଯାଇନାହିଁ। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ, ଆସିଷ୍ଟାଣ୍ଟ ଡେପୁଟି ଡାଇରେକ୍ଟର ଅଫ୍ ହର୍ଟିକଲଚର, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ, ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓ, ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟି, ଚଣ୍ଡିଖୋଲ ଆରଡବ୍ଲୁଏସ୍‌ଏସ୍ ଆଦି ବିଭାଗର ଇ-ଡେସ୍‌ପାଚ୍‌ରେ ଚିଠି ନମ୍ବର ବଢୁଛି ସତ ହେଲେ ଦୀର୍ଘ ସମୟ ହେବ ଚିଠିପତ୍ର ଦିଶୁନାହିଁ। ଏଭଳି ଭାବେ ଜିଲାବାସୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଭକୁଆ କରାଯାଉଛି ବୋଲି ମତପ୍ରକାଶ ପାଇଛି। ଇ-ଡେସପାଚ୍ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବେ କମ୍ପ୍ୟୁଟର ସଂସ୍ଥାଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥା ପାଇଁ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଶ୍ରାଦ୍ଧ ବି ହେଉଛି। ଏହାସତ୍ତ୍ୱେ ବିଭାଗୀୟ ଚିଠି ଓ ନିର୍ଦ୍ଦେଶାବଳୀ ଆଦି ସେହି ପୁରୁଣା ଢଙ୍ଗରେ ଫାଇଲରୁ ଫାଇଲକୁ ବୁଲୁଛି। ଏ ସଂକ୍ରାନ୍ତରେ ଏଡିଏମ୍ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ସମସ୍ତଙ୍କୁ ଇ-ଡେସପାଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବିଭାଗ କରିନାହାନ୍ତି ତାହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।


କଟକ ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଓଏମ୍‌ପି ଓଭରବ୍ରିଜ୍ କାନ୍ଥରେ ଦହିବରା ଆଳୁଦମ୍‌ର ବିକ୍ରିର ଚିତ୍ର।

# ପୂର୍ବତନ ଆଇଏଏସ୍ ଅଫିସର ପ୍ରିୟବ୍ରତ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨୧।୭(ବ୍ୟୁରୋ)


ପ୍ରିୟବ୍ରତ ପଟ୍ଟନାୟକ

ପୂର୍ବତନ ଆଇଏଏସ୍ ଅଫିସର ପ୍ରିୟବ୍ରତ ପଟ୍ଟନାୟକଙ୍କର ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ଭୋର ୬ଟା ୩୦ ମିନିଟ୍‌ରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ୧୯୭୬ ବ୍ୟାଚ୍‌ର ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀ ଗତ କିଛିମାସ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ।

ତାଙ୍କ ବିୟୋଗରେ ପ୍ରଶାସନିକ ଅଧିକାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ମୁମ୍ବାଇରୁ ଓଡ଼ିଶା ଆଣିବା ପାଇଁ ଚେଷ୍ଟା କରାଯାଉଥିବା ପରିବାର ସୂତ୍ରରୁ ଜଣାପଡିଛି। ମୁଖ୍ୟ ଶାସନ ସଚିବ ର୍‍ୟାଙ୍କ ପାଇବା ପୂର୍ବରୁ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଉଦ୍ୟୋଗ ଓ ବିଭାଗରେ କାର୍ଯ୍ୟରତ ଥିଲେ। ସେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋର) ସିଏମ୍‌ଡି ଭାବେ ଦାୟିତ୍ୱ ତୁଲାଇଥିଲେ। ଜଗତ୍‌ସିଂହପୁର ଜିଲାରେ ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପକୁ ପ୍ରଶାସନିକ ସହାୟତା ଯୋଗାଇବା ଦିଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଯଦିଓ ବିଭିନ୍ନ କାରଣରୁ ପୋସ୍କୋ ଇସ୍ପାତ୍ ପ୍ରକଳ୍ପରୁ ଓହରି ଯାଇଛି। ସେ କେବଳ ଜଣେ ଦୃଢ଼ ପ୍ରଶାସନିକ ଅଧିକାରୀ ନ ଥିଲେ, କଳା ଓ ସଂସ୍କୃତି ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚି ରହିଥିଲା। ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଘ ସହିତ ଜଡ଼ିତ ଥିଲେ। ପ୍ରିୟବ୍ରତ ଓଡ଼ିଶା ଜୁଡୋ ଆସୋସିଏଶନ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱର କ୍ଲବ ପ୍ରତିଷ୍ଠା କରିବା ସହ ଏହାକୁ ସ୍ୱତନ୍ତ୍ର ପରିଚୟ ଦେବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

# ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ପୁନର୍ଗଠନ

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ପୁନର୍ଗଠନ କରାଯାଇଛି। ଆସନ୍ତା ୨୪ ତାରିଖରୁ ଏହି ନୂତନ ସାଧାରଣ ପରିଷଦ କାର୍ଯ୍ୟକାରୀ ହେବ। ପୂର୍ବଭଳି ସଭାପତି, ଉପସଭାପତି, ଅର୍ଥ ପରାମର୍ଶଦାତା, ସମ୍ପାଦକଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସରକାରୀ ସଦସ୍ୟଭାବେ ପରିଷଦରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ଢେଙ୍କାନାଳ ବାହାଦୁର ପାଟସାହାଣୀ, ବାଲେଶ୍ୱରର ଶୁଭଶ୍ରୀ ଲେଙ୍କା ଓ କାଳୀପଦ ପଣ୍ଡା ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ଏଥିରେ ଥିବା ବେସରକାରୀ ସଦସ୍ୟମାନଙ୍କ କାର୍ଯ୍ୟକାଳ ୩ବର୍ଷ ଅର୍ଥାତ୍ ୨୦୨୦ ଜୁଲାଇ ୨୪ରୁ ୨୦୨୩ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ବୈଧ ରହିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏକାଡେମୀ ପକ୍ଷରୁ ଜିଲାୱାରୀ ନୂତନ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଅନୁଗୋଳର ସଂଗ୍ରାମ କେଶରୀ ପୃଷ୍ଟି, ବଲାଙ୍ଗୀର ଜ୍ୟୋତିର୍ମୟୀ ସାହୁ, ବରଗଡ଼ ବାମପଦ ତ୍ରିପାଠୀ, ବାଲେଶ୍ୱର ଭରତଚନ୍ଦ୍ର ଦାଶ, ବୌଦ୍ଧ ସଞ୍ଜୟ କୁମାର ପଣ୍ଡା, ଭଦ୍ରକ ପବିତ୍ର ପାଣିଗ୍ରାହୀ, କଟକ ମନୋଜ ପଟ୍ଟନାୟକ, ଦେବଗଡ଼ ଭାରତ ଭୂଷଣ ନନ୍ଦ, ଢେଙ୍କାନାଳ ପୁଷ୍ପଲତା ରଥ, ଗଜପତିର ମୀନାକ୍ଷୀ ସାହୁ, ଗଞ୍ଜାମ ସିଦ୍ଧାର୍ଥ ଶଙ୍କର ପାଢୀ, ଜଗତସିଂହପୁର ଅଭୟ ବାରିକ, ଯାଜପୁର ରୀତାରାଣୀ ନାୟକ, ଝାରସୁଗୁଡ଼ା ଶିବପ୍ରିୟା ମିଶ୍ର ଏବଂ କଳାହାଣ୍ଡି ପାଇଁ ସତ୍ୟ ନାରାୟଣ ମହାପାତ୍ର ପରିଷଦ ସଦସ୍ୟ ହୋଇଛନ୍ତି। ସେହିଭଳି କନ୍ଧମାଳର ଗିରିଜା ପ୍ରସାଦ ମିଶ୍ର, କେନ୍ଦ୍ରାପଡ଼ା ସରୋଜ କୁମାର ମହାନ୍ତି, କେନ୍ଦୁଝରର ପିନାକୀ ମିଶ୍ର, କୋରାପୁଟ ଲକ୍ଷ୍ମୀକାନ୍ତ ପାଢୀ, ଖୋର୍ଦ୍ଧାର ବିବେକାନନ୍ଦ ପାଣିଗ୍ରାହୀ, ମାଲକାନଗିରିର କିଶୋର ଚନ୍ଦ୍ର ପ୍ରଧାନ, ମୟୂରଭଞ୍ଜର ଅଜିତ ପାତ୍ର, ନବରଙ୍ଗପୁରର ବଲ୍ଲଭ କୁମାର ରାଉତ, ନୟାଗଡ଼ର ଅଶୋକ କୁମାର ନାୟକ, ନୂଆପଡ଼ାର ସୁରେଶ୍ୱରୀ ବାଘ, ପୁରୀର ପ୍ରତିଭା ମହାରଥୀ, ରାୟଗଡ଼ାର ଡମ୍ବରୁଧର ପଟ୍ଟନାୟକ, ସମ୍ବଲପୁରର ରଘୁନାଥ ମେହେର, ସୁବର୍ଣ୍ଣପୁରର ଦେବାଶିଷ ପାଣ୍ଡିଆ ଏବଂ ସୁନ୍ଦରଗଡ଼ର ସୁପ୍ରିୟା ପାଲ ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସାଧାରଣ ପରିଷଦରେ ରାଜ୍ୟର ୮ ବିଶ୍ୱବିଦ୍ୟାଳୟର ପ୍ରତିନିଧି ରହିଛନ୍ତି। ସେମାନେ ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି କିମ୍ବା ତାଙ୍କ ପ୍ରତିନିଧି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ କୁମାର ମହାପାତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପଦ୍ମନାଭ ସାହୁ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ଉର୍ମିଶ୍ରୀ ବେଦମାତା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଡ. ନିରଞ୍ଜନ କର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଶିବ ପ୍ରସାଦ ତ୍ରିପାଠୀ। ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଦ୍ୱାରା ଓଡ଼ିଆ ସାହିତ୍ୟର ୮ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ନିଯୁକ୍ତ ହେବେ। ରାଜ୍ୟ ପ୍ରତ୍ନତତ୍ତ୍ୱର ଅଧୀକ୍ଷକ ମଧ୍ୟ ଏହି ପରିଷଦରେ ସଦସ୍ୟ ରହିବେ।

# କ୍ୟାନ୍‌ସର ହସ୍ପିଟାଲରେ ପୁଣି ରୋଗୀସେବା ଆରମ୍ଭ

**କଟକ ଅଫିସ,୨୧।୭:** ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ପୁଣି ସବୁ ବିଭାଗରେ ରୋଗୀ ସେବା ଆରମ୍ଭ ହୋଇଛି। ବୁଧବାରରୁ ଭରତିଆ ଧର୍ମଶାଳାକୁ ଆଇସୋଲେଶନ ୱାର୍ଡରେ ପରିଣତ କରାଯିବ। ୨୪ ଘଣ୍ଟିଆ ଆଣ୍ଟିଜେନ ଟେଷ୍ଟ ସୁବିଧା ହୋଇ ନ ଥିବାରୁ ଜରୁରିକାଳୀନ ରୋଗୀଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ଦିଆଯିବ। କୋଭିଡ ଟେଷ୍ଟ ପରେ ଆବଶ୍ୟକ ହେଲେ ୱାର୍ଡରେ ଭର୍ତ୍ତି କରାଯିବ। ଦୂର ରୋଗୀ ସ୍ୱତନ୍ତ୍ର ଆପଏଣ୍ଟମେଣ୍ଟ ନେଇ ଆସିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠୁ ୧୦ ଦିନ ସମ୍ବଲପୁର ଜିଲା ଶଟ୍‌ଡାଉନ

ସମ୍ବଲପୁର, ୨୧।୭ (ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ମଙ୍ଗଳବାର ଜିଲାର ୧୦ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୧୯୪ରେ ପହଞ୍ଚିଛି। ଦିନକୁ ଦିନ ସ୍ଥିତି ଗମ୍ଭୀର ହେଉଥିବାରୁ ଜିଲା ପ୍ରଶାସନ ସମଗ୍ର ସମ୍ବଲପୁର ଜିଲାକୁ ଜୁଲାଇ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଶଟ୍‌ଡାଉନ ଘୋଷଣା କରିଛି। ଏହି ସମୟରେ ଲୋକେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ଓ ଦ୍ୱନ୍ଦ୍ୱରେ ନ ପଡନ୍ତି ସେଥିଲାଗି ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିପାଇଁ ଏକ ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୨୩ ଜାରି କରାଯାଇଛି। କୋଭିଡ୍ ସମ୍ପର୍କିତ କୌଣସି ସୂଚନା, ଅନୁସନ୍ଧାନ ଓ ପରାମର୍ଶ ଲାଗି ଏହି ନମ୍ବରକୁ ଜନସାଧାରଣ ଫୋନ୍ କରିପାରିବେ।

ଜିଲାପାଳ ଶୁଭମ୍ ସକ୍‌ସେନା ସମଗ୍ର ଜିଲାକୁ ୨ଟି ପର୍ଯ୍ୟାୟରେ ଶଟ୍‌ଡାଉନ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଶଟ୍‌ଡାଉନରେ କିଛି କଟକଣା କୋହଳ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ କଟକଣା କଡାକଡି ପାଳନ କରିବ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଥମ ପର୍ଯ୍ୟାୟ ଶଟ୍‌ଡାଉନ ଜୁଲାଇ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ରହିଛି। ଏହି ସମୟରେ ସମସ୍ତ ମେଡିକାଲ, କ୍ଲିନିକ, ନର୍ସିଂହୋମ, ଔଷଧ ଦୋକାନ, ମହାନଗର ନିଗମ କର୍ମଚାରୀ, ପୋଲିସ, ଅଗ୍ନିଶମ ବିଭାଗ, ଅବକାରୀ ବିଭାଗ, ବନ ବିଭାଗ, ଟେଲିକମ୍, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭାଗର ଜରୁରୀ ସେବାରେ କାର୍ଯ୍ୟରତ କର୍ମଚାରୀ, ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ଓ ପରିମଳ, ସାମଗ୍ରୀ ନେବା ଆଣିବାରେ ବ୍ୟବହୃତ ଗାଡି, ଶିଳ୍ପ କଳକାରଖାନା, ନିର୍ମାଣ କାମ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀଧନ, ଜାତୀୟ ରାଜପଥ ଉପରେ ଯାତାୟାତ, ଏଟିଏମ, ରନ୍ଧନ ଗ୍ୟାସ, ହୋମ୍ ଡେଲିଭରି ଉପରେ କଟକଣା କୋହଳ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଶଟଡାଉନ ଜୁଲାଇ ୨୬ରୁ ୩୧ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା, ଟ୍ରେଜେରୀ, ପୋଷ୍ଟଅଫିସ, ଟେଲିକମ୍ ସର୍ଭିସ, ଏଟିଏମ୍‌ରେ ଟଙ୍କା ଯୋଗାଣ, ବ୍ୟାଙ୍କ, ବୀମା କମ୍ପାନୀଗୁଡିକ ୨୫ ପ୍ରତିଶତ କର୍ମଚାରୀ ନେଇ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାମ କରିବେ। ଶୀତଳ ଭଣ୍ଡାର, ଷ୍ଟୋର, ଘରୋଇ ସୁରକ୍ଷା ଉପରେ କଟକଣା କୋହଳ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଆପାତ୍‌କାଳୀନ, ମହାନଗର ନିଗମ, ପୋଲିସ, ଅଗ୍ନିଶମ ବିଭାଗ, ବନ ବିଭାଗ ଓ ଅବକାରୀ ବିଭାଗ କର୍ମଚାରୀ କାମ କରି ପାରିବେ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଜାରି ରହିବ। ପନିପରିବା, କିରାନା ଦୋକାନ, କ୍ଷୀର ଦୋକାନ ସକାଳ ୬ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ପେଟ୍ରୋଲ ପମ୍ପ ଖୋଲା ରହିବ। ରନ୍ଧନ ଗ୍ୟାସ ବିତରଣ କରାଯିବ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀଧନ ବିଭାଗ କାର୍ଯ୍ୟ ସ୍ୱାଭାବିକ ରହିବ। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚିହ୍ନଟ କରି ଅନୁମତି ପ୍ରଦାନ କରାଯିବ। ମାଙ୍ଗଳିକ ଓ ସାମାଜିକ କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିକାରୀ ଅନୁମତି ପ୍ରଦାନ କରିବେ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ଏଭଳି ବିପଦ ସମୟରେ ଶଟ୍‌ଡାଉନ କଟକଣା ପାଳନ କରି ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।


## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍- ୭୫୯୦୦୧
ଟେଲିଫୋନ୍ ନଂ.: ୦୬୭୬୨-୨୨୪୦୧ (କାର୍ଯ୍ୟାଳୟ), ଫାକ୍ସ ନଂ.: ୦୬୭୬୨-୨୨୩୩୫୫
ଇ-ମେଲ୍: dhenkanalm.hud@gmail.com

ପତ୍ର ସଂଖ୍ୟା: ୩୭୦୪ — ତା୨୧।୦୭।୨୦୨୦ରିଖ

### ଘୋଷଣାନାମା

ଏତଦ୍ଦ୍ୱାରା ଢେଙ୍କାନାଳ ସହରର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଦିନକୁ ଦିନ ସାରା ସହର ମଧ୍ୟରେ ଜନଗହଳି ପୂର୍ଣ୍ଣ ରାସ୍ତାମାନଙ୍କରେ ବୁଲା ଗାଈ ଗୋରୁ ଓ ଷଣ୍ଢ ଇତ୍ୟାଦି ବୁଲୁଥିବାରୁ ସହରର ଟ୍ରାଫିକ୍ ସମସ୍ୟା ଅତ୍ୟନ୍ତ ଭାବରେ ପ୍ରଭାବିତ ହେଉଅଛି। ରାସ୍ତା ଉପରେ ଅନେକ ଗାଈ ଗୋରୁଙ୍କ ବାସସ୍ଥାନ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଏମିତିକି ରାସ୍ତାରେ ଚାଲି ଚାଲି ଯାଉଥିବା ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ମଧ୍ୟ ହେଉଛନ୍ତି। ଏହିସବୁ ସମସ୍ୟାରୁ ମୁକୁଳିବା ପାଇଁ ସହରର ସମସ୍ତ ଗାଈ ଗୋରୁ ମାଲିକଙ୍କୁ ଜଣାଇ ଦିଆଯାଉଅଛି କି ଯେ, ସେମାନେ ଏହା ପରଠାରୁ ନିଜ ନିଜର ଗାଈ ଗୋରୁଙ୍କୁ ରାସ୍ତାରେ ଅବାଧରେ ବୁଲିବା ପାଇଁ ନ ଛାଡ଼ି ଘରେ ରଖିବା ପାଇଁ ନିବେଦନ କରାଯାଉଅଛି। ଏଥିପ୍ରତି ସେମାନେ ସମସ୍ତେ ଦୃଷ୍ଟି ଦେବା ପାଇଁ ପୌର ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି। ଯାହାଫଳରେ କି ଗାଈ ଗୋରୁଙ୍କ ପାଇଁ ହେଉଥିବା ଦୁର୍ଘଟଣାକୁ ରୋକାଯିବା ସହିତ ଧନ ଜୀବନକୁ ସୁରକ୍ଷା କରାଯାଇପାରିବ। ଏଥିରେ ଅମାନ୍ୟ ହେଲେ ପୌର ପ୍ରଶାସନ ବାଧ ହୋଇ ରାସ୍ତାରେ ବୁଲୁଥିବା ଗାଈ ଗୋରୁମାନଙ୍କୁ ଉଠାଇ ନେଇ ମହିଷାପାଟଠାରେ ପୌରପାଳିକା ଦ୍ୱାରା ଥିବା କାଞ୍ଜିଆହୋଦାରେ ରଖାଯିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଦିନ ଗାଈ ଗୋରୁ ପାଇଁ ଦିନ ପ୍ରତି ଟ୧୦୦.୦୦ଙ୍କା ହିସାବରେ ଗାଈ ଓ ଗୋରୁ ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯିବ। ଯଦି ଗାଈ ଗୋରୁ ମାଲିକ ସାତ ଦିନ ମଧ୍ୟରେ ନିଜ ଗାଈ ଗୋରୁଙ୍କୁ ନ ନିଅନ୍ତି ତା' ହେଲେ ତା' ପରଦିନ ଠାରୁ ଦିନ ପ୍ରତି ଟ୨୦୦.୦୦ଙ୍କା ହିସାବରେ ଜୋରିମାନା ଆଦାୟ କରାଯିବ। ୧୫ଦିନ ଭିତରେ କୌଣସି ମାଲିକ ସେମାନଙ୍କର ଗାଈ ଗୋରୁଙ୍କୁ ପୌରପାଳିକା କାଞ୍ଜିଆହୋଦାଠାରୁ ନ ନିଅନ୍ତି ତା' ହେଲେ ପୌରପାଳିକା ବାଧ ହୋଇ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିପାଇଁ ପୌର ପ୍ରଶାସନ ଦାୟୀ ରହିବ ନାହିଁ। କାଞ୍ଜିଆହୋଦାରେ ଗାଈ ଗୋରୁ ଥିବା ସମୟରେ କୌଣସି କାରଣ ବଶତଃ ଯଦି କୌଣସି ଗାଈ ଗୋରୁ ମୃତ୍ୟୁ ମୁଖର ସମ୍ମୁଖୀନ ହୁଅନ୍ତି ସେଥିପାଇଁ ମଧ୍ୟ ପୌର ପ୍ରଶାସନ ଦାୟୀ ରହିବେ ନାହିଁ। ଏଥିପାଇଁ ପୌର ପ୍ରଶାସନକୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ନିବେଦନ କରାଯାଉଅଛି।

ସ୍ୱା./- ନିର୍ବାହୀ ଅଧିକାରୀ
ପୌରପାଳିକା, ଢେଙ୍କାନାଳ

## ଘର ପାଖରେ ପହଞ୍ଚିବ ପୋଲିସ ସେବା

ରାଜନଗର, (ଡି.ଏନ୍.ଏ.): ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ମଙ୍ଗଳବାର ହ୍ୱାଟ୍ସଆପ୍ ନମ୍ବର (୮୯୯୫୯୯୯୫୩୩)ରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ସୂଚନା ମୁତାବକ ଏହି ନମ୍ବରରେ ଅଭିଯୋଗ ପଠାଇଲେ ଥାନାରୁ ଷ୍ଟାଫ୍ ଯାଇ ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବେ। ଯେଉଁ ପୋଲିସ ବାବୁ ଯିବେ ସେ ତାଙ୍କ ନାଁ ଓ ଟେଲିଫୋନ ନମ୍ବର ଅଭିଯୋଗକାରୀଙ୍କ ପାଖକୁ ଆଗୁଆ ପଠା ଦିଆଯିବ। ତଦନ୍ତ ସମୟରେ ଅଭିଯୋଗକାରୀ ଅନୁପସ୍ଥିତ ରହିଲେ ଅଭିଯୋଗଟି ନାକଚ କରିଦିଆଯିବ।

# ମୌସୁମୀ ନିଖୋଜ, ଜଳିଗଲାଣି ଧାନ ଫସଲ

ନୟାଗଡ଼ ଅଫିସ,୨୧।୭

ନୟାଗଡ଼ ଆକାଶରେ ବାଦଲ ଦୃଶ୍ୟ ହେଉଛି। ହେଲେ ବର୍ଷା ହେଉ ନାହିଁ। ଖରାଦିନ ପରି ଗୁଳୁଗୁଳି ହେଉଛି। ଧାରା ଶ୍ରାବଣରେ ଚାଷ ଜମି ଶୁଖିଲା ପଡ଼ିଛି। ଖରା ତେଜରେ ଧାନଗଛ ଜଳିଗଲାଣି। ଠିକ୍ ସମୟରେ ଧାନବୁଣା ଆରମ୍ଭ ହୋଇଥିଲେ ହେଁ ଚାଷ ପଛେଇ ଯାଇଛି। ବର୍ଷା ଅଭାବରୁ ବେଉଷଣ କିମ୍ବା ଧାନ ରୁଆ ହୋଇ ପାରୁନି। ଯେଉଁଠାରେ ବେଉଷଣ ଓ ଧାନରୁଆ ହୋଇସାରିଛି ସେଠାରେ ପାଣି ଅଭାବରୁ ଫସଲ ନଷ୍ଟ ହେବାକୁ ବସିଛି। ନୟାଗଡ ଗୋପୀନାଥପୁର ଗାଁର ଚାଷୀ ସୁଶାନ୍ତ କୁମାର ସ୍ୱାଇଁ କୁହନ୍ତି, ବର୍ଷା ଅଭାବରୁ ମୁଆଗାଡିଆ, ଗୋପୀନାଥପୁର, ହରିହରପୁର, ଲେଙ୍କୁଡ଼ିପଡ଼ା, ନନ୍ଦନପୁର, ଉଁଆପଡ଼ା, ପିଆଶାଳିଆ ଅଞ୍ଚଳରେ ବେଉଷଣ ଓ ଧାନ ରୁଆ ହୋଇପାରୁନି। ଏ ଅଞ୍ଚଳର ଜମି ଫାଟି ଆଁ କରିଛି। ବରପଲ୍ଲୀର ଜଳିଆ ପ୍ରଧାନ କୁହନ୍ତି, ବରପଲ୍ଲୀ, ନରେନ୍ଦ୍ରପୁର, ଲକ୍ଷ୍ମୀପ୍ରସାଦ ଅଞ୍ଚଳରେ ବର୍ଷା ନ ଥିବାରୁ ଧାନ ରୁଆ ହୋଇପାରୁନି। ସ୍ୱଳ୍ପ



ବର୍ଷା ଅଭାବରୁ ଧାନଗଛ ଜଳିଗଲାଣି।

ବୃଷ୍ଟିପାତକୁ ଆଖି ଆଗରେ ରଖି ଚାଷୀ ଚଳିତ ବର୍ଷ ଧାନ ବୁଣି ନ ଥିଲା। ତେବେ ଧାନରୁଆ ଜମିରେ ପାଣି ନ ଥିବାରୁ କାଦୁଅ କରାଯାଇ ପାରୁନି। ଏପରିସ୍ଥଳେ ଜଳସେଚନ ବିଭାଗ ଜମିକୁ ପାଣି ଛାଡୁନି। ଗଣିଆ ବ୍ଲକ ଛାମୁଣ୍ଡିଆର ଚାଷୀ ଅନ୍ତର୍ଯାମୀ ସେଠୀ ଓ ହରିପୁରର ପୀତବାସ ସାମଲ କୁହନ୍ତି, ଆମ ଅଞ୍ଚଳ ମହାନଦୀ କୂଳରେ ଥାଇ ବି ମରୁଡ଼ି ହେଉଛି। ଜଳସେଚନ ସୁବିଧା ନ ଥିବାରୁ ପାଣି ପାଖରେ ଥାଇ ବି ଆମକୁ ମରୁଡ଼ିର ସାମ୍ନା କରିବାକୁ ପଡୁଛି। ଚଳିତବର୍ଷ ବର୍ଷା କମ୍ ହେତୁ ବେଉଷଣ କିମ୍ବା ଧାନରୁଆ ହୋଇପାରୁନି। ଏଣୁ ଅଧିକାଂଶ ଜମି ପଡିଆ ପଡିଛି । ଗୋଡିପଦାର ଚାଷୀ ପଦ୍ମନାଭ ପୃଷ୍ଟି ଓ କୋମଣ୍ଡର ଲକ୍ଷ୍ମୀଧର ପ୍ରଧାନ କୁହନ୍ତି, ବର୍ଷାକୁ ଚାଷୀ ଚାତକ ପରି ଚାହିଁ ରହିଛି। ପ୍ରତିଦିନ ଭସା ବାଦଲକୁ ଦେଖି ମନକୁ ବୁଝାଉଛି। ଏପଟେ ଜମିରେ ଧାନ ଗଛ ଜଳିବା ଆରମ୍ଭ ହେଲାଣି। ରଣପୁର ବ୍ଲକ ଦର୍ପନାରାୟଣପୁରର ଚାଷୀ ଚନ୍ଦନ ରାଉତରାୟ କୁହନ୍ତି, ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବାହାଘର କରାଯାଉଛି। ହେଲେ ବର୍ଷା ହେଉନି। ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ଅଧିକାଂଶ ଧାନ ଫସଲ ନଷ୍ଟ ହୋଇଯିବ। ଏ ସମ୍ପର୍କରେ ନୟାଗଡ

**ନୟାଗଡ଼ରେ ସ୍ୱଳ୍ପ ବୃଷ୍ଟିପାତ ଦାଉ ସାଧୁଛି**

ଜିଲା ମୁଖ୍ୟ କୃଷି ଅଧିକାରୀ ଆୟୁର୍ଦ୍ଦେହି ମିଶ୍ର କୁହନ୍ତି, ଗତବର୍ଷ ଜୁଲାଇରେ ଜିଲାରେ ହାରାହାରି ବର୍ଷା ୨୭୨.୬ ମିଲିମି. ହୋଇଥିଲା। ତେବେ ଚଳିତବର୍ଷ ୮୬.୧୯ ମିଲିମି. ହୋଇଛି। ଜିଲାର ଭାପୁର, ଗଣିଆ ଓ ରଣପୁରରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ଜିଲାର କିଛି ସ୍ଥାନରେ ବର୍ଷା ଅଭାବରୁ ଚାଷ ଜମି ଫାଟିବା କଥାକୁ ସ୍ୱୀକାର କରିଥିଲେ। ଅନ୍ୟପକ୍ଷେ ୪୮ ପ୍ରତିଶତ ଜମିରେ ବେଉଷଣ ଓ ଧାନ ରୁଆ ଶେଷ ହୋଇଥିବା ସେ କହିଛନ୍ତି।

## ଜଗତ୍‌ସିଂହପୁରରେ ଦ୍ୱିତୀୟ କରୋନା ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୨୧।୭:** ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ଜଣେ ୬୭ ବର୍ଷୀୟ ବ୍ୟକ୍ତି କରୋନାରେ ମୃତ୍ୟୁବରଣ କରିଥିବା ୧୯ ତାରିଖରେ ସରକାରୀ ଭାବେ ଘୋଷଣା କରାଯାଇଥିଲା। ଏହାପରେ କରୋନାରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ସୂଚନା ମିଳିଛି। ସେ ହେଲେ ଏରସମା ବ୍ଲକ ଅଞ୍ଚଳର। ଫୁସଫୁସଜନିତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ଏହାବାଦ୍ ୮ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇଲେ ଜିଲାରେ ସଂକ୍ରମିତ ସଂଖ୍ୟା ୫୭୪ରେ ପହଞ୍ଚିଛି। ଜିଲା ସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୮ ନୂଆ ପଜିଟିଭ୍‌ଙ୍କ ମଧ୍ୟରୁ ବିରିଡ଼ିରୁ ୩, ପାରାଦୀପ ୩, କୁଜଙ୍ଗ ୧ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି। ବିରିଡ଼ିର ୩ ଜଣ କର୍ନାଟକ ଫେରନ୍ତା। ପାରାଦୀପର ୩ ଜଣଙ୍କ ମଧ୍ୟରୁ ମଧ୍ୟପ୍ରଦେଶ ୧, ପଞ୍ଜାବ ୧ରୁ ଫେରିଛନ୍ତି। ଅନ୍ୟ ଜଣକ ବିହାର ଫେରନ୍ତା ଏବଂ ଏଲ୍ ଆଣ୍ଡ ଟି କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ ପିଜିଟିଭ୍‌ଙ୍କ ସମ୍ପର୍କରେ ଆସି ସେ ସଂକ୍ରମିତ ହୋଇଛନ୍ତି। କୁଜଙ୍ଗର ଜଣକ ପୂର୍ବରୁ ହୋମ କ୍ୱାରାଣ୍ଟାଇନରେ ଥିବା ଜଣେ ପଜିଟିଭ୍‌ଙ୍କ ସହ ସିଧାସଳଖ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଜଗତ୍‌ସିଂହପୁର ପୌର ପରିଷଦର ଜଣକ ତାମିଲନାଡୁ ଫେରନ୍ତା ଏବଂ ସେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିଲେ।

## କରୋନାରେ ୧ ମୃତ, ୧୩ ନୂଆ ଆକ୍ରାନ୍ତ

**କେନ୍ଦ୍ରାପଡ଼ା ଅଫିସ, ୨୧।୭:** କରୋନା ଭୂତାଣୁ ସଂକ୍ରମଣରେ କେନ୍ଦ୍ରାପଡା ଜିଲାର ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି। ୬୩ ବର୍ଷୀୟ ଏହି ବ୍ୟକ୍ତି ମଧୁମେହ ରୋଗରେ ପୀଡିତ ଥିଲେ। ଏଥିସହିତ ଉଚ୍ଚ ରକ୍ତଚାପ ଓ ଆଭ୍ୟନ୍ତରୀଣ କ୍ଷତି ଥିଲା। ସେହିପରି ନୂତନ ଭାବେ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଚିହ୍ନଟ ଆକ୍ରାନ୍ତ ସଂଗରୋଧ ନିୟମରେ ଥିଲେ। ଏଥିପାଇଁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ଜିଲାରେ ଅଦ୍ୟାବଧି ୩୭୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩୧୨ ଜଣ ସୁସ୍ଥ ହେଲେଣି। ବର୍ତ୍ତମାନ ୫୦ ଜଣ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ନୟାଗଡ଼ରେ ୪ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨୧।୭:** ନୟାଗଡ଼ ଜିଲାରେ ୩ ପୁରୁଷ ଓ ୧ ମହିଳା ଏପରି ମୋଟରେ ୪ କରୋନା ପଜିଟିଭ୍ ମଙ୍ଗଳବାର ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୩୩୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡପଡ଼ା ସହରାଞ୍ଚଳରୁ ୧, ରଣପୁରରୁ ୧, ଓଡଗାଁରୁ ୨ଜଣ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି।

### ସରଣୀ ଅବସ୍ଥା ସୁଧୁରିଲା, ସାଧନା ପୀଠର ଉନ୍ନତି ଦାବି

**କୁଜଙ୍ଗ/ରାହାମା,୨୧।୭(ଡି.ଏନ୍.ଏ.):** ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାଧନାପୀଠ କୁଜଙ୍ଗ ବ୍ଲକ ପଣ୍ଡୁଆକୁ ଦୀର୍ଘବର୍ଷ ହେଲା ଗମନାଗମନ ରାସ୍ତା ବିପର୍ଯ୍ୟସ୍ତ ହୋଇଥିଲା। ଦୀର୍ଘ ଦାବି ପରେ ତାଳପଡ଼ା ଛକଠାରୁ ପଣ୍ଡୁଆ ପର୍ଯ୍ୟନ୍ତ ରାସ୍ତା ପୁନରୁଦ୍ଧାର କରାଯାଇଛି। ଏହି ରାସ୍ତାଟି ରବୀନ୍ଦ୍ର ସରଣୀ ନାମରେ ପରିଚିତ। କାଦୁଅ ପଚରପଚର ଓ ଖାଲଖମାରେ ଭର୍ତ୍ତି ରାସ୍ତାରେ ଯାତାୟାତରୁ ନିସ୍ତାର ପାଇଛନ୍ତି ତାଳପଡ଼ାବାସୀ। ଉକ୍ତ ରାସ୍ତାର ଉନ୍ନତୀକରଣ ଫଳରେ କୁଜଙ୍ଗ ବ୍ଲକ ସମେତ ଏରସମା ଓ ବାଲିକୁଦା ବ୍ଲକର ଜନସାଧାରଣ ରାହାମା, କୁଜଙ୍ଗ, ପାରାଦୀପକୁ ସହଜରେ ଯାତାୟାତ କରିବେ। ଏଥିସହିତ ବିଶ୍ୱ କବିଙ୍କ ସାଧନା ପୀଠକୁ ବସ ଚଳାଚଳ ପାଇଁ ସୁବିଧା ହେବ। ଏସବୁ ସତ୍ତ୍ୱେ ଯଦି ରବୀନ୍ଦ୍ରନାଥ ଟାଗୋରଙ୍କ ସାହିତ୍ୟ ଓ କବିତା ସୃଷ୍ଟିର ପଣ୍ଡୁଆଠାରେ ଥିବା ସାଧନାପୀଠକୁ ଉନ୍ନତି କରା ନ ଯାଏ ତେବେ ବିଶ୍ୱକବିଙ୍କ ପ୍ରତି ଅପମାନ ହେବ। ତେଣୁ ରାଜ୍ୟ ସରକାର ତୁରନ୍ତ ଉକ୍ତ ସାଧନା ପୀଠର ଉନ୍ନତି କରିବାକୁ ଦାବି ହୋଇଛି।

### ଲରି ଧକ୍କାରେ ବାଇକ ଚାଳକ ମୃତ

**ଆଳି,୨୧।୭(ଡି.ଏନ୍.ଏ.):** କଟକ-ଚାନ୍ଦବାଲି ରାସ୍ତାର ସିଙ୍ଗିରି ବଜାର ନିକଟରେ ଏକ ଲରି ଧକ୍କାରେ ମଙ୍ଗଳବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଳି ଥାନା ଅନ୍ତର୍ଗତ ସଂସିଧା ମଙ୍ଗରାଜପୁରର ନିତ୍ୟାନନ୍ଦ ସେଠୀଙ୍କ ପୁଅ ନିର୍ମଳ ସେଠୀ(୨୪)। ପାରାଦୀପରେ ମାଛ ବ୍ୟବସାୟ ନିମନ୍ତେ ସେ ଏକ ବାଇକ୍‌ରେ ଯାଉଥିବା ବେଳେ ସିଙ୍ଗିରି ବଜାର ନିକଟରେ ଆଇଓସିଏଲ୍‌ର ପାଇପ ପରିବହନ କରୁଥିବା ଏକ ଲରି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନିର୍ମଳଙ୍କ ମୃତ୍ୟୁ ଘଟିଛି। ଏନେଇ ନିର୍ମଳଙ୍କ ଦାଦା ଆଦିକନ୍ଦ ସେଠୀ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ଆଳି ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ପ୍ରଦୋଷ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆଳି ମେଡିକାଲକୁ ପଠାଇ ଥିଲେ । ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ବିଜୟଙ୍କୁ ଝୁରୁଛି ପାଣ୍ଡିରି ଗାଁ

**କେନ୍ଦ୍ରାପଡ଼ା ଅଫିସ, ୨୧।୭:** ଭୁବନେଶ୍ୱରର ଏକ ହସ୍ପିଟାଲରେ ଓଡିଶାର ବରିଷ୍ଠ କଳାକାର ବିଜୟ ମହାନ୍ତିଙ୍କ ସୋମବାର ମୃତ୍ୟୁ ହୋଇଛି । ବିଜୟଙ୍କ ଜନ୍ମସ୍ଥାନ କେନ୍ଦ୍ରାପଡା ବ୍ଲକ ପାଣ୍ଡିରି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । କଳା ପ୍ରତି ତାଙ୍କ ଅବଦାନକୁ ମନେ ପକାଇଛନ୍ତି ସାଙ୍ଗ ପ୍ରକାଶ ଦାସ। ସେ କହିଛନ୍ତି, ଓଡିଶାର କଳା ଜଗତରେ ବିଜୟ ଏକ ହୀରା ଥିଲେ। ପିଲାଟି ଦିନରୁ କଳା ପ୍ରତି ତାଙ୍କର ଆଗ୍ରହ ଥିଲା । ସେ ବିଭିନ୍ନ ପ୍ରକାର ଅଭିନୟରେ ପାରଙ୍ଗମ ଥିଲେ। ଗ୍ରାମର ମୁରଲୀ ମହାନ୍ତି କହନ୍ତି, ଓଡିଶାର କଳା ଜଗତକୁ ବିଜୟ ନୂଆ ରୂପରେଖ ଦେଇଛନ୍ତି । ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାରୁ ପାସ କରିବା ପରେ ଓଡିଶାରେ ଅଭିନୟର ଯାଦୁ ଦେଖାଇଥିଲେ । ତାଙ୍କର ବିଭିନ୍ନ ଚଳଚ୍ଚିତ୍ରକୁ ଦେଖିବାକୁ ଆମେ ଭଲ ପାଉ। ସେହିପରି ଗ୍ରାମର ପଦ୍ମଲାଭ ମହାନ୍ତି କୁହନ୍ତି, ବିଜୟଙ୍କୁ ଶ୍ରଦ୍ଧାରେ ବିଜୁ ବୋଲି ଡାକୁ । ତାଙ୍କର ଦେହ ଖରାପ ହେବା ସମୟରେ ଗ୍ରାମବାସୀ ମିଳିତ ଭାବେ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜା କରିଥିଲୁ। ବିଜୁଙ୍କ ବିୟୋଗ ଆମ ପାଇଁ ଏକ ଅପୂରଣୀୟ କ୍ଷତି।

## ବୃଦ୍ଧ ଦମ୍ପତିଙ୍କୁ ପୋଡ଼ି ହତ୍ୟା ଘଟଣା, ୪ ଗିରଫ

**କଳିଙ୍ଗନଗର ୨୧।୭ (ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ତଥା କଳିଙ୍ଗନଗର ଥାନା ଅନ୍ତର୍ଗତ ନିମପଲ୍ଲୀ ଗ୍ରାମ ସୁରିସାହିରେ ସୋମବାର ସକାଳେ ଏକ ଘରେ ବୃଦ୍ଧ ଦମ୍ପତି ଶୈଳ ବାଲମୁଚି(୬୦) ଓ ତାଙ୍କ ସ୍ତ୍ରୀ ସମ୍ବାରୀ(୫୫)ଙ୍କୁ ଜିଅନ୍ତା ପୋଡ଼ି ହତ୍ୟା ଘଟଣାରେ ପୋଲିସ ୪ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ବିରିମା ଗାଗରାଇ(୪୦), ଶଙ୍କର ହେସା(୩୫), ତୋଫାନ ସିଙ୍କୁ(୩୮) ଓ ସାଗର ସି(୩୫)। ଏ ନେଇ ଥାନାରେ ମାମଲା (ନଂ.୧୧୫/୨୦) ରୁଜୁହୋଇଛି। ଗୁଣିଗାରେଡି ସନ୍ଦେହରେ କେତେଜଣ ଗ୍ରାମବାସୀ ଶୈଳ ଓ ସମ୍ବାରୀଙ୍କୁ ହଇରାଣ ହରକତ କରିଆସୁଥିଲେ। ଗତ ସପ୍ତାହକ ମଧ୍ୟରେ ଗ୍ରାମର ୫ ଜଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏଥିପାଇଁ ଶୈଳ ଓ ସମ୍ବାରୀଙ୍କୁ ଦାୟୀ କରାଯାଇଥିଲା। ଶୈଳଙ୍କ ନାତୁଣୀ ବୋହୂ ମାଳତି ବାଲମୁଚ ଏ ନେଇ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରେ କଳିଙ୍ଗନଗର ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ୪ଜଣଙ୍କ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଠିକାଦାରଙ୍କୁ ଅପହରଣ ଉଦ୍ୟମ

**କେନ୍ଦ୍ରାପଡା ଅଫିସ/ମାର୍ଶାଘାଇ, (ଡି.ଏନ.ଏ.) ୨୧।୭:** ମାର୍ଶାଘାଇ ଥାନା ଯଦୁପୁର ଗ୍ରାମର ଠିକାଦାର ଭିକାରୀ ବେହେରାଙ୍କୁ ବନ୍ଧୁକ ଦେଖାଇ ମଙ୍ଗଳବାର ଅପହରଣ ଉଦ୍ୟମ ହୋଇଥିଲା। ତେବେ ଭିକାରୀ କୌଶଳକ୍ରମେ ଖସିଆସି ଥାନାରେ ଅଭିଯୋଗ କରିଥିବା ବେଳେ ଦାଦାବିଟି ଏହାର କାରଣ ବୋଲି ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଘରେ ଶୋଇଥିବା ସମୟରେ ଜଣେ ଚିହ୍ନା ଲୋକ ଆସି ଡାକିନେଇ ୨ ଲକ୍ଷ ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ବନ୍ଧୁକରେ ମାଡ଼ ମାରିଥିଲେ। ଏଥିସହ ଗାଡିକୁ ଜାତୀୟ ରାଜପଥକୁ ନେଇଥିଲେ। ରାସ୍ତା ଜାମ୍ ଥିବାରୁ ଯଦୁପୁରଗଡାଠାରେ ଗାଡି ଅଟକିବା ପରେ ସେ ଖସି ଆସିଥିଲେ।

## ଟିଏମ୍‌ସିରେ ରହିବେ ତୈଳ ବିଶୋଧନାଗାର ଶ୍ରମିକ

କୁଜଙ୍ଗ,୨୧।୭(ଡି.ଏନ.ଏ.)

ପାରାଦୀପ ତୈଳବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ପ୍ରବାସୀ ଶ୍ରମିକ ଅଧିକ କରୋନା ପଜିଟିଭ ହେବାରୁ ଜିଲା ପ୍ରଶାସନ ନୂଆ ରଣନୀତି ପ୍ରସ୍ତୁତ କରିଛି। ତୈଳବିଶୋଧନାଗାର ପ୍ରକଳ୍ପ ମେଣ୍ଟେନାନ୍ସ କାମରେ ନିୟୋଜିତ ସ୍ଥାନୀୟ ଶ୍ରମିକ ନିଜନିଜ ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ରେ ରହି ଅଗଷ୍ଟ ୨୦ ପର୍ଯ୍ୟନ୍ତ ପ୍ରତ୍ୟେହ କର୍ମସ୍ଥଳୀକୁ ଯିବେ। ଏମାନଙ୍କର ସମସ୍ତ ରହିବା ଖାଇବା ଓ ସ୍ୱାବ୍ ଟେଷ୍ଟ ଖର୍ଚ୍ଚ ଭାରତୀୟ ତୈଳନିଗମ ବହନ କରିବ। ଏନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ନିଷ୍ପତ୍ତି ହୋଇଛି। କୁଜଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଶିଳ୍ପାଞ୍ଚଳକୁ ଲାଗି ଦଶଟି ପଞ୍ଚାୟତର ସରପଞ୍ଚ, ପାରାଦୀପ



ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ।

ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା, ଭାରତୀୟ ତୈଳ ନିଗମର ସିଜିଏମ୍ ଏକେ ଭଗବତୀ, ଚିଫ୍ ମ୍ୟାନେଜର ଇଆର ଜିକେ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ପାରାଦୀପଗଡ଼, ନୂଆଗଡ଼, ବଗଦିଆ, କୋଠି, ବିଶ୍ୱାଳୀ, ମଙ୍ଗରାଜପୁର, ଗଣ୍ଡକୀପୁର, ଗୋପିଆକୁଦ ଓ ଫତେପୁର ପଞ୍ଚାୟତରୁ ମେଣ୍ଟେନାନ୍ସ କାମରେ ନିୟୋଜିତ ଶ୍ରମିକମାନେ ଉପରୋକ୍ତ ନିୟମ ପାଳନ କରିବେ। ତୈଳ ବିଶୋଧନାଗାର ପକଳ୍ପ ଓ ଏଲ୍‌ଏଣ୍ଡଟି ପରିସରରେ ଜାରି ହୋଇଥିବା ୧୪୪ ଧାରାର କାର୍ଯ୍ୟକାରିତା ଏବଂ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷାପାଇଁ ଅତିରିକ୍ତ ତହସିଲଦାର ଡ. ଲେଙ୍କାଙ୍କୁ ସ୍ୱତନ୍ତ୍ରଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## କୋଭିଡ୍ ହସ୍ପିଟାଲ ପଛପଟେ ପଡୁଛି ଆବର୍ଜନା

ଯାଜପୁର ଟାଉନ, ୨୧।୭ (ଡି.ଏନ୍.ଏ.)

ଯାଜପୁର କୋଭିଡ ହସ୍ପିଟାଲ ପଛ ପାର୍ଶ୍ୱରେ କରୋନା ରୋଗୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଫିଙ୍ଗି ଦିଆଯାଉଛି। ଏଥିଯୋଗୁ ଏହାର ନିକଟରେ ଥିବା ଡିଅସାହି, ଲେକ୍ଚରର କଲୋନୀ ଆଦି ବସ୍ତିବାସିନ୍ଦା ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ନେଇ ସମ୍ପୃକ୍ତ ଅଞ୍ଚଳବାସୀ

**ସଂକ୍ରମଣ ବ୍ୟାପିବା ଭୟରେ ଅଞ୍ଚଳବାସୀ**

ସିଡିଏମ୍‌ଓ ତଥା ଯାଜପୁର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ। ଫଳରେ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ଅଞ୍ଚଳବାସୀ ଦିନ କାଟୁଥିବା କହିଛନ୍ତି। ଏପରିକି କେତେକ ଆଦିବାସୀ ପରିବାରର ପିଲାମାନେ ସେହି ବର୍ଜ୍ୟବସ୍ତୁ ଗଦା ହୋଇଥିବା ସ୍ଥାନରୁ ବିଭିନ୍ନ ସାମଗ୍ରୀ ଗୋଟାଉଥିବା ଦେଖିବାକୁ ମିଳିଛି। ଏହି ବର୍ଜ୍ୟବସ୍ତୁକୁ ବିଶୋଧନ କିମ୍ବା ପୋଡି ନ



ଡାକ୍ତରଖାନା ପଛପଟେ ପଡ଼ିଥିବା ଆବର୍ଜନା।

ଦେଇ ବାହାରେ ଫୋପାଡିବା ଘଟଣାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଜିଲାର କରୋନା ରୋଗୀମାନଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଜିଲା ସଦର ଡାକ୍ତରଖାନାରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ହୋଇଛି। ଏବେ ରୋଗୀ ତଥା ରୋଗୀଙ୍କ ପରିବାରବର୍ଗ ଏବଂ ଆଖପାଖ ଅଞ୍ଚଳକୁ ସଂକ୍ରମଣରୁ ରକ୍ଷା କରିବାକୁ ପରିଚାଳିତ ମ୍ୟାନେଜମେଣ୍ଟ ମଧ୍ୟ ଦିଗହରା ହୋଇପଡିଛି ବୋଲି ଅଭିଯୋଗ ହୋଇଛି। ଏହାଦ୍ୱାରା ମେଡିକାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହାସହ ରୋଗୀ ସଂକ୍ରମଣର ଶିକାର ହେବା ଅଧିକ ସମ୍ଭାବନା ରହୁଛି। କରୋନା ରୋଗୀଙ୍କ ବର୍ଜ୍ୟବସ୍ତୁକୁ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟରେ ଦେଇ ବିଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ସୁଧାଂଶୁଶେଖର ବଳଙ୍କୁ ପଚାରିବାରେ କୋଭିଡ୍ ହସ୍ପିଟାଲ ପଛପଟେ ଯଦି ଆବର୍ଜନା ପକାଯାଉଛି, ତେବେ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମିଳୁନି ଫନୀ ସହାୟତା

**ନାଉଗାଁ, ୨୧।୭ (ସ୍ୱ.ପ୍ର.):** ଫନୀ ବାତ୍ୟାରେ ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ଅନେକ ରବି ଫସଲ ନଷ୍ଟ ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିବା ବେଳେ ଅଣଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ସୋମବାର ପଞ୍ଚାୟତର ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିକଟରେ ଚାଷୀ ଅନୁପ କୁମାର ମହାନ୍ତି, ପ୍ରକାଶ ଦାସ, କୈଳାସ ଦାସ, ବାବାଜୀ କାଣ୍ଡି ଓ ଦିଲୀପ କୁମାର ପାଢୀ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

## ଗୀତାଞ୍ଜଳି ବିଜେଡି ସାଧାରଣ ସମ୍ପାଦିକା

ଡେରାବିଶ, ୨୧।୭(ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀ ତଥା କେନ୍ଦ୍ରାପଡା ଜିଲାର ବରିଷ୍ଠ ବିଜେଡି ନେତ୍ରୀ ଗୀତାଞ୍ଜଳି ସେଠୀଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ଏହି ଖବର ପହଞ୍ଚିବା ପରେ ଜିଲାରେ ବିଜେଡି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏଥିପାଇଁ ସେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ସମେତ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗତ ସାଧାରଣ ନିର୍ବାଚନରେ ପାଟକୁରା ଓ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମହିଳାମାନଙ୍କୁ ଏକାଠିକରିପ୍ରଚାରଅଭିଯାନରେସେଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ନିଯୁକ୍ତି ପରେ ଡେରାବିଶ ବ୍ଲକ ବିଜେଡି ସଭାପତି



ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ ଗୀତାଞ୍ଜଳି କହିଛନ୍ତି, ଦଳୀୟ କର୍ମୀ, ଯୁବକ, ଛାତ୍ର ଓ ମହିଳାଙ୍କ ସହଯୋଗ ଲୋଡି ସଂଗଠନକୁ ମଜଭୁତ କରିବାକୁ ସେ ସଂକଳ୍ପବଦ୍ଧ।

## ଏସ୍‌ପିଙ୍କୁ ଭେଟିଲା ମୋଟର ଚାଳକ ସଂଘ

ରସୁଲପୁର, ୨୧।୭ (ଡି.ଏନ୍.ଏ.)

**ପିଡିଙ୍କ ଡ୍ରାଇଭର-ଏସ୍‌ଆଇ ବିବାଦ**

ରସୁଲପୁର ବ୍ଲକ କୁଆଖିଆ ବଜାରଠାରେ ଗତ ୧୩ ତାରିଖରେ ଚେକିଂ ଚାଲିଥିବା ବେଳେ ସିଭିଲ୍ ପୋଷାକରେ କୁଆଖିଆ ଥାନା ଏସ୍‌ଆଇ ପ୍ରଶାନ୍ତ ଦାଶଙ୍କୁ ପିଡିଙ୍କ ଡ୍ରାଇଭର ପାଇପରେ ପିଟି ଦେବା ଘଟଣା ନୂଆମୋଡ଼ ନେଇଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଏସ୍‌ଆଇ କୁଆଖିଆ ଥାନାରେ ଅଭିଯୋଗ କରିଥିବା ବେଳେ ସୋମବାର ସମ୍ପୃକ୍ତ ଡ୍ରାଇଭର ସନ୍ତୋଷ ଯେନା ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଘଟଣା ଦିନ ଏସ୍‌ଆଇ ଦାଶ ସାଦା ପୋଷାକରେ ଥିଲେ। ହେଲ୍‌ମେଟ୍ କି ମାସ୍କ ମଧ୍ୟ ପିନ୍ଧି ନ ଥିଲେ। ଚେକିଂ ସ୍ଥଳରେ ସେ ନ ଅଟକିବାରୁ ପିଡିଙ୍କ ଡ୍ରାଇଭର ଧରିଥିବା ଏକ ପାଇପ୍ ଦେଖାଇ ଦେଇଥିଲେ। ଏହା ତାଙ୍କ ଦେହରେ ବାଜି ଯିବାରୁ ସେ ଗାଡ଼ିରୁ ଓହ୍ଲାଇ ନିଜକୁ ଏସ୍‌ଆଇ ବୋଲି ପରିଚୟ ଦେବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ସେଠାରେ ପିଡି ଇନ୍ଦ୍ରମଣି ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ଉପସ୍ଥିତିରେ ସନ୍ତୋଷ ଏସ୍‌ଆଇ ଦାଶଙ୍କୁ ଗୋଡ଼ ଧରି ଭୁଲ୍ ମାଗିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏ ନେଇ ସମ୍ପୃକ୍ତ ଏସ୍‌ଆଇ ଥାନାରେ ମାମଲା ରୁଜୁ କରିଥିବାରୁ ସନ୍ତୋଷ ମଧ୍ୟ ଥାନାରେ ଏତଲା ଦେଇଥିବା କହିଛନ୍ତି। ଅଭିଯୋଗକୁ ୨୪ ଘଣ୍ଟା ବିତିଥିଲେ ବି ମାମଲା ରୁଜୁ କରାଯାଇ ନ ଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି। ଅନ୍ୟପଟେ ମୋଟର ଚାଳକ ସଂଘ ସନ୍ତୋଷଙ୍କ ସମର୍ଥନରେ ବାହାରି ଯାଜପୁର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସନ୍ତୋଷଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଆଇ ଦାଶଙ୍କୁ ପଚାରିବାରେ ସେ ଡିୟୁଟିରେ ଥିଲେ। ସକାଳ ୮ଟା ୧୫ରେ ସେ ସିଭିଲ ପୋଷାକରେ ମାସ୍କ ପିନ୍ଧି ଡିୟୁଟି କରିବାକୁ ଯାଉଥିଲେ। ପିଡିଙ୍କ ଡ୍ରାଇଭର ତାଙ୍କ ଅଣ୍ଟାକୁ ପାଇପ୍‌ରେ ଶକ୍ତ ପ୍ରହାର ଦେଇଥିଲେ ବୋଲି କହିଛନ୍ତି।

# ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ନାଁରେ ଅଭିଯୋଗ

ପାରାଦୀପ,୨୧।୭(ସ୍ୱ.ପ୍ର.)

**କରୋନା ସଂକ୍ରମଣକୁ ନେଇ ପାରାଦୀପରେ ତେଜିଲା ବିବାଦ**

- ଜିଲାପାଳଙ୍କ ନାଁରେ ବି ଅଭିଯୋଗ

ପାରାଦୀପରେ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ବିବାଦ ସୃଷ୍ଟି ହୋଇଛି। ସଂକ୍ରମଣ ବୃଦ୍ଧି ପାଇଁ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଓ ଜିଲାପାଳ ଦାୟୀ ବୋଲି ଅଭିଯୋଗ ହୋଇଛି। ତେଣୁ ଉଭୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ମଙ୍ଗଳବାର ବିଜେଡିର ଗୋଟିଏ ଗୋଷ୍ଠୀ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପାରାଦୀପ ଏଡିଏମ୍‌ଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଅନ୍ୟ ଏକ ଗୋଷ୍ଠୀ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସେହିପରି ଭାଜପା ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ କର୍ମୀମାନେ ତୈଳବିଶୋଧନାଗାର ବିରୋଧରେ ଜିଲାପାଳଙ୍କୁ ଏଡିଏମ୍‌ଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି। ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଓ ଅନ୍ୟମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଠିକାସଂସ୍ଥା ଜରିଆରେ ମହାରାଷ୍ଟ୍ର, ତାମିଲନାଡୁ ଓ ପଶ୍ଚିମବଙ୍ଗ ଆଦିରୁ ଶ୍ରମିକ ଆଣି ବନ୍ଦର ସହରର ବିଭିନ୍ନ ସ୍ଥାନରେ ରଖିଛନ୍ତି। ତେଣୁ ସେମାନଙ୍କ ପାଇଁ ଏବେ ପାରାଦୀପରେ ଗୋଷ୍ଠୀ ସଂକ୍ରମଣ ସ୍ଥିତି ଉପୁଜିଛି। ବିଶେଷକରି ଆରିଷ୍ଟୋକାଟ ହୋଟେଲ, ପୋସ୍କୋ ବିଲ୍ଡିଂ, ବିଜୟଚନ୍ଦ୍ରପୁର, ଉଦୟବିହାର ଅଞ୍ଚଳରେ ବାହାର ରାଜ୍ୟ ଲୋକଙ୍କୁ ରଖାଯାଇଛି। ତେଣୁ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୈଳ ବିଶୋଧନାଗାରରେ ନିର୍ମାଣ କାର୍ଯ୍ୟବନ୍ଦ, ପାରାଦୀପ କୁଜଙ୍ଗ ଅଞ୍ଚଳରେ ଆଇଓସିଏଲ ଖର୍ଚ୍ଚରେ ସାନିଟାଇଜ, ୧୦୦ କୋଟି ଟଙ୍କାର ଆର୍ଥିକ ଦଣ୍ଡ, କରୋନା ପଜିଟିଭଙ୍କୁ ଚିକିତ୍ସା ଖର୍ଚ୍ଚ ୧୦ ଲକ୍ଷ ଟଙ୍କା, ମୃତକଙ୍କୁ ୧ କୋଟି ଟଙ୍କାର ଗ୍ୟାରେଣ୍ଟି, ଆରିଷ୍ଟୋକାଟ ହୋଟେଲକୁ କଳାତାଲିକାଭୁକ୍ତ କରିବା, ବାହାର ରାଜ୍ୟର ଲୋକଙ୍କ ଆସିବା ଉପରେ କଟକଣା ଲାଗୁ, ପୋସ୍କୋ ବିଲ୍ଡିଂ ଓ ଅନ୍ୟ ପ୍ରଭାବିତ ଅଞ୍ଚଳକୁ ଖାଲି କରିବା ଆଦି ୧୦ ଦଫା ଦାବି ରହିଛି। ଏହି ପ୍ରସଙ୍ଗରେ ପ୍ରଶାସନ ହସ୍ତକ୍ଷେପ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଦର୍ଶାଯାଇଛି। ସେହିପରି ବିଜେଡିର ଅନ୍ୟତମ ନେତା ତଥା ଆଇନଜୀବୀ ଗତିକୃଷ୍ଣ ଶତପଥୀ ଓ ତାଙ୍କ ସମର୍ଥକ ଅପରାହ୍ନରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛିଯେ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଜ ଜିଲାରେ ରହି ବିଭିନ୍ନ ଅନୈତିକ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କ ପାଇଁ ପାରାଦୀପର କରୋନା ସ୍ଥିତି ସଙ୍ଗିନ ହୋଇଛି। ସମସ୍ତ ଠିକାସଂସ୍ଥା ଓ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ଅନୁମତି ଦେଇ ଏପରି କରିଛନ୍ତି। ନିଜେ ବ୍ୟବହାର କରୁଥିବା ଗାଡ଼ିର ନମ୍ବର ପ୍ଲେଟ ରଙ୍ଗକୁ ଚଞ୍ଚକତା କରି ଅଦଳବଦଳ କରିଛନ୍ତି। ବିଭିନ୍ନ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଇ ସାଧାରଣ ଲୋକଙ୍କୁ ହଇରାଣ କରିବା ଭଳି ଅନେକ ବିଭାଜନ କରୁଛନ୍ତି। ତେଣୁ ତାଙ୍କ ବିରୋଧରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରାଯାଇଛି। ଏ ପ୍ରସଙ୍ଗରେ ପ୍ରତିକ୍ରିୟା ପାଇଁ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।



ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ବିଜୟ ମହାନ୍ତିଙ୍କୁ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର

ଭୁବନେଶ୍ୱର,୨୧।୭ (ବ୍ୟୁରୋ)

ପଞ୍ଚଭୂତରେ ଲୀନ ହୋଇଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ଉଜ୍ଜ୍ୱଳ ତାରକା ବିଜୟ ମହାନ୍ତି। ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବା ପରେ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମହାନ୍ତିଙ୍କ ଜ୍ୱାଇଁ ଦେବବ୍ରତ ଦାସ ପାର୍ଥିବ ଶରୀରରେ ମୁଖାଗ୍ନି ଦେଇଥିଲେ। କୋଭିଡ୍ କଟକଣା ଯୋଗୁ ପରିବାରର ସ୍ୱଳ୍ପ ସଦସ୍ୟଙ୍କୁ ନେଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ସୋମବାର ରାତିରେ ବିଜୟଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପୂର୍ବାହ୍ନରେ ବିଜୟଙ୍କ ମରଶରୀରକୁ ପ୍ରଥମେ ବମିଖାଲସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଅନେକ ପ୍ରଶଂସକ, ଶୁଭେଚ୍ଛୁ ଓ ପରିବାରବର୍ଗ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ବରିଷ୍ଠ ଓ ନବାଗତ କଳାକାର ମଧ ବିଜୟଙ୍କ ଶେଷ ଦର୍ଶନ କରିବାକୁ ତାଙ୍କ ବାସଭବନକୁ ଯାଇଥିଲେ। ଏହାପରେ ବିଜୟଙ୍କ କର୍ମମୟ ଜୀବନ ବିତିଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ତାଙ୍କ ମରଶରୀରକୁ ନିଆଯାଇଥିଲା। ସେଠାରେ ଓଡ଼ିଆ ଚଳଚ୍ଚିତ୍ର ଓ ନାଟ୍ୟ ଜଗତର ବହୁ କଳାକାରଙ୍କ ସହ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ତାଙ୍କୁ ଗାର୍ଡ ଅଫ୍ ଅନର ତଥା ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁ ପ୍ରଶଂସକ ଏହି ବର୍ଷୀୟାନ ଅଭିନେତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ସଭା ଏମ୍‌ପି ମୁନ୍ନା ଖାଁ, ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ ନାୟକଙ୍କ ସମେତ ପ୍ରଶାନ୍ତ ନନ୍ଦ, ଅଜିତ ଦାସ, ଉତ୍ତମ ମହାନ୍ତି, ଶ୍ରୀତମ ଦାସ, ସିଦ୍ଧାନ୍ତ ମହାପାତ୍ର, ସ୍ନିଗ୍ଧା ମହାନ୍ତି, ରାଇମୋହନ, ଅନୁ ଚୌଧୁରୀ ପ୍ରମୁଖ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଜୟଙ୍କ ପରଲୋକରେ ଓଡ଼ିଆ ସିନେ ଜଗତରେ ୪୩ ବର୍ଷର ଯାତ୍ରାର ଅବସାନ ଘଟିଥିବାବେଳେ ସାରା ଓଡ଼ିଶା ତାଙ୍କ ବିୟୋଗରେ ସ୍ତବ୍ଧ। ଅଭିନୟ ଜୀବନରେ ୧୭୫ଟି ଚଳଚ୍ଚିତ୍ରରେ ନିଜ ଅଭିନୟର ଛାପ ଛାଡ଼ିଯାଇଛନ୍ତି ବିଜୟ। ଏକାଧାରରେ ଜଣେ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକଭାବେ ନିଜ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ସହିତ ବିଜୟ ମହାନ୍ତି ୬ ଥର ରାଜ୍ୟ ଚଳଚିତ୍ର ସମ୍ମାନ ପାଇଥିଲେ। ତାଙ୍କ ଜନ୍ମମାଟି କେନ୍ଦ୍ରାପଡ଼ା ଜିଲାର ପାଣ୍ଡିରି ଗ୍ରାମରେ ମଧ ଅଭିନେତାଙ୍କ ବିୟୋଗରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।


ଶେଷଦର୍ଶନ କରିବାକୁ ଆସିଥିବା ସିନେ କଳାକାରମାନେ।


ବିଜୟଙ୍କ ମରଶରୀରକୁ ଧର୍ମପତ୍ନୀ ତନ୍ଦ୍ରା ରାୟ ଶେଷଦର୍ଶନ କରୁଛନ୍ତି।


ତନ୍ଦ୍ରା ରାୟଙ୍କୁ ଶାନ୍ତ୍ୱନା ଦେଉଛନ୍ତି ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ଓ ନିର୍ଦ୍ଦେଶକ ବିଜୟଙ୍କ ଶେଷ ଦର୍ଶନ କରୁଛନ୍ତି।

## ଝୁରିଲା ଏନ୍‌ଏସ୍‌ଡି

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ଦିଲ୍ଲୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ରୁ ଶିକ୍ଷାଗ୍ରହଣ କରିଥିବା ସ୍ୱର୍ଗତ ବିଜୟ ମହାନ୍ତିଙ୍କୁ ଝୁରିଛି ତାଙ୍କର ଶିକ୍ଷାନୁଷ୍ଠାନ। ଏନେଇ ଏନ୍‌ଏସ୍‌ଡି ପକ୍ଷରୁ ଶୋକବାର୍ତ୍ତା ଦିଆଯିବା ସହ ବିଜୟ ଜଣେ ବଳିଷ୍ଠ ଅଭିନେତା ଏବଂ ସୁପ୍ରସିଦ୍ଧ ନାଟ୍ୟକାର ଥିଲେ ବୋଲି କୁହାଯାଇଛି। ବିଜୟ ଏନ୍‌ଏସ୍‌ଡିର ୧୯୭୩ ବ୍ୟାଚ୍‌ର ଛାତ୍ର ଥିଲେ। ତାଙ୍କ ବିୟୋଗ ଖବର ଦୁଃଖଦାୟକ। ଏନ୍‌ଏସ୍‌ଡି ପରିବାର ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଈଶ୍ୱର ଦିଂବଗତ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ବୋଲି ଏନ୍‌ଏସ୍‌ଡି ଟୁଇଟ୍ କରି ଉଲ୍ଲେଖ କରିଛି। ସେହିଭଳି ଅନ୍ୟାନ୍ୟ ସୋସିଆଲ ମିଡିଆରେ ମଧ ଏନ୍‌ଏସ୍‌ଡି ପକ୍ଷରୁ ଶୋକବାର୍ତ୍ତା ଦିଆଯାଇଛି।

# Business

## ସଂକ୍ଷେପରେ

### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଶୀଘ୍ର

**ନୂଆଦିଲ୍ଲୀ,୨୧।୭:** ଭାରତ ଏବଂ ଆମେରିକା ମଧରେ ଶୀଘ୍ର ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଦୁଇଦେଶ ବାଣିଜ୍ୟ ଚୁକ୍ତିର ନିକଟତର ହୋଇଥିବା କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ମଙ୍ଗଳବାର ସୂଚନା ଦେଇଛନ୍ତି। ଗତ ୨ ବର୍ଷ ଧରି ଏହି ଚୁକ୍ତି ଲାଗି ଆଲୋଚନା ଜାରି ରହିଥିଲା। ବାଣିଜ୍ୟ ଚୁକ୍ତି ଶୀଘ୍ର ହେବା ନେଇ ଆଶାବାଦୀ ରହିଥିବା ଗୋୟଲ ଆଶା ପ୍ରକଟ କରିଛନ୍ତି। ଇଣ୍ଡୋ ଆମେରିକା ବିଜ୍‌ନେସ କାଉନସିଲର ଏକ ସମିଟ୍‌କୁ ସମ୍ବୋଧିତକରି ଗୋୟଲ ଦୁଇ ଦେଶର ବାଣିଜ୍ୟ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମସ୍ୟାଗୁଡିକ ସମାଧାନ କରିବା ଦିଗରେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଥିବା ସେ ମତବ୍ୟକ୍ତ କରିଛନ୍ତି।

### ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ୧.୨୭ ଲକ୍ଷ କୋଟିର ଋଣ ମଞ୍ଜୁର

**ନୂଆଦିଲ୍ଲୀ,୨୧।୭:** କରୋନା ପାଇଁ ନଗଦ ସମସ୍ୟା ସହ ଜୁଝୁଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ଦେଶର ବ୍ୟାଙ୍କଗୁଡ଼ିକ ୧.୨୭ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରିଥିବା ଜଣାପଡିଛି। ଏହି ଋଣ କେନ୍ଦ୍ର ସରକାରଙ୍କ ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ ଦ୍ୱାରା ପ୍ରଦାନ କରାଯିବ। ଏହି ଯୋଜନା ଅଧୀନରେ ସଂସ୍ଥାଗୁଡିକୁ ମୋଟ ୩ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇଦେବା ଲାଗି ସରକାର ଯୋଜନା ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଥିରେ ୭୭,୬୧୩ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ପ୍ୟାକେଜ ଅନ୍ତର୍ଗତ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ସମ୍ପର୍କରେ ଘୋଷଣା କରିଥିଲେ। ଏହା ମଧରେ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ଘରୋଇ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକ ଋଣ ଯୋଗାଣ ଦିଗରେ କାମ କରୁଛନ୍ତି। କରୋନାରେ ବଜାର ପ୍ରଭାବିତ ଥିବାରୁ କ୍ଷୁଦ୍ର ସଂସ୍ଥାଗୁଡିକ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଜଣାପଡ଼ିଛି।

## ଏନ୍‌ପିଏ ସ୍ଥିତି ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୨୧।୭

ବର୍ତ୍ତମାନ ବ୍ୟାଙ୍କଗୁଡିକରେ ଅନାଦାୟ ଋଣ(ଏନ୍‌ପିଏ) ବୃଦ୍ଧି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିଯୋଗୁ ବ୍ୟାଙ୍କଗୁଡ଼ିକ ବିଭିନ୍ନ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ଏନ୍‌ପିଏ ଉପରେ ଏକ ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ମଙ୍ଗଳବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏନ୍‌ପିଏ ଯୋଗୁ ଶହ ଶହ କୋଟି ଟଙ୍କା କ୍ଷତି ସହୁଛନ୍ତି। ଉକ୍ତ ପ୍ରସଙ୍ଗକୁ ଗୁରୁତର ସହ ବିଚାର କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ବଡ଼ ବଡ଼ କର୍ପୋରେଟ୍‌ର ମଙ୍ଗ ସମ୍ଭାଳିଥିବା ପ୍ରମୋଟରଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟି କାହିଁକି ରଖାଯାଉନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି।

ଜଷ୍ଟିସ୍ ଆର୍.ଏଫ୍.ନରିମାନ, ଜଷ୍ଟିସ୍ ନବୀନ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରୁଛନ୍ତି। ସୌରଭ ଜୈନ ଏବଂ ରାହୁଲ ଶର୍ମା ବ୍ୟାଙ୍କରେ ବୃଦ୍ଧି ହେଉଥିବା ଏନ୍‌ପିଏକୁ ନେଇ ଦାୟର କରିଥିବା ଏକ ପିଟିଶନ ଉପରେ ଖଣ୍ଡପୀଠ ଶୁଣାଣିକରି ଅର୍ଥ ମନ୍ତ୍ରଣାଳୟକୁ ଏ ପ୍ରସଙ୍ଗରେ ଶୀଘ୍ର ପକ୍ଷ ରଖିବାକୁ ନିର୍ଦ୍ଦେଶରେ କହିଛନ୍ତି। ଅର୍ଥ ମନ୍ତ୍ରଣାଳୟର ସାମ୍ନାରେ ଏଥିଲାଗି ଏକ ପ୍ରତିନିଧି ମଣ୍ଡଳୀ ପଠାଇବା ଲାଗି ସୁପ୍ରିମକୋର୍ଟ ପିଟିଶନକାରୀଙ୍କୁ କହିଛନ୍ତି। ମାମଲାଟି ଶୁଣାଣି ଲାଗି ସୋମବାର ଆସିଥିବା ଜଣାପଡିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହାକୁ ଅର୍ଥ ମନ୍ତ୍ରଣାଳୟ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ନ୍ୟାୟାଳୟ କହିଛନ୍ତି। ଏହି ମାମଲାରେ ୧୧୫ ପୃଷ୍ଠା ବିଶିଷ୍ଟ ରିଟ୍ ପିଟିଶନକୁ ବିଚାର କରିବା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବ୍ୟକ୍ତିଗତ ଗ୍ୟାରେଣ୍ଟି ନେଇ ଏକ ସର୍କୁଲାର ଜାରି କରାଯାଇଥିଲା। ହେଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହାକୁ ଠିକ୍ ଭାବେ ପାଳନ ନ କରି ବ୍ୟକ୍ତିଗତ ଗ୍ୟାରେଣ୍ଟି ରଖୁନାହାନ୍ତି। ଫଳରେ ଏନ୍‌ପିଏ ସ୍ଥିତି ଯୋଗୁ ବ୍ୟାଙ୍କ ବୃହତ୍ ପରିମାଣର କ୍ଷତି ସହୁଥିବା ଖଣ୍ଡପୀଠ ନିର୍ଦ୍ଦେଶରେ କହିଛନ୍ତି।

ପିଟିଶନରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନନ ମିଶ୍ର ଏବଂ ଆଇନଜୀବୀ ଦୁର୍ଗା ଦତ୍ତ ମାମଲା ଲଢୁଛନ୍ତି। ପିଟିଶନରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଗୋଟିଏ ଆର୍ଥିକ ବର୍ଷରେ ୧.୮୫ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବଡ଼ ବଡ଼ କର୍ପୋରେଟ ଋଣ ଖିଲାପୀ କରିଲେ ମଧ ବ୍ୟାଙ୍କଗୁଡ଼ିକୁ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ବ୍ୟକ୍ତିଗତ ଗ୍ୟାରେଣ୍ଟି ରଖାଯାଇ ପାରିନାହିଁ। କେନ୍ଦ୍ର ସରକାରଙ୍କ ସର୍କୁଲାରକୁ ବ୍ୟାଙ୍କ ମାନୁ ନ ଥିବାରୁ ପ୍ରଥମେ ମନ୍ତ୍ରଣାଳୟକୁ ଉତ୍ତରଦାୟୀ କରିବା ସହ ପକ୍ଷ ଲୋଡ଼ାଯାଇଥିବା ଖଣ୍ଡପୀଠ କହିଛନ୍ତି। ଜଣେ ସାଧାରଣ ଲୋକ ଋଣ ନେଲେ ତାଙ୍କଠାରୁ ଋଣ ଅସୁଲ କରିବା ଲାଗି ବ୍ୟାଙ୍କ ଯେକୌଣସି ପନ୍ଥା ଆପଣାଇ ନେଉଛନ୍ତି ହେଲେ ବଡ଼ କର୍ପୋରେଟ କ୍ଷେତ୍ରରେ ଏଭଳି ଦେଖାଯାଇ ନ ଥାଏ ବୋଲି ଆବେଦନରେ କୁହାଯାଇଛି। ଏ ସମ୍ପର୍କରେ ମନ୍ତ୍ରଣାଳୟକୁ ଅବଗତ କରାଯାଇଥିବା ବେଳେ ସେଠାରୁ ପିଟିଶନ କରିଥିବା ବ୍ୟକ୍ତି ଉତ୍ତର ଲୋଡ଼ିପାରିବେ, ତା' ପରେ ଯାଇ କୋର୍ଟର ଦ୍ୱାରସ୍ଥ ହୋଇପାରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି। ବର୍ତ୍ତମାନ ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟରୁ ରିଟ୍ ପିଟିଶନକୁ ଉଠାଇ ନିଆଯାଇପାରେ। ଅର୍ଥ ମନ୍ତ୍ରଣାଳୟ ସାମ୍ନାରେ ଆଗାମୀ ୨ ସପ୍ତାହ ମଧରେ ଏକ ପ୍ରତିନିଧି ମଣ୍ଡଳୀ ପଠାଯାଇପାରେ। ୪ ସପ୍ତାହ ମଧରେ ଏହାର ଉତ୍ତର ମନ୍ତ୍ରଣାଳୟ ରଖିପାରିବ। ମନ୍ତ୍ରଣାଳୟ କିଭଳି ଉତ୍ତର ରଖୁଛି ସେହି ଆଧାରରେ ପିଟିଶନର ପୁଣି ଥରେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ପାରିବେ। ଦ୍ୱାର ସବୁବେଳେ ଖୋଲା ରହିଛି ବୋଲି ଜଷ୍ଟିସ୍ ନରିମାନ କହିଛନ୍ତି।

**ପ୍ରମୋଟରଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟି କାହିଁକି ରଖାଯାଉନାହିଁ**



## ବାହାର ବ୍ୟକ୍ତି ହୋଇପାରିବେ ଟାଟା ଟ୍ରଷ୍ଟର ମୁଖ୍ୟ

ନୂଆଦିଲ୍ଲୀ,୨୧।୭

ଟାଟା ଟ୍ରଷ୍ଟ ଉପରେ ଟାଟା ପରିବାରର କୌଣସି ବିଶେଷ ଅଧିକାର ନାହିଁ। ଭବିଷ୍ୟତରେ କୌଣସି ବାହାର ବ୍ୟକ୍ତି ଏହାର ମଙ୍ଗ ସମ୍ଭାଳିପାରିବେ। ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ରତନ ଟାଟା ନିକଟରେ ସୁପ୍ରିମକୋର୍ଟଙ୍କୁ ଏହା କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ମୁଁ ଟ୍ରଷ୍ଟର ଅଧ୍ୟକ୍ଷ ରହିଛି। ଭବିଷ୍ୟତରେ ଅନ୍ୟ କେହି ମଧ ଅଧ୍ୟକ୍ଷ ଭାର ସମ୍ଭାଳି ପାରିବେ। ଏହା ଜରୁରୀ ନୁହେଁ ତାଙ୍କର ନାମ ସହ ଟାଟା ଲାଗିଥିବ। ଜଣେ ବ୍ୟକ୍ତି ବିଶେଷଙ୍କ ଜୀବନ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ରହିଥିବା ବେଳେ ମାତ୍ର ସଂସ୍ଥାର କାମ ଆଗକୁ ଜାରି ରହିବ। ମିସ୍ତ୍ରି ପରିବାରର କମ୍ପାନୀ ସାଇରସ୍ ଇନ୍‌ଭେଷ୍ଟମେଣ୍ଟ ଦ୍ୱାରା ଜାରି କରାଯାଇଥିବା ଏକ ମାମଲାର ପକ୍ଷ ରଖି ଟାଟା କହିଛନ୍ତି, ଟାଟା ସନ୍ସର ମୁଖ୍ୟ ପଦବୀ ଲାଗି ଟାଟା ପରିବାରର ମଧ ବିଶେଷ ଅଧିକାର ନାହିଁ। ଟାଟା ଟ୍ରଷ୍ଟର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଯୋଜନା ବର୍ତ୍ତମାନ ଧାର୍ଯ୍ୟ ହେଉଥିବା ବେଳେ ଏଭଳି ସ୍ଥିତିରେ ରତନ ଟାଟାଙ୍କ ଏହି କଥା ଅନେକ ଗୁରୁତ୍ୱ ବହନ କରେ। ଏଥିଲାଗି ଏକ କମିଟି ଆଗାମୀ ପନ୍ଥା ନେଇ ବିଚାରକରିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



## ପାସେଞ୍ଜର ଯାନ ବିକ୍ରି ୩୮% କମିଲା



ନୂଆଦିଲ୍ଲୀ,୨୧।୭

ଅଟୋମୋବାଇଲ ବଜାର ଉପରେ କରୋନାର ପ୍ରଭାବ ଜାରି ରହିଛି। ଗତ କିଛି ମାସ ଧରି ଘରୋଇ ବଜାରରେ ଯାନ ବିକ୍ରି କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଜୁନ ମାସରେ ପାସେଞ୍ଜର ଯାନର ରିଟେଲ ବିକ୍ରି ୩୮.୩୪% ହ୍ରାସ ଘଟି ୧.୨୬ ଲକ୍ଷ ୟୁନିଟ ରହିଛି। କୋଭିଡ୍-୧୯ ଲଗାତର ଭାବେ ଗ୍ରାହକଙ୍କ ମନୋଭାବକୁ ପ୍ରଭାବିତ କରିଥିବା ଜଣାପଡ଼ିଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର ଆସୋସିଏଶନ(ଫାଡା) ପକ୍ଷରୁ ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ଏହା ଦେଶର ୧୨୩୦ ଆର୍‌ଟିଓରୁ ତଥ୍ୟ ସଂଗ୍ରହ କରିଛି। ଗତ ବର୍ଷ ଜୁନରେ ଯାତ୍ରୀବାହୀ ଯାନ ବିକ୍ରି ୨.୦୫ ଲକ୍ଷ ୟୁନିଟ ରହିଥିଲା। ସେହିଭଳି ଦୁଇଚକିଆ ଯାନ ବିକ୍ରି ୪୦.୯୨% ହ୍ରାସ ଘଟି ୭.୯୦ ଲକ୍ଷ ୟୁନିଟ ରହିଛି। ଯାହା ଗତ ବର୍ଷ ଜୁନରେ ୧୩.୩୭ ଲକ୍ଷ ୟୁନିଟ ଥିଲା। ଅପରପକ୍ଷରେ ବାଣିଜ୍ୟିକ ଯାନ ବିକ୍ରି ୮୩.୮୩% ହ୍ରାସ ଘଟି ୧୦ ହଜାର ୟୁନିଟ ରହିଛି। ଏହା ଗତବର୍ଷ ସମାନ ସମୟରେ ୬୪ ହଜାର ୟୁନିଟ ଥିଲା। ଚଳିତ ବର୍ଷ ଜୁନରେ ୩ ଚକିଆ ବିକ୍ରି ୭୫.୪୩% ଖସିଛି। ବିଭିନ୍ନ ବର୍ଗରେ ଯାନ ବିକ୍ରି ୪୨% ଖସି ୯.୮୪ ଲକ୍ଷ ୟୁନିଟକୁ ଖସିଛି। ଏହି ପରିପ୍ରେକ୍ଷୀରେ ଫାଡାର ସଭାପତି ଆଶିଷ ହର୍ଷରାଜ କାଲେ କହିଛନ୍ତି, ବଜାରରେ ଉତ୍ସାହ ନ ଥିବାରୁ ଯାନ ବିକ୍ରି ଖସୁଛି। ଗ୍ରାମାଞ୍ଚଳ ବଜାରରେ ସ୍ଥିତି ସହର ଅପେକ୍ଷା ଉନ୍ନତ ରହିଛି। ସରକାର ଭେଇକିଲ ସ୍କ୍ରାପେଜ ପଲିସି ଆଣିବା ଉପରେ ଧ୍ୟାନଦେବାକୁ ସେ ନିବେଦନ କରିଛନ୍ତି।

## ୯ ବର୍ଷର ରେକର୍ଡ ଉଚ୍ଚ ସ୍ତରରେ ସୁନା



ନୂଆଦିଲ୍ଲୀ,୨୧।୭

ଅନ୍ତର୍ଜାତୀୟ ବଜାରରେ ମଙ୍ଗଳବାର ସୁନା ଦର ୯ ବର୍ଷର ରେକର୍ଡ ଉଚ୍ଚ ସ୍ତରରେ ରହିଛି। ନୂଆଦିଲ୍ଲୀରେ ଏହା ମଙ୍ଗଳବାର ୧୯୨ ଟଙ୍କା ବୃଦ୍ଧି ହୋଇଥିବା ଜଣାପଡିଛି। ମଙ୍ଗଳବାର ୧୦ ଗ୍ରାମ ପିଛା ସୁନା ଦର ୫୦,୨୧୪ ଟଙ୍କାରେ ବିକ୍ରି ହେଉଛି। ସୋମବାର ଏହି ଦର ୫୦,୦୨୨ ଟଙ୍କା ରହିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ ପକ୍ଷରୁ ସୂଚନା ରହିଛି। ଅନ୍ତର୍ଜାତୀୟ ବଜାରରେ ସୁନା ସ୍ପଟ୍ ମୂଲ୍ୟ ଆଉନ୍ସ ପ୍ରତି ୧୮୪୧ ଡଲାର ରହିଛି। ଏଥିରେ ୧.୩% ବୃଦ୍ଧି ଘଟିଛି। ଏହି ସମୟରେ ନୂଆଦିଲ୍ଲୀରେ ରୁପା ଦର କିଲୋଗ୍ରାମ ପିଛା ୧୮୩୨ ଟଙ୍କା ବୃଦ୍ଧି ଘଟିଛି। ଫଳରେ ରୁପା ଦର ୫୬,୪୪୧ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଆଉନ୍ସ ପ୍ରତି ରୁପା ଦର ୨୧.୪୨ ଡଲାର ରହିଥିବା ସୂଚନା ମିଳିଛି। ମଙ୍ଗଳବାର ୪ ବର୍ଷ ପରେ ରୁପାର ସ୍ପଟ୍ ମୂଲ୍ୟ ଆଉନ୍ସ ପ୍ରତି ୨୦ ଡଲାର ଟପିଯାଇଛି। ଏହା ପୂର୍ବରୁ ୨୦୧୬ ସେପ୍ଟେମ୍ବରରେ ଆଉନ୍ସ ପ୍ରତି ରୁପା ଦର ୨୦ ଡଲାର ଟପିଥିଲା। ସାରା ବିଶ୍ୱରେ ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡିକ ଷ୍ଟିମୁଲସ ପ୍ୟାକେଜ ନେଇ ପୁଣି ଥରେ ବିଚାର କରୁଥିବାରୁ ଏହାର ପ୍ରଭାବ ସୁନା ବଜାର ଉପରେ ପଡ଼ିଥିବା କୁହାଯାଉଛି।

## ଏସ୍‌ବିଆଇ ଜେନେରାଲର ନୂଆ ଏମ୍‌ଡି



**ନୂଆଦିଲ୍ଲୀ,୨୧।୭:** ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ପ୍ରକାଶ ଚନ୍ଦ୍ର କାଣ୍ଡପାଲଙ୍କୁ ନୂଆ ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ଏହି ପଦବୀ ଲାଗି ମନୋନୀତ କରାଯାଇଛି। ୨୦୧୯ ଜୁନରୁ ସେ ଏସ୍‌ବିଆଇ ଜେନେରାଲର ଡେପୁଟି ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଏସ୍‌ବିଆଇରେ ସେ ଗତ ୩୩ ବର୍ଷ କାର୍ଯ୍ୟ କରିଛନ୍ତି। ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡରେ ଚିଫ୍ ଅପରେଟିଂ ଅଫିସର ଭାବେ ମଧ ସେ କାମ କରିଛନ୍ତି। ବର୍ତ୍ତମାନର ଏସ୍‌ବିଆଇ ଜେନେରାଲର ଏମ୍‌ଡି ତଥା ସିଇଓ ଭାବେ କାମ କରୁଥିବା ପୁଷନ ମହାପାତ୍ରଙ୍କୁ ଷ୍ଟ୍ରାଟେଜିକ ଇନ୍‌ଭେଷ୍ଟମେଣ୍ଟ ଏବଂ ଡିଜିଟାଲ ଇନିସିଏଟିଭର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।



ଶ୍ରୀଲଙ୍କା ସରକାର କହିଛନ୍ତି ଯେ, ରାକ୍ଷସରାଜ ରାବଣ ପ୍ରଥମେ ପୁଷ୍ପକ ବିମାନ ନାମକ ଯାନ ଆକାଶରେ ଉଡ଼ାଉଥିବା ରାମାୟଣରେ ଉଲ୍ଲେଖ ରହିଛି। ତେଣୁ ରାବଣ ପୃଥିବୀର ପ୍ରଥମ ବିମାନ ପାଇଲଟ। ଏନେଇ ସରକାର ଲୋକଙ୍କ ପାଖରେ ଗଚ୍ଛିତ ଥିବା ପୁରୁଣା ଗନ୍ଥର ତଥ୍ୟ ଏକ ବିଜ୍ଞାପନ ମାଧ୍ୟମରେ ଲୋଡ଼ିଛନ୍ତି। ଏହାଦ୍ୱାରା ରାବଣଙ୍କ ମୃତ୍ୟୁ ସହିତ ଲୋପ ପାଇଥିବା ଦେଶର ବିକଶିତ ବିମାନ ଉଡ଼ାଣ ଶୈଳୀର ପୁନରୁଦ୍ଧାର ହୋଇପାରିବ ବୋଲି ସରକାର ଯୋଜନା କରିଛନ୍ତି।

# ହାତଗୋଡ଼ ହରାଇଛି, ମନୋବଳ ନୁହେଁ

## ଗରିବ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ଗୁଲ୍‌ଜାର



ନୂଆଦିଲ୍ଲୀ: ବୋମା ବିସ୍ଫୋରଣରେ ହାତ ଏବଂ ଗୋଡ଼ ହରାଇଥିବା ବ୍ୟକ୍ତି ଏବେ ଅନେକ ଆଦିବାସୀ ଶିଶୁଙ୍କ ଜୀବନ ଗଢୁଛନ୍ତି। ଦିବ୍ୟାଙ୍ଗ ପଣ ତାଙ୍କ ମନୋବଳ ଏବଂ ସାହସକୁ ଭାଙ୍ଗିବାରେ ସଫଳ ହୋଇପାରିନାହିଁ। କଠିନ ସମୟରେ ସେ ନିଜକୁ ସମ୍ଭାଳିବା ସହ ଆହୁରି ମଜଭୁତ ହୋଇଛନ୍ତି। ସେ ହେଲେ ପାକିସ୍ତାନର ପାରଚିନାରସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୁଲ୍‌ଜାର ହୁସେନ୍। ସ୍କୁଲରେ ପିଲାଙ୍କୁ ପାଠପଢ଼ା ସରିବା ପରେ ସମୟ ବାହାରକରି ଆଦିବାସୀ ଅଞ୍ଚଳକୁ ଯାଇ ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ୧୯୯୯ରେ ପାକିସ୍ତାନର ପାରଚିନାରସ୍ଥିତ ସ୍କୁଲରେ ଗୁଲ୍‌ଜାର ପାଠ ପଢ଼ିବା ସମୟରେ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ଗୁଲ୍‌ଜାର ୨ଗୋଡ଼ ଏବଂ ଗୋଟିଏ ହାତ ହରାଇଥିଲେ। ତେବେ ହାତ, ଗୋଡ଼ ହରାଇଥିଲେ ମଧ୍ୟ ସାହସ ହରାଇ ନ ଥିଲେ। ଅପର୍ କୁରମ୍ ଜିଲାର ଲକ୍‌ମାନ୍‌ଖେଲଠାରେ ଗୁଲ୍‌ଜାର ନିଜ ଶିକ୍ଷା ଶେଷ କରିଥିଲେ। ଗଧ ପିଠିରେ ବସି ସେ ସ୍କୁଲ ଯାଉଥିଲେ। ଇସ୍‌ଲାମିକ୍ ଷ୍ଟଡିସ୍‌ରେ ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ସେ ଟିଚିଂ ଟ୍ରେନିଂ ନେବା ପରେ ପ୍ରାଥମିକ ଶିକ୍ଷକ ହେବା ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏହାପରେ ସେ ପାରଚିନାରସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ। ସ୍କୁଲରେ ପାଠ ପଢ଼ାଇବା ସହ ସେ ଅନ୍ୟ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କ ଭବିଷ୍ୟତକୁ ମଧ୍ୟ ଆଲୋକିତ କରୁଛନ୍ତି। ଜୀବନରେ ଏତେବଡ଼ ଦୁର୍ଘଟଣା ପରେ ମଧ୍ୟ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଏବଂ ମହତ୍ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ତାଙ୍କୁ ବେଶ୍ ପ୍ରଶଂସା କରୁଛନ୍ତି।

# ସୋସିଆଲ ମିଡିଆରେ ସୁର୍‌ଭିଙ୍କ ଜଲୱା



ସୁରଭି ଚନ୍ଦନା

ମୁମ୍ବାଇ: ଟେଲି ଅଭିନେତ୍ରୀ ସୁର୍‌ଭି ଚନ୍ଦନା ଜଣେ ସୋସିଆଲ ମିଡିଆ ଲଭର୍। ସେ ନିଜର ଫଟୋ ସହ ବିଭିନ୍ନ ଭିଡିଓ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥାନ୍ତି। ନିକଟରେ ସେ ପୋଷ୍ଟ କରିଥିବା ଫଟୋରେ ଖୁବ୍ ହଟ୍ ଦିଶୁଛନ୍ତି। ତାଙ୍କର ଏହି ଫଟୋକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ ଏବଂ କମେଣ୍ଟ କରିଛନ୍ତି। ଫଟୋ ଗୁଡ଼ିକ ସହିତ ତାଙ୍କର ଏକ୍ସପ୍ରେସନ ମଧ୍ୟ କମ୍ ଯାଦୁଗରୀ ନୁହେଁ। ଫ୍ୟାନ୍‌ମାନେ ଯେମିତି ତାଙ୍କ ଅନ୍ଦାଜ୍‌ର ଦିୱାନା। ସୁର୍‌ଭି ଦେଖିବାକୁ ଯେମିତି ସୁନ୍ଦରୀ, ଅଭିନୟ ମଧ୍ୟ ସେତିକି ଭଲ କରିଥାନ୍ତି। ତେବେ ସୁରଭି ତାଙ୍କ କ୍ୟାରିୟର ଟେଲି ଧାରାବାହିକ 'ତାରକ୍ ମେହେଟା କି ଉଲ୍‌ଟା ଚଷମା'ରୁ ଆରମ୍ଭ କରିଥିଲେ। ଏହି ଶୋ'ରେ ସେ ସ୍ୱିଟୀର ରୋଲ ପ୍ଲେ କରିଥିଲେ। ଏହାପରେ ସେ ସିରିୟଲ 'ଏକ୍ ନନନ୍ଦ କି ଖୁସିୟୋଁ କି ଚାବି– ମେରି ଭାଭି'ରେ ନଜର୍ ଆସିଥିଲେ। କିନ୍ତୁ ସେ ଷ୍ଟାର ପ୍ଲସ୍‌ର ଟେଲି ସୋ' 'ଇସକ୍‌ବାଜ୍'ରୁ ଲୋକପ୍ରିୟ ହାସଲ କରିଥିଲେ। ଏହି ସିରିୟଲରୁ ସେ ଘରେ ଘରେ ପରିଚିତ ହୋଇଥିଲେ। ଏକ ଦମ୍‌ଦାର ଅଭିନୟ କରି ଫ୍ୟାନ୍‌ମାନଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇପାରିଲେ। କହିରଖୁଛୁ ଯେ, ସୁର୍‌ଭି ୨୦୧୪ରେ ବଲିଉଡ୍‌ରେ ମଧ୍ୟ ଡେବ୍ୟୁ କରିସାରିଛନ୍ତି। ସେ 'ବବି ଜାସୁସ୍' ମୁଭିରେ ଏକ ଛୋଟ ରୋଲରେ ନଜର୍ ଆସିଛନ୍ତି। ଏହି ମୁଭିରେ ଲିଡ୍ ରୋଲରେ ବିଦ୍ୟା ବାଲାନ୍‌ଙ୍କ ସହ ସେ କାମ କରିଛନ୍ତି। ସେ ଇନ୍‌ଷ୍ଟାରେ କିଛି ଫଟୋ ଦେଇ ଲେଖିଛନ୍ତି 'ମାଇଁ ଲାଇଫ୍ ମାଇଁ ଷ୍ଟାଇଲ୍'। ମୁଁ ମୋ ଲାଇଫ୍‌ରେ ବହୁତ ଖୁସି ଅଛି। ଫ୍ୟାନ୍‌ମାନେ ମୋତେ ଏତେ ଭଲ ପାଇବା ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଗକୁ ଏମିତି ସମସ୍ତଙ୍କ ହୃଦୟକୁ ଜିତିବାକୁ ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।

ପ୍ରଥମ ଜନ୍ମଦିନର ଶୁଭେଚ୍ଛା



(କ୍ରିଶ)
ରୁଦ୍ରାଂଶ ନାୟକ
ଗୋଡ଼ା, ଜଗତ୍‌ସିଂହପୁର
ଆମ ପରିବାରରେ ପାଦ ଦେବାର ବର୍ଷଟିଏ ବିତିଗଲା, ତଥାପି କାଲି ପରି ଲାଗୁଛି। ଏମିତି ସଦାସର୍ବଦା ତୋ ଜୀବନ ସୁଖମୟ ହେଉ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
–:ଶୁଭେଚ୍ଛା ସହ:–
ବନ୍ଧୁ ଓ ପରିବାରବର୍ଗ।
ଧ–୧୭୭୯୯

# ଆଇସ୍ ହୋଟେଲ



**ନୂଆଦିଲ୍ଲୀ**

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଦେଶରେ ଅଜବ ଷ୍ଟାଇଲ୍‌ରେ ହୋଟେଲମାନ ତିଆରି କରାଯାଇଥାଏ। ଏମିତି ଏକ ଅଜବ ହୋଟେଲ ହେଉଛି ସ୍ୱିଡେନର ଆଇସ୍ ହୋଟେଲ। ଅନେକ ଦ୍ୱୀପ, ପାହାଡ଼, ଝରଣା ଓ ଜଙ୍ଗଲ ମଧ୍ୟରେ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଆଇସ୍ ହୋଟେଲ। ହୋଟେଲଟି କେବଳ ଶୀତଦିନ ପାଇଁ ହିଁ ତିଆରି କରାଯାଇଥାଏ। କାରଣ ପାଣିପାଗ ବଦଳି ଗଲେ ଏହି ହୋଟେଲ ତରଳି ଯାଇଥାଏ। ହୋଟେଲର ସମସ୍ତ କାନ୍ଥ ଓ ଆସବାବପତ୍ର ବରଫରେ ତିଆରି ହୋଇଛି। ତେଣୁ ଗରମ ପରିବେଶ ଆସିବା ମାତ୍ରେ ଏହି ହୋଟେଲ ଆପେ ଆପେ ତରଳି ଯାଇ ଏକ ନଦୀରେ ପରିଣତ ହୋଇଯାଏ। ତେଣୁ ପ୍ରତିବର୍ଷ ଶୀତରତୁ ଅର୍ଥାତ୍ ଡିସେମ୍ବରରୁ ଏପ୍ରିଲ ମଧ୍ୟରେ ଏହି ବରଫ ହୋଟେଲକୁ ତିଆରି କରାଯାଇଥାଏ। ହୋଟେଲର ଉତ୍ପତ୍ତି ଏକ ନଦୀ ମଧ୍ୟରେ ହୋଇଛି। ପର୍ଯ୍ୟଟକମାନଙ୍କ ପାଇଁ ଏହି ହୋଟେଲର ସ୍ୱତନ୍ତ୍ର ଆକର୍ଷଣ ରହିଥିବାରୁ ଚାରିବର୍ଷ ତଳେ ଏହାର କିଛି ଅଂଶକୁ ସ୍ଥାୟୀ ରୂପ ଦିଆଯାଇଥିଲା। ସୋଲାର ପାୱାର କୁଲିଂ ଟେକ୍ନୋଲୋଜି ମାଧ୍ୟମରେ ଏହି ହୋଟେଲରେ ସବୁ ସମୟରେ ବରଫ ରହିପାରୁଛି। ହୋଟେଲରେ ବରଫ ତିଆରି କମ୍ପ୍ଲେକ୍ସ, ରେଷ୍ଟୋରାଁ, ସେରିମନି ହଲ୍ ସମେତ ବିଭିନ୍ନ ପ୍ରକାର ରୁମ୍ ରହିଛି। ଏହି ହୋଟେଲକୁ ଦେଖିବା ପାଇଁ ବର୍ଷକୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ସ୍ୱିଡେନ ଯାଇଥାନ୍ତି। ଏପ୍ରିଲ ଅଧାରୁ ଏଠାକୁ ଯିବାରେ କଟକଣା ଲଗାଯାଇଥାଏ। କାରଣ ହୋଟେଲଟି ଏହି ସମୟରେ ତରଳି ଯାଇଥାଏ।

# ଅନ୍‌ଲାଇନରେ ମଡ୍ ଫେଷ୍ଟିଭାଲ୍

ନୂଆଦିଲ୍ଲୀ: ଦକ୍ଷିଣ କୋରିଆର ପ୍ରସିଦ୍ଧ ମଡ୍ ଫେଷ୍ଟିଭାଲ୍ ଏଥର ଅନ୍‌ଲାଇନରେ ପାଳନ କରାଯାଉଛି। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଏଥର ଲକ୍‌ଡାଉନ୍ ପାଇଁ ବାହାରେ କୌଣସି ପ୍ରକାର ଉତ୍ସବ ପାଳନ କରାଯାଉ ନାହିଁ। ତେଣୁ ଦକ୍ଷିଣ କୋରିଆର ଲୋକେ ବି ସେମାନଙ୍କର ମଡ୍ ଫେଷ୍ଟିଭାଲ୍‌କୁ ଏଥର ପାଳନ କରିପାରୁ ନାହାନ୍ତି। କିନ୍ତୁ ଏହି ଫେଷ୍ଟିଭାଲ୍‌କୁ ପାଳନ କରିବା ପାଇଁ ଏବେ ଲୋକେ ଅନ୍‌ଲାଇନକୁ ମାଧ୍ୟମ କରିଛନ୍ତି। ଅଧିକାଂଶ ଲୋକେ ଘରେ ଘରେ କୃତ୍ରିମ କୁଣ୍ଡ ତିଆରି କରି ସେଥିରେ ମାଟି ପକାଇ ଖେଳିଛନ୍ତି ଓ ଅନ୍‌ଲାଇନରେ ଲୋକଙ୍କ ସହ ଶେୟାର କରିଛନ୍ତି। ଦକ୍ଷିଣ କୋରିଆର ଅଧିକାଂଶ ସ୍ଥାନରେ ଏବେ ଏଭଳି ଘରେ ଘରେ ପାଳନ ହୋଇଛି ମଡ୍ ଫେଷ୍ଟିଭାଲ୍। ସୋସିଆଲ୍ ମିଡିଆରେ ଏବେ ଏଭଳି ମଡ୍ ଫେଷ୍ଟିଭାଲ୍‌କୁ ନେଇ ଫଟୋ ଓ ଭିଡିଓ ଭାଇରାଲ୍ ହେଉଛି। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ଏହି ମଡ୍ ଫେଷ୍ଟିଭାଲ୍‌ରେ ଭାଗ ନେଇଥାନ୍ତି।

# ଚାଷୀ ବିକାଶର ମାର୍ଗ ଗୋଧନ ନ୍ୟାୟ ଯୋଜନା

## ଗୋବର କିଣିଲେ ମୁଖ୍ୟମନ୍ତ୍ରୀ

ରାୟପୁର: ଛତିଶଗଡ଼ ସରକାରଙ୍କ ପକ୍ଷରୁ ଗୋଧନ ନ୍ୟାୟ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଯୋଜନା ଦ୍ୱାରା ଚାଷୀଙ୍କ ବିକାଶ ସମ୍ଭବ ହୋଇପାରିବ। ଯୋଜନା ଅନୁସାରେ ଚାଷୀଙ୍କଠାରୁ ସରକାର କିଲୋ ପିଛା ୨ ଟଙ୍କା ଦାମରେ ଗୋବର କିଣିବେ। ଏହି ଯୋଜନାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲା ୪୮ କିଲୋ ଗୋବର ୪ ଜଣ ଚାଷୀଙ୍କଠାରୁ କିଣିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଚାଷୀଙ୍କୁ ୯୬ ଟଙ୍କା ଦେଇଛନ୍ତି। ପ୍ରଥମ ଦିନ ରାଜ୍ୟରେ ୬୪୨ ଗୋରୁ ଗୋଠର ୧୧ ହଜାର ୨୭୭ ଜଣ ଚାଷୀ ଗୋବର ବିକିଛନ୍ତି। ପ୍ରଥମ ଦିନରେ ୧,୧୯୮ କ୍ୱିଣ୍ଟାଲ ଗୋବର ସରକାର କିଣିଛନ୍ତି। ଏଥିପାଇଁ ୨ ଲକ୍ଷ ୩୯ ହଜାର ୬୦୦ ଟଙ୍କା ଚାଷୀଙ୍କୁ ଦିଆଯାଇଥିବା କୁହାଯାଉଛି। ଜାଞ୍ଜଗିରି–ଚାମ୍ପା ଜିଲାର ୧୩୪ ଗୋରୁ ଗୋଠର ୬୫୫ ଜଣ ଚାଷୀ ସର୍ବାଧିକ ୪୭୭ କ୍ୱିଣ୍ଟାଲ ଗୋବର ସରକାରଙ୍କୁ ବିକିଛନ୍ତି। ଏହା ରାଜ୍ୟରେ ନିଯୁକ୍ତି ସୃଷ୍ଟିକରିବା ସହ କୃଷି ଓ ଗୋପାଳନ ଲାଗି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟିକରିବ ବୋଲି ବାଘେଲା ପ୍ରକାଶ କରିଛନ୍ତି। ଅଧିକରୁ ଅଧିକ ଗୋଶାଳା ନିର୍ମାଣ ଓ ଗୋବର ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେବାକୁ ମନସ୍ଥ କରିଛନ୍ତି।



# ସୁଇମିଂକୁ ଡରୁଥିଲେ ତାପସୀ



ମୁମ୍ବାଇ: ବଲିଉଡ୍‌ର ଚୁଲବୁଲି ନାୟିକା ତାପସୀ ପନ୍ନୁ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ। ନିକଟରେ ସେ ତାଙ୍କର ଏକ ଫଟୋ ଶେୟାର କରି ବିଗତ ଦିନର ଅନୁଭୂତି ସମ୍ପର୍କରେ କହିଛନ୍ତି। ଅସଲରେ ସେ ସୁଇମିଂ କରିବାକୁ ଖୁବ୍ ଭୟ କରନ୍ତି। ସେ ଯେତେବେଳେ ଛୋଟ ଥିଲେ ସେତେବେଳେ ସେ ସୁଇମିଂ ପୁଲ୍‌ରେ ବୁଡୁ ବୁଡୁ ବଞ୍ଚି ଯାଇଥିଲେ। ଆଉ ତା'ପରଠାରୁ ସେ ସୁଇମିଂ କରିବାକୁ ଭୟ କରନ୍ତି ବୋଲି କହିଛନ୍ତି। ତେବେ ଏକ ବିଜ୍ଞାପନର ଶୁଟିଂ ସମୟରେ ଶୁଇମିଂ ପୁଲରେ ନଜର ଆସିଛନ୍ତି ତାପସୀ। ଆଉ ଏହି ଫଟୋକୁ ନେଇ ସେ ଲେଖିଛନ୍ତି ଏବେ ସୁଇମିଂ ପୁଲରେ ସୁଇମିଂ କରିବା ମୋ ପାଇଁ ସାଧାରଣ କଥା। ହେଲେ ଅତିତରେ ଏମିତି ନ ଥିଲା। କାରଣ ସେ ବୁଡି ଯାଇଥିବାରୁ ସୁଇମିଂ କରିବାକୁ ଡରୁଥିଲେ। କିନ୍ତୁ ୯ ବର୍ଷ ପୂର୍ବେ ସେ ସୁଇମିଂ ଟ୍ରେନିଂ ନେଇଥିବାରୁ ଏବେ ତାଙ୍କୁ ଆଉ ପହଁରିବାକୁ ଭୟ ଲାଗୁନାହିଁ। ଯଦିଓ ସେ ଛୋଟ ପିଲାମାନଙ୍କ ସହ ସୁଇମିଂ ଶିକ୍ଷା କରିଛନ୍ତି, ଏହା କିନ୍ତୁ ତାଙ୍କୁ କିଛି ଅଲଗା ଲାଗିନାହିଁ ବୋଲି କୁହନ୍ତି ଏହି ନାୟିକା। ତାଙ୍କ ମତରେ ଶିକ୍ଷାର କୌଣସି ବୟସ ନ ଥାଏ କେବଳ ଆଗ୍ରହ ଥିବା ଜରୁରୀ।

# ମନେ ପଡ଼ନ୍ତି



ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ଛବିଳ କୁମାର ତ୍ରିପାଠୀ
ବରିଷ୍ଠ ଶ୍ରମିକ ନେତା
ଚାରମାଲ, ରେଢ଼ାଖୋଲ
ଆବିର୍ଭାବ– ୨୫.୧୨.୧୯୩୬ (ଶୁକ୍ରବାର)
ତିରୋଧାନ – ୧୨.୦୭.୨୦୨୦ (ରବିବାର)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଶୋକସନ୍ତପ୍ତ: ପୁଅ– ପିଣ୍ଟୁ, ବୋହୂ– ସୁନେଲି, ତ୍ରିପାଠୀ ପରିବାର ବର୍ଗ ଓ ବନ୍ଧୁବାନ୍ଧବ।
ଧ–୧୭୮୦୨

ଦଶାହ ଉପଲକ୍ଷେ

ସ୍ୱର୍ଗତା ଡ. ଇନ୍ଦିରା ପଟ୍ଟନାୟକ
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସୁଲେଖିକା
ସ୍ୱାମୀ ସ୍ୱର୍ଗତ ଅଜୟ ଚନ୍ଦ୍ର ମହାନ୍ତି
ଶିଖରପୁର, କଟକ
ଆବିର୍ଭାବ: ୦୫।୦୫।୧୯୪୧
ତିରୋଧାନ: ୧୩।୦୭।୨୦୨୦
ମାମା, ଚାହୁଁ ଚାହୁଁ ଦଶଦିନ ହୋଇଗଲା, ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କର ନୀତି ଆଦର୍ଶରେ ଗଢ଼ା ଆମେ, ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ଅନୁଭବ କରୁଛୁ। ଆଜି ଦଶାହ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶେଷରେ ଆପଣଙ୍କଠାରୁ ଆଶୀର୍ବାଦ କାମନା କରି ରହୁଛୁ।
–:ଶୋକସନ୍ତପ୍ତ:–
ପୁତ୍ର: ଅରବିନ୍ଦ ମହାନ୍ତି, କନ୍ୟା: ଅତସୀ ମହାନ୍ତି, ବନ୍ଧୁ ଓ ପରିବାରବର୍ଗ।
ଧ–୬୯୫୨୫

୩୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ୱ ଗୋବିନ୍ଦ ଚନ୍ଦ୍ର ମହାନ୍ତି
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୩ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
–: ଶୋକ ସନ୍ତପ୍ତ :–
ବନ୍ଧୁ ଓ ପରିବାରବର୍ଗ
ଧ–୧୭୭୯୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଶତ୍ରୁଘ୍ନ ତରାଇ
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୩ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆର୍ଶୀବାଦ ପ୍ରଦାନ କରୁଥାଉ। ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ–୧୭୭୯୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

ୱ କୃଷ୍ଣ କୁମାର ପଟ୍ଟନାୟକ
ଆବିର୍ଭାବ : ୨୬.୧୧.୧୯୫୧
ତିରୋଧାନ : ୧୨.୦୭.୨୦୨୦
ଆସ୍କାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୱ ନିରଂଜନ ପଟ୍ଟନାୟକ ବଡବାପାଙ୍କ ପରି ଦରଦୀ ବନ୍ଧୁ ଓ ପରୋପକାରୀ ମଣିଷ ତଥା କଟକ ସହର, ତିନିକୋଣିଆ ବଗିଚା ଓ ସୁତାହାଟ ବସ୍ତି ଅଂଚଳରେ "ମାମୁଁ" ଓ "କୃଷ୍ଣ ବାବୁ" ବୋଲି ଅତି ପରିଚିତ ୱ ଶ୍ରୀଯୁକ୍ତ ଅଭିମନ୍ୟୁ ପଟ୍ଟନାୟକଙ୍କ ଏକ ମାତ୍ର ସୁଯୋଗ୍ୟ ପୁତ୍ର ସ୍ୱର୍ଗତ କୃଷ୍ଣ କୁମାର୍ ପଟ୍ଟନାୟକଙ୍କ ଅକାଳ ବିୟୋଗରେ ସମସ୍ତ ବସ୍ତି ବାସିନ୍ଦା, ବନ୍ଧୁ, ପରିଜନ, ସାମାଜିକ ଅନୁଷ୍ଠାନ "ଦି ସ୍କାଭେଞ୍ଜରସ୍" ଓ "ମେକନସ୍ ଇଣ୍ଡିଆ" କର୍ମଚାରୀଙ୍କ ତରଫରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଧ–୧୭୭୯୭

# ପନିପରିବାରେ କୀଟ ନିୟନ୍ତ୍ରଣ



**ଭେ**ଣ୍ଡି ଫସଲରେ ଧଳା ମାଛି ନିୟନ୍ତ୍ରଣ ପାଇଁ ପ୍ରତି ୧୦ଲିଟର ପାଣିରେ ୪ ମିଲି ହିସାବରେ ଇମିଡାକ୍ଲୋପ୍ରିଡ କିମ୍ବା ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ କିମ୍ବା ମିଥାଇଲ୍ ଅକ୍ସିଡେମିନ୍ ମିଶାଇ ସିଞ୍ଚନ କରନ୍ତୁ। ଏହି ପୋକର ପୂର୍ଣ୍ଣାଙ୍ଗ କୀଟକୁ ଆକର୍ଷଣ କରିବା ପାଇଁ ଫେରୋମନ୍ ଯନ୍ତା ବସାନ୍ତୁ। ଏକର ପ୍ରତି ୮ଟି ଯନ୍ତା ବ୍ୟବହାର କରନ୍ତୁ। ଏହାବ୍ୟତୀତ ଜୈବକୀଟନାଶକ ବି.ଟି. ଏକର ପ୍ରତି ୪୦୦ ଗ୍ରାମ ଉପରବେଳା ସିଞ୍ଚନ କରନ୍ତୁ। ବାଇଗଣ ଫସଲରେ ଅଗ ଓ ଫଳବିନ୍ଧା ପୋକର ଦମନ ପାଇଁ ଝାଉଁଳା ଅଗ ଡାଳଗୁଡିକୁ ଛିଣ୍ଡାଇ ମାଟିରେ ପୋତି ଦିଅନ୍ତୁ। ଏହି ପୋକର ପୂର୍ଣ୍ଣାଙ୍ଗ କୀଟକୁ ଆକର୍ଷଣ କରିବା ପାଇଁ ଏକର ପ୍ରତି ୮ଟି ଯନ୍ତା ବସାନ୍ତୁ। ନିମ୍ବଜାତୀୟ କୀଟନାଶକ ଔଷଧ ଅନୁମୋଦିତ ହାରରେ ୭ରୁ ୧୦ଦିନ ଅନ୍ତରରେ ପ୍ରୟୋଗ କରନ୍ତୁ। ଏହି ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ୧ ଗ୍ରାମ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ୧୫ଦିନ ଅନ୍ତରରେ ସିଞ୍ଚନ କରନ୍ତୁ। କାଙ୍କଡିଆ ପୋକର ଦମନ ପାଇଁ ୪ ଗ୍ରାମ କାର୍ବାରିଲ୍ ଏକ ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ସହଣିଥିବା ଲଙ୍କାମରିଚ କିସମ ଯଥା- ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଉକୁଣିଆ ପୋକ ଦେଖାଦେଲେ ପତ୍ରମୋଡା ହୋଇଯାଏ, ସେଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ। କଖାରୁଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ।



## ଚାଷୀଙ୍କ ପାଇଁ..

-ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା- ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ ।

- ମରୁଡ଼ି ପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହିତ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ।

-ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ ।

- ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ ।

- ପରାଶ୍ରୟୀ ପୋକଙ୍କୁ ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରିବା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟିର କୃଷି ମହାବିଦ୍ୟାଳୟ ଅନ୍ତର୍ଗତ କୀଟତତ୍ତ୍ୱ ବିଭାଗ ସହିତ ଯୋଗାଯୋଗ କରିପାରିବେ।

# ରୋଜ ଆପଲ

ପ୍ରତ୍ୟୁଷ ପଣ୍ଡା

**ରୋ**ଜ ଆପଲ୍ ଶୁଣିବାକୁ ନୂଆ ଲାଗୁଥିଲେ ବି ଏହି ଫଳଟିକୁ ଆମେ ଜାଣିଛେ। ଏହାକୁ ଓଡିଆରେ ଜାମୁ ରୋଳ କୁହାଯାଏ। ଏହାବ୍ୟତୀତ ଏହି ଫଳଟିର ବହୁ ନାମ ରହିଛି। ଏହାକୁ ଜାଭା ଆପଲ, ୱାଟର ଆପଲ, ୱାକସ ଆପଲ କୁହାଯାଏ। ଏହା ଦେଖିବାକୁ ଏକ କୋଳି ପରି ଏବଂ ଏହାର ତଳ ପୃଷ୍ଠଟି ସାଧାରଣତଃ ସମତଳ ଥାଏ। ଏହି ଫଳଗୁଡିକ ସ୍ପଞ୍ଜି ପରି ନରମ ଏବଂ ଗୋଲାପ ଫୁଲ ପରି ବାସ୍ନା ହୁଏ। ଏହି ଫଳଟି ସାଧାରଣତଃ ଦୁଇ ପ୍ରକାର ରଙ୍ଗରେ ମିଳେ, ଗୋଟିଏ ଈଷତ ସବୁଜ ଏବଂ ଅନ୍ୟଟି ଗୋଲାପି ରଙ୍ଗର। ଧୀରେ



ଧୀରେ ଏହି ଫଳଟିର ଚାହିଦା ଆମ ଦେଶରେ ବଢ଼ିବାକୁ ଲାଗିଲାଣି। ଏହା ଆମ ଦେଶର କର୍ନାଟକ, କେରଳ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ପଶ୍ଚିମ ଓଡ଼ିଶାରେ ବିଶେଷ ଭାବେ ଚାଷ କରାଯାଇପାରିବ। ରୋଜ ଆପଲ ଚାଷ କରି ଜଣେ ଚାଷୀ ନିଶ୍ଚୟ ଲାଭବାନ ହୋଇପାରିବ।

**ଚାଷ ପ୍ରଣାଳୀ :** *ମୃତ୍ତିକା :* ରୋଜ ଆପଲ ଚାଷ ଯେ କୌଣସି ମୃତ୍ତିକାରେ ହୋଇପାରିବ କିନ୍ତୁ ସାଧାରଣତଃ ୬-୮ ପି.ଏଚ. ମଧ୍ୟରେ ଥିବା ମୃତ୍ତିକା ଭଲ, ଯାହାକୁ ସାମାନ୍ୟ ଅମ୍ଳୀୟରୁ ସାମାନ୍ୟ କ୍ଷାରୀୟ ମୃତ୍ତିକା କୁହାଯାଏ। ମୃତ୍ତିକା ସାମାନ୍ୟ ବାଲିଆ ମାଟିଆ କିମ୍ବା ଦୋରସା ହେବା ଆବଶ୍ୟକ। ପାଣି ଜମି ରହୁଥିବା ମଟାଳ ମାଟି କିମ୍ବା ପଟୁ ମାଟିରେ ଏହି ଗଛ ବଢ଼ିପାରେ ନାହିଁ। ନିଗିଡା, ଦୋରସା ମାଟିରେ ବିନା ଖତସାରରେ ମଧ୍ୟ ଭଲ ଅମଳ ଦିଏ। ମାତ୍ର ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ କିଛି ଖତ ସାର ପ୍ରୟୋଗ କରିବା ଭଲ। ୧ଏକର ଜମି ପାଇଁ ସାଧାରଣତଃ ୫-୧୦ଟନ୍ ଖତସାର ପ୍ରୟୋଗ କରାଯାଏ।

*ଜଳବାୟୁ :* ଏହି ଗଛଗୁଡିକ ୨୫ଡିଗ୍ରୀରୁ ୩୨ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରାରେ ବହୁତ ଭଲ ବଢେ। ଅଧିକ ବର୍ଷା ହେଉଥିବା ଅଞ୍ଚଳରେ ଏହି ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ।

*କିସମ ଏବଂ ବଂଶ ବିସ୍ତାର :* ରୋଜ ଆପଲର ବିଭିନ୍ନ କିସମରେ ଗୁଣ ଅଲଗା ଥାଏ। ଯେପରି କିଏ ବଡ ତ କିଏ ଭଲ ବାସ୍ନା ଦିଏ। କିଛି କିସମ-ପିଙ୍କ୍, ବିଗ୍ ଫ୍ରୁଟ୍, ଇଣ୍ଡୋନେସିଆ ବିଗ୍ ଫ୍ରୁଟ୍, ବିଗ୍ ରେଡ୍, ଥାଇ ଫ୍ରୁଟ୍, ଭିଏତନାମ ଫ୍ରୁଟ୍ ଇତ୍ୟାଦି। ସାଧାରଣତଃ ଏହି ଫଳର ବଂଶ ବିସ୍ତାର ମଞ୍ଜିରୁ ଏବଂ ଗୁଟି କଲମୀରୁ ହୋଇଥାଏ।

*ରୋପଣ :* ରୋଜ ଆପଲଗୁଡିକ ମୁଖ୍ୟତଃ ଜୁନ୍‌ରୁ ଅଗଷ୍ଟ ଏବଂ ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ଲଗାଯାଇପାରେ। ଧାଡିକୁ ଧାଡି ୭-୮ ମିଟର ଏବଂ ଗଛକୁ ଗଛ ୫-୬ ମିଟର ବ୍ୟବଧାନରେ ଗଛ ରୋପଣ କରନ୍ତୁ। ୨ ଫୁଟ ଗୋଲେଇ ଏବଂ ୬ ଫୁଟ ଗଭୀରରେ ଗାତ କରି ମୃତ୍ତିକାରେ ଏକ କେଜି ଖତ ସାର ମିଶାଇ ଗଛକୁ ଭଲ ଭାବରେ ଲଗାନ୍ତୁ। ପ୍ରତି ୫-୧୦ ଦିନ ଅନ୍ତରରେ ଜଳସେଚନ କରନ୍ତୁ। ବୁନ୍ଦା ଜଳସେଚନ କରିପାରିଲେ ଏହି ଗଛଗୁଡିକ ଭଲ ବଢ଼େ।

*ରୋଗ-ପୋକ :* ସାଧାରଣତଃ ଏହି ଗଛରେ ରୋଗପୋକ ଅଧିକ ଲାଗନ୍ତି ନାହିଁ। କିନ୍ତୁ ରୋଗ ପୋକ ଲାଗିଲେ ନିମ୍ବଜାତୀୟ କୀଟନାଶକ ପ୍ରୟୋଗ କରାଯାଇପାରିବ।

*ଅମଳ ଓ ଲାଭ :* ରୋଜ ଆପଲ ଗଛଗୁଡିକ ୩-୫ବର୍ଷ ମଧ୍ୟରେ ଫଳ ଦେବା ଆରମ୍ଭ କରିଦିଏ। ଫଳଗୁଡିକ ହାତରେ ତୋଳିଦେବା ଭଲ। ଏହି ଫଳଗୁଡିକ ଅଧିକ ସମୟ ଗଛରେ ରହିଲେ ଖରାପ ହୋଇଯାଏ। ଗୋଟିଏ ରୋଜ ଆପଲ ଗଛ ବର୍ଷକୁ ୧୫-୩୦ କିଗ୍ରା ଫଳ ଦେଇଥାଏ। ୧ ଏକର ଜମିରେ ୮୫ରୁ ୧୧୫ଟି ଗଛ ଲାଗିପାରିବ। ୧ କିଗ୍ରା ରୋଜ ଆପଲ ଦାମ୍ ୧୦୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ହୁଏ। ଗୋଟିଏ ଗଛରୁ ହାରାହାରି ୬୦୦୦ଟଙ୍କା ମିଳିବ ଏବଂ ୧ ଏକରରୁ ପାଖାପାଖି ୫ ଲକ୍ଷ ଟଙ୍କା ରୋଜଗାର କରିହେବ। ଅପରପକ୍ଷରେ ଗୋଟିଏରୁ ଆଉ ଗୋଟିଏ ଗଛ ମଧ୍ୟରେ ବ୍ୟବଧାନ ଯଥେଷ୍ଟ ଥିବାରୁ ହଳଦୀ, ଅଦା, ଆମ୍ବକସିଆ ଅଦା, ସପୁରି ଇତ୍ୟାଦି ଅନ୍ତଫସଲ ଭାବେ ଚାଷ କରି ବର୍ଷକୁ ୧ରୁ ୨ଲକ୍ଷ ଟଙ୍କା ରୋଜଗାର କରିହେବ। ବିଭିନ୍ନ ନର୍ସରି ଏବଂ କେତେକ ଇ-କମର୍ସ ସାଇଟ୍‌ରେ ଏହି ଚାରା ଉପଲବ୍ଧ।

*-ନୀଳାଦ୍ରି ବିହାର, ଭୁବନେଶ୍ୱର,*
*ମୋ : ୭୮୭୩୮୨୭୮୩୦*

# କଠିନ ବର୍ଜ୍ୟବସ୍ତୁ ପରିଚାଳନା

**ପ**ରିବେଶ ପ୍ରଦୂଷଣ ସାରା ବିଶ୍ୱର ସମସ୍ୟା। ପ୍ରଦୂଷଣକୁ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆମଦେଶର ଅନେକ ଧର୍ମାନୁଷ୍ଠାନରୁ ବହୁଳ ଭାବେ ନିର୍ଗତ ବର୍ଜ୍ୟବସ୍ତୁ ପରିବେଶ ଚିନ୍ତା ବଢାଉଛି । ଏଭଳି ସ୍ଥାନରୁ ନିର୍ଗତ କଠିନ ବର୍ଜ୍ୟବସ୍ତୁକୁ କିପରି ପରିଚାଳନା କରାଯାଇ ପରିବେଶର ସୁସ୍ଥତା ରକ୍ଷା ସହ କୃଷି କ୍ଷେତ୍ରରେ ସଫଳ ଉପଯୋଗ ହୋଇପାରିବ ସେଥିଲାଗି ଉଦ୍ୟମ ଆରମ୍ଭ ହେଲା। ଝାଡଖଣ୍ଡର ଦେଓଘର



ଜିଲାରେ ଦୁଇଟି ବଡ ଧାର୍ମିକ ଅନୁଷ୍ଠାନ - ସତ୍‌ସଙ୍ଗ ଓ ବୈଦ୍ୟନାଥ ଧାମ ଅବସ୍ଥିତ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ରଙ୍କ ନେତୃତ୍ୱରେ ଜାତୀୟ ମୃତ୍ତିକା ବିଜ୍ଞାନ ଅନୁଷ୍ଠାନ(ଭୋପାଳ), କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ(ପୁସା, ସମସ୍ତିପୁର) ଏବଂ ଦେଓଘର କୃଷିବିଜ୍ଞାନ କେନ୍ଦ୍ରର ମିଳିତ ଉଦ୍ୟମରେ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳ ଦ୍ୱାରା ଉକ୍ତ ଅନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଥିଲା । ସତ୍‌ସଙ୍ଗ ଆଶ୍ରମରେ ବିଭିନ୍ନ ଭାବେ ଆସୁଥିବା ବର୍ଜ୍ୟବସ୍ତୁ ମଧ୍ୟରେ ମୁଖ୍ୟତଃ ପନିପରିବା ଚୋପା, ବଳକା ଖାଦ୍ୟ ରୋଷେଇଶାଳର ଅଦରକାରି ପଦାର୍ଥ, କଲୋନୀ, ଛାତ୍ରାବାସ, ଅତିଥିଶାଳା ଓ ବଗିଚାର ବର୍ଜ୍ୟବସ୍ତୁ ଅଟେ ।

ଆକଳନ କରି ଦେଖାଗଲା ଯେ, ବର୍ଷକୁ ପ୍ରାୟ ୧୭.୭୬ ମେଟ୍ରିକ୍ ଟନ୍ ବର୍ଜ୍ୟ ଖାଦ୍ୟ, ୧୮ ମେଟ୍ରିକ ଟନ୍ ଶାଳ ପତ୍ର ପ୍ଲେଟ, ୩୧.୭୯ ମେଟ୍ରିକ୍ ଟନ୍ ରୋଷେଇ ହୋଇ ନ ଥିବା ପନିପରିବା ଅବଶିଷ୍ଟାଂଶ ଓ ଚୋପା ଏହିପରି ମୋଟ ୬୭.୫୫ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ଆନନ୍ଦ ବଜାରରୁ ନିର୍ଗତ ହେଉଛି । ଏଠାରେ ଏହାକୁ ପୋଡି ଦିଆଯାଏ କିମ୍ବା ନିର୍ଦ୍ଦିଷ୍ଟ ଜାଗାରେ ଗଦେଇ ଦିଆଯାଏ। ଗଣନା କରି ଦେଖାଗଲା, ଉପଯୁକ୍ତ ବୈଜ୍ଞାନିକ ପଦ୍ଧତିରେ ଏହାକୁ ଯଦି ପରିଚାଳନା କରାଯିବ ତେବେ ୩୭ ମେଟ୍ରିକ୍ ଟନ୍ ଖତ ବାହାରି ପାରିବ ଓ ତାହାର ମୂଲ୍ୟ ପ୍ରାୟ ୩.୭ଲକ୍ଷ ଟଙ୍କା (କେଜିକୁ ୧୦ଟଙ୍କା ହିସାବରେ) ମିଳି ପାରିବ । ଏହାକୁ ପ୍ରୟୋଗ କରି ଭଲ ଫସଲ ହୋଇପାରିବ, ମୃତ୍ତିକାର ଜୈବ ଉର୍ବରତା ବୃଦ୍ଧି ପାଇପାରିବ, ଭୂତଳ ଜଳ ପ୍ରଦୂଷଣ କମ୍ ହେବ ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ପାଦନ ମଧ୍ୟ କମିଯାଇପାରିବ। ଗୋଶାଳାରୁ ବି ବର୍ଷକୁ ପ୍ରାୟ ୯୩.୭ ମେଟ୍ରିକ୍ ଟନ୍ ଗୋବର ମିଳେ । ଠିକ୍ ଭାବେ ସଂଗ୍ରହ କରିବା, ପରିବହନ କରିନେବା, ଗଦାଇ ରଖିବା, ଉପଚାର କରି ବିନ୍ୟାସ ଇତ୍ୟାଦି କରାଇବା ଅଭାବରୁ ବିଭିନ୍ନ ପ୍ରକାର ଅଣୁଜୀବ ତଥା ଜୀବାଣୁ ସଂକ୍ରମଣର ଭୟ ରହିଛି । ତେଣୁ, ଏସବୁକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ଯୋଜନା କରାଯାଏ । ଆନନ୍ଦ ବଜାରରୁ ପନିପରିବା ଚୋପା, ଅବଶିଷ୍ଟାଂଶ ଖାଦ୍ୟ, ଖଳିପତ୍ର ଇତ୍ୟାଦି ଟ୍ରାକ୍ଟର ଟ୍ରଲି ସାହାଯ୍ୟରେ ପ୍ରତିଦିନ ସଂଗ୍ରହ କରାହୁଏ । ବାଡିବଗିଚା, ଗେଷ୍ଟହାଉସ୍ ଇତ୍ୟାଦିରୁ ବାହାରୁଥିବା ଆବର୍ଜନା ବିଭିନ୍ନ ଜାଗାରେ ଥୁଆ ହୋଇଥିବା ଡଷ୍ଟବିନ୍‌ରେ ଅଲଗା ଭାବେ ରଖାଯାଏ ଓ ପ୍ରତି ସପ୍ତାହରେ ଟ୍ରାକ୍ଟର ଟ୍ରଲି ସାହାଯ୍ୟରେ କମ୍ପୋଷ୍ଟ ଏରିଆକୁ ନିଆଯାଏ । ପରେ ପରେ ଏଗୁଡିକୁ ସ୍ରେଡିଙ୍ଗ ମେଶିନ୍‌ରେ ଟୁକୁରା ଟୁକୁରା କଲାପରେ କମ୍ପୋଷ୍ଟର ମେଶିନ୍‌ରେ ପକାଯାଏ ଓ ଶେଷରେ ଭର୍ମିକମ୍ପୋଷ୍ଟ (ଜିଆଖତ) ୟୁନିଟ୍‌ରେ କମ୍ପୋଷ୍ଟର ଗୁଣ ବଢାଇବା ପାଇଁ ପକାଯାଇଥାଏ ।



ନୂତନ ଜ୍ଞାନ କୌଶଳରେ କଠିନ ବର୍ଜ୍ୟବସ୍ତୁର ପରିଚାଳନା କରାଯାଇ ପରିବେଶର ସୁସ୍ଥତା ରକ୍ଷା ସହ କୃଷିକ୍ଷେତ୍ରରେ ତାହାର ସଫଳ ଉପଯୋଗ ସମ୍ପର୍କରେ...

**ଗୁଣାତ୍ମକ କମ୍ପୋଷ୍ଟର ପ୍ରସ୍ତୁତୀକରଣ :** ବର୍ଜ୍ୟବସ୍ତୁର ପରିମାଣ ଓ ଗୁଣକୁ ଲକ୍ଷ୍ୟକରି କମ୍ପୋଷ୍ଟିଙ୍ଗ୍ ୟୁନିଟ୍ ତିଆରି ହେଲା । ତେଣୁ କମ୍ପୋଷ୍ଟ ମେଶିନ୍‌କୁ ନେବା ପୂର୍ବରୁ କଠିନ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇଥିଲା । ଏଥିରୁ ପଲିଥିନ୍, ଥର୍ମୋକଲ୍ ଇତ୍ୟାଦିକୁ ଅଲଗା କରାଗଲା ।

ମିଶ୍ର ଜୈବ ବର୍ଜ୍ୟବସ୍ତୁ ପରୀକ୍ଷା କରି ଦେଖାଯାଏ, ଏଥିରେ ଜଳୀୟ ଅଂଶ ୨୦-୩୦%, ଲିଗ୍ନିନ୍ - ୧୨-୧୪.୩%, ସେଲୁଲୋଜ - ୨୩-୨୭%, ମୋଟ ଅର୍ଗାନିକ୍ କାର୍ବନ୍ ୩୮-୪୧%, ମୋଟ ଯବକ୍ଷାରଜାନ - ୦.୬୯-୦.୮୯% ଓ କାର୍ବନ : ଯବକ୍ଷାରଜାନ ଅନୁପାତ ୪୬-୫୫:୧ଭାଗ । ଏଇ ଗୁଣଗୁଡିକ ବର୍ଜ୍ୟବସ୍ତୁ ବିଗଳନ କରିବାରେ ସହାୟକ ହେଉଥିବା ଅଣୁଜୀବଙ୍କର ବୃଦ୍ଧି ଓ କର୍ମଦକ୍ଷତା ବଢାଇଥାଏ । ବର୍ଜ୍ୟବସ୍ତୁର ଜଳୀୟଅଂଶ ତା'ର ପ୍ରକାର, ସଂକଳନ, ଋତୁ ଓ ସଂଗ୍ରହ କରିବା ପଦ୍ଧତି ଉପରେ ନିର୍ଭର କରେ । କମ୍ପୋଷ୍ଟ ସମ୍ପୂର୍ଣ୍ଣ ହେବା ସମୟରେ ଜଳୀୟ ଅଂଶ ୫୦-୬୦% ରହିବା ପ୍ରୟୋଜନ । ଯେଉଁ ବର୍ଜ୍ୟବସ୍ତୁରେ ୭୦%ରୁ ଅଧିକ ଜଳୀୟ ଅଂଶ ଥିବ ସେଥିରେ ଶୁଖିଲା ପଦାର୍ଥ ମିଶାଇବା ଆବଶ୍ୟକ । ପରବର୍ତ୍ତୀ ପର୍ଯ୍ୟାୟରେ ଜଳୀୟ ଅଂଶ ଠିକ୍ ରଖିବା ପାଇଁ ପ୍ରୟୋଜନ ଅନୁସାରେ ଜଳ ସିଞ୍ଚନ କରାଯାଏ। ଏହା ସହିତ ଅମ୍ଳଜାନର ପରିମାଣ ଠିକ୍ ରଖିବା ପାଇଁ ଥର୍ମୋଫିଲିକ୍ ପର୍ଯ୍ୟାୟରେ ଘାଣ୍ଟିବା ଏବଂ ଓଲଟାଇବା ଦରକାର।

*-ଡ. ଅଶୋକ କୁମାର ପାତ୍ର, ନିର୍ଦ୍ଦେଶକ*
*-ଡ. ମାଧବ ଚନ୍ଦ୍ର ମାନ୍ନା*
*ବିଭାଗୀୟ ମୁଖ୍ୟ, ଜାତୀୟ ମୃତ୍ତିକା ବିଜ୍ଞାନ ଅନୁଷ୍ଠାନ, ଭୋପାଳ*
*-ଡ. ଶଙ୍କର ଝା, ପ୍ରଫେସର*
*ଡ.ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ପୁସା, ସମସ୍ତିପୁର, ବିହାର*

### ଜରୁରୀ ସୂଚନା

- ସେଗ୍ରିଗେସନ୍ ପାଇଁ ସଂଗ୍ରହ ପରେ ସେଥିରୁ ପଲିଥିନ୍ ବ୍ୟାଗ୍, ବୋତଲ, ଆଲୁମିନିୟମ୍ ଫଏଲ୍ ଇତ୍ୟାଦି ପୃଥକ କରିବା ଆବଶ୍ୟକ ।
- ଖୋଲା, ଉଜ୍ଜ୍ୱଳ ସୂର୍ଯ୍ୟକିରଣ ପଡୁଥିବା ଉଚ୍ଚଜାଗା, ଶୁଖାଇବା ପାଇଁ ସିମେଣ୍ଟ ଚଟାଣ, ପାଣି ଭିତରକୁ ପଶି ଖାଦ୍ୟସାର ଯେପରି ମାଟିକୁ ନ ଯାଏ ।
- ବର୍ଜ୍ୟବସ୍ତୁକୁ ସ୍ରେଡର ସାହାଯ୍ୟରେ ଖଣ୍ଡ ଖଣ୍ଡ କରାଇବା ଫଳରେ ବିଗଳନରେ ସହାୟକ ହୁଏ ।
- ଅନ୍ୟ କେତେକ ଉପାଦାନ ଯଥା - ଗୋବର ୧୦:୧(ଓଜନ), ଯବକ୍ଷାରଜାନ ୦.୫% (ଶୁଷ୍କ ଅବସ୍ଥାରେ), ଗୁଡ ୦.୨% (ଓଜନ) ଓ ଦହି ୦.୨୫% (ଓଜନ)କୁ ଭଲଭାବେ ଜୈବ ବର୍ଜ୍ୟବସ୍ତୁ ସହିତ ମିଶାଯାଏ ।
- ପ୍ରଥମେ ୨୦୦ଲିଟର ପାଣି ଗୋଟିଏ ପ୍ଲାଷ୍ଟିକ୍ ଡ୍ରମରେ ନେଇ ୪କି.ଗ୍ରା. ଗୁଡ, ୫କି.ଗ୍ରା. ଦହି ମିଶାଯାଏ । ଏଇ ସବୁ ଉପାଦାନ୍‌ଗୁଡିକୁ ଭଲଭାବରେ ଗୋଟିଏ କାଠ ଚଟୁରେ ଗୋଳାଯାଏ । ଅଣୁଜୀବଙ୍କ କାର୍ଯ୍ୟଦକ୍ଷତା ବଢାଇବା ପାଇଁ ଏହାକୁ ପ୍ଲାଷ୍ଟିକ୍ ଡ୍ରମରେ ଦୁଇଦିନ ରଖାଯାଏ । ସଦ୍ୟ ସଂଗୃହୀତ ୨୦୦କି.ଗ୍ରା. ଗୋବର ଏଥିରେ ମିଶାଯାଏ । ୨୦୦୦ କି.ଗ୍ରା. ବିଖଣ୍ଡିତ ବର୍ଜ୍ୟବସ୍ତୁ ପାଇଁ ଏହା ଯଥେଷ୍ଟ ।
- ତତ୍ପରେ ୧ କିଗ୍ରା ମେସୋଫିଲିକ୍ ଫଙ୍ଗସ୍ ମାଇସେଲିଆଲ୍ ମ୍ୟାଟ୍ ମିଶାଯାଏ ।

# ବର୍ଷାଦିନେ ପ୍ରାଣୀଙ୍କ ସୁରକ୍ଷା

(ଶେଷ ଭାଗ)

**ପ୍ରା**ଣୀଙ୍କ ପାଣିକୁଣ୍ଡ ଓ ଖାଦ୍ୟକୁଣ୍ଡ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।

- ଓଦା ସନ୍ତସନ୍ତିଆ କିମ୍ବା ପାଣି ଜମୁଥିବା ଗୁଗୁଚିଆ ବହୁଳ ଅଞ୍ଚଳକୁ ପ୍ରାଣୀଙ୍କୁ ଚରିବା ପାଇଁ ଛାଡନ୍ତୁ ନାହିଁ।
- ମୃତ ପ୍ରାଣୀଙ୍କୁ ଏଣେ ତେଣେ ନ ଫିଙ୍ଗି ଉଚ୍ଚ ସ୍ଥାନରେ ଗଭୀର ଗାତ (ଅନ୍ୟୂନ ୬ଫୁଟ୍) କରି ଚୂନ ଓ ଲୁଣ ଦେଇ ପୋତି ଦିଅନ୍ତୁ।
- ଗୁହାଳ ଘରେ ମଶା ନିରୋଧକ ଧୂଆଁ ଦେଇ ମଶା ଓ ଡାଆଁଶଙ୍କ କବଳରୁ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ। ଯଦି ସମ୍ଭବ, ଝରକାରେ ମଶା ନିରୋଧକ ଜାଲି ବା ମଶାରି କପଡ଼ା ବ୍ୟବହାର କଲେ ଭଲ।
- ଗୋରୁ, ମଇଁଷି, ଛେଳିମେଣ୍ଢା ଆଦି ଗୃହପାଳିତ ପ୍ରାଣୀଙ୍କ ମଳ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ପରୀକ୍ଷା କରାନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ କ୍ରମେ କୃମିନାଶକ ଔଷଧ ସକାଳୁ ଖାଲି ପେଟରେ ଖୁଆନ୍ତୁ।
- ବିଭିନ୍ନ ସାଧାରଣ ରୋଗ ଯଥା: ରକ୍ତଝାଡ଼ା, ତରଳଝାଡ଼ା, ବେଙ୍ଗାଦୋଷ, ଜ୍ୱର, ପହ୍ନାପ୍ରଦାହ, ଆଖିଝରା, ଥାଇଲେରିଆ ଆଦି ରୋଗର ଆରମ୍ଭରେ ତୁରନ୍ତ ଚିକିତ୍ସା ଗ୍ରହଣ କରନ୍ତୁ।
- ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ପ୍ରାଣୀଙ୍କୁ ବଜବଜିଆ, ଫାଟୁଆ, ସାହାଣା, ଆନ୍ଥ୍ରାକ୍ସ ଆଦି ରୋଗର ପ୍ରତିଷେଧକ ଟିକା ଦେବାସହ ଛେଳିମେଣ୍ଢାଙ୍କୁ ଏଣ୍ଟରୋଟକ୍ସିମିଆ, ପିପିଆର୍, ଛେଳି ବସନ୍ତ ଆଦିର ଟିକା ଦେବା ବ୍ୟବସ୍ଥା କରାନ୍ତୁ। ବାଛୁରୀଙ୍କୁ ବଜବଜିଆ ଓ ଛେଳିମେଣ୍ଢାଙ୍କୁ ଏଣ୍ଟରଟକ୍ସିମିଆର ବୁଷ୍ଟର ଟିକା ଦେବାକୁ ଭୁଲନ୍ତୁ ନାହିଁ।
- ଛେଳିମେଣ୍ଢାଙ୍କୁ ଖଲିଆ ମାଟି କାଦୁଅରେ ଚାଲିବାକୁ ଦିଅନ୍ତୁ ନାହିଁ। ନଚେତ୍ ସେମାନଙ୍କଠାରେ ପାଦପଚା ରୋଗ ଦେଖାଦେବ। ଯାହାଫଳରେ ଗୋଡ଼ର ଖୁରା ମଧ୍ୟରେ ଘା' ସୃଷ୍ଟିହୋଇ ଗୋଡ଼ ଫୁଲିବ। ତେଣୁ ସଂକ୍ରମିତ ଗୋଡ଼କୁ ଭଲଭାବେ ଡେଟଲ୍ ପାଣିରେ ଧୋଇଦେବା ସହିତ ଘା' ଶୁଖିବା ପାଉଡର ଯଥା- ନେବାସଲ୍‌ଫ, ନିଓସ୍ପୋରିନ୍ ଆଦି ଦ୍ୱାରା ଡ୍ରେସିଂ କରି ପଟି ବାନ୍ଧିଦିଅନ୍ତୁ।
- କୁକୁଡ଼ା ଘରର ଲିଟର ସର୍ବଦା ଶୁଖିଲା ଓ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଯାହାଫଳରେ କୁକୁଡ଼ାଙ୍କ ରକ୍ତଝାଡ଼ା ରୋଗ ସହିତ ଜୀବାଣୁ ଜନିତ ରୋଗ ହେବାର ଆଶଙ୍କା ରହିବ ନାହିଁ।
- ଯଦି କୌଣସି ଅଞ୍ଚଳରେ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଦେଖାଯାଏ, ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ସାହାଯ୍ୟ ନିଅନ୍ତୁ।
- ଗୋରୁଙ୍କ ଖାଦ୍ୟରେ ଧାତବଲବଣ ଓ ଖାଇବା ଲୁଣ ଖାଇବାକୁ ଦିଅନ୍ତୁ।
- ଯଦି ବନ୍ୟାଜଳ ଆସିବାର ଆଶଙ୍କା ଥାଏ, ତେବେ ତୁରନ୍ତ ପ୍ରାଣୀମାନଙ୍କୁ ଉଚ୍ଚସ୍ଥାନ ବା ବନ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରନ୍ତୁ।





ବର୍ଷାଦିନେ ଉପରୋକ୍ତ କେତେଗୋଟି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରିଲେ ପ୍ରାଣୀଙ୍କୁ ସୁରକ୍ଷିତ ରଖିପାରିବା ସହିତ ପ୍ରାଣୀପାଳନ ମାଧ୍ୟମରେ ନିଜର ଆର୍ଥିକ ସ୍ଥିତି ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ଦୁଗ୍ଧ, ମାଂସ, ଅଣ୍ଡା ଉତ୍ପାଦନ ବୃଦ୍ଧିରେ ରାଜ୍ୟକୁ ସ୍ୱାବଲମ୍ବନଶୀଳ କରିପାରିବା।

**-ଡା. ବୀରକିଶୋର ପରିଡା**
ମୋ: ୯୪୩୭୬୦୭୩୧୨

## ଆମ୍ବ କିସମ



**ଜୁ**ଲାଇ ଓ ଅଗଷ୍ଟ ମାସ ଆମ୍ବ ଗଛ ଲଗାଇବାର ଉପଯୁକ୍ତ ସମୟ। ଆମ୍ବର ଉନ୍ନତ କିମସଗୁଡିକ ମଧ୍ୟରେ ରହିଛି-ବାଗନପଲ୍ଲୀ, ତୋଟାପୁରି, ବମ୍ବେଗ୍ରୀନ୍, ସୁବର୍ଣ୍ଣରେଖା, ନୀଲମ୍ ଏବଂ ହିମସାଗର। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଏହି ଗଛ ଲଗାନ୍ତୁ। ଏକ ବର୍ଷିଆ କେନାବିହୀନ ସୁସ୍ଥ ସବଳ କଲମି ଗଛ ଲଗାନ୍ତୁ। ଆମ୍ବ ଗଛ ଲଗାଇବା ସମୟରେ ଗାତ ପିଛା ଦୁଇ ଝୁଡି କମ୍ପୋଷ୍ଟ, ୮୦ ଗ୍ରାମ୍ ଯବକ୍ଷାରଜାନ, ୧୦୦ ଗ୍ରାମ ଫସଫେଟ୍ ଓ ୬୦ ଗ୍ରାମ ପଟାସ୍ ସାର ପ୍ରୟୋଗ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଜୁଲାଇ ୨୨/୨୦୨୦ Wednesday, July 22/2020

# ଇଂଲଣ୍ଡର ୫୦ତମ ବିଜୟ

ମାଞ୍ଚେଷ୍ଟର, ୨୧।୭

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ୧୧୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡର ଏହା ୧୫୯ ମ୍ୟାଚରୁ ୫୦ତମ ଟେଷ୍ଟ ବିଜୟ। ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୩୫୧ ଟେଷ୍ଟରୁ ସର୍ବାଧିକ ୧୧୦ଟି ମ୍ୟାଚ ଜିତିଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୫୩ ମ୍ୟାଚରୁ ୬୪ତମ ବିଜୟ ହାସଲ କରିଛି। ଫଳରେ ଇଂଲଣ୍ଡ ପାଇଁ ଏହା ଥିଲା କୌଣସି ଦେଶ ବିପକ୍ଷରେ ତୃତୀୟ ସର୍ବାଧିକ ଟେଷ୍ଟ ବିଜୟ। ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୫ ମ୍ୟାଚରୁ ୪୮ ଓ ଭାରତ ବିପକ୍ଷରେ ୧୨୨ ମ୍ୟାଚରୁ ୪୭ ଟେଷ୍ଟ ବିଜୟ ହାସଲ କରିଛି।

ଓଲ୍ଡ ଟ୍ରାଫୋର୍ଡରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ଦଳ କେବେହେଲେ ମ୍ୟାଚ ଜିତି ପାରିନାହିଁ। ମୋଟ ୯ଟି ଟେଷ୍ଟରେ ଏପରି ନିଷ୍ପତ୍ତି ହୋଇଥିବାବେଳେ ୭ଟି ମ୍ୟାଚ ଡ୍ର ରହିଛି ଏବଂ ଅବଶିଷ୍ଟ ୨ଟି ମ୍ୟାଚରେ ଦଳ ପରାଜିତ ହୋଇଛି। ଏଥର ଇଂଲଣ୍ଡ ନିକଟରୁ ୱେଷ୍ଟଇଣ୍ଡିଜ ହାରିଛି। ୧୯୯୩ରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ନିକଟରୁ ଇଂଲଣ୍ଡ ହାରିଥିଲା। ଏଥିରେ ଶେନ ୱାର୍ନ ଚମତ୍କାର ପ୍ରଦର୍ଶନ କରି ଇଂଲଣ୍ଡକୁ ପରାଜୟ ସ୍ୱାଦ ଚଖାଇଥିଲେ। ଟେଷ୍ଟର ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଏହାକୁ ମିଶାଇ ୬ ଥର ପରାଜିତ ହୋଇଛି। ଅର୍ଥାତ୍ ଦଳ ୪ର୍ଥ ଇନିଂସରେ ପୂରା ଗୋଟିଏ ଦିନ ଖେଳିବାକୁ ସକ୍ଷମ ହୋଇନାହିଁ। ପୂର୍ବରୁ ୧୯୬୩ରେ ଏଜବାଷ୍ଟନଠାରେ ଇଂଲଣ୍ଡଠାରୁ, ୨୦୦୧-୦୨ରେ କାଣ୍ଡିଠାରେ ଶ୍ରୀଲଙ୍କା, ୨୦୦୯ରେ ଆର୍ନୋସ ଭାଲେଠାରେ ବାଂଲାଦେଶ, ୨୦୧୪ରେ ବ୍ରିଜଟାଉନଠାରେ ନ୍ୟୁଜିଲାଣ୍ଡ ଏବଂ ୨୦୧୬ରେ ଗ୍ରସ୍ ଆଇସଲେଟ ଭାରତଠାରୁ ହାରିଥିବାବେଳେ ୨୦୨୦ରେ ମାଞ୍ଚେଷ୍ଟରଠାରେ ଇଂଲଣ୍ଡଠାରୁ ପରାଜିତ ହୋଇଛି।


ଦ୍ୱିତୀୟ ଟେଷ୍ଟ ପରେ ଦୁଇ ଅଧିନାୟକ ଇଂଲଣ୍ଡର ଜୋ ରୁଟ୍ ଓ ୱେଷ୍ଟଇଣ୍ଡିଜ୍‌ର ଜାସନ ହୋଲ୍ଡର।

**ଟେଷ୍ଟ ବନାମ ୱେଷ୍ଟଇଣ୍ଡିଜ**

ଘରୋଇ ପରିବେଶରେ ସାମ୍ କୁରାନ ଖେଳିଥିବା ଟେଷ୍ଟରେ ଇଂଲଣ୍ଡ ଶତପ୍ରତିଶତ ବିଜୟ ସଫଳତା ପାଇଛି। ଅର୍ଥାତ୍ ସେ ଖେଳିଥିବା ୮ଟି ଯାକ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଛି। ଏ କ୍ଷେତ୍ରରେ କୁରାନ ଘରୋଇ ମାଟିରେ ପ୍ରଥମ ୮ଟି ଟେଷ୍ଟ ଖେଳି ସବୁଥିରେ ବିଜୟୀ ହୋଇଥିବା ଇଂଲଣ୍ଡ କେନ୍ ବାରିଙ୍ଗଟନ, ଏମଜେକେ ସ୍ମିଥ, ଆଣ୍ଡ୍ରୁ ଷ୍ଟ୍ରସ, ଗେରାଣ୍ଟ ଜୋନ୍ସ ଓ ଟିମ୍ ବ୍ରେସନାନ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି।

# ଷ୍ଟୋକ୍ସ ଶ୍ରେଷ୍ଠ ଅଲରାଉଣ୍ଡର

**ଦୁବାଇ,୨୧।୭(ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ବେନ୍ ଷ୍ଟୋକ୍ସ ଶ୍ରେଷ୍ଠ ଅଲରାଉଣ୍ଡର ବିବେଚିତ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡରଙ୍କୁ ପଛରେ ପକାଇ ସେ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏଥି ସହିତ ସେ ବ୍ୟାଟିଂ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ତୃତୀୟ ସ୍ଥାନ ମଧ୍ୟ ଅଧିକାର କରିଛନ୍ତି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡକୁ ବିଜୟୀ କରାଇବା ସହ ଷ୍ଟୋକ୍ସ ଏହି ସଫଳତା ହାସଲ କରିଛନ୍ତି।

ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଷ୍ଟୋକ୍ସ ୫୪ ରେଟିଂ ପଏଣ୍ଟରେ ହୋଲ୍ଡରଙ୍କଠାରୁ ପଛରେ ରହିଥିଲେ। ତେବେ ୧୭୬ ରନର ଶତକୀୟ ଓ ଅପରାଜିତ ୭୮ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ଷ୍ଟୋକ୍ସ ଏବେ ୩୮ ପଏଣ୍ଟ ଆଗରେ ରହିଛନ୍ତି। ଷ୍ଟୋକ୍ସ ମଧ୍ୟ ଏହି ମ୍ୟାଚ୍‌ରେ ୩ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ୧୧୩ ରନରେ ବିଜୟ ହାସଲ କରି ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ୧-୧ ସମାନ ସ୍ଥିତିକୁ ଆଣିଛି। ଏଥିସହିତ ଷ୍ଟୋକ୍ସ ହୋଲ୍ଡରଙ୍କ ଦୀର୍ଘ ୧୮ ମାସର ଆଧିପତ୍ୟକୁ ଶେଷ କରିଛନ୍ତି। ୨୦୦୬ ପରେ ପ୍ରଥମ ଇଂଲଣ୍ଡ ଖେଳାଳିଭାବେ ଷ୍ଟୋକ୍ସ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଏହି ବର୍ଷ ଆଣ୍ଡ୍ରୁ ଫ୍ଲିଣ୍ଟଫ୍ ଇଂଲଣ୍ଡର ଶେଷ ଖେଳାଳିଭାବେ ଟେଷ୍ଟ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପୂର୍ବପରି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଚତୁର୍ଥ ଓ ଭାରତର ରବିଚନ୍ଦ୍ରନ ଅଶ୍ୱିନ୍ ପଞ୍ଚମ ସ୍ଥାନରେ ରହିଛନ୍ତି।

ବ୍ୟାଟିଂ ତାଲିକାରେ ଅଷ୍ଟ୍ରେଲିଆ ମାର୍ନସ ଲାବୁସେନଙ୍କ ସହିତ ଯୁଗ୍ମ ଭାବେ ଷ୍ଟୋକ୍ସ ତୃତୀୟ ସ୍ଥାନରେ ରହିଛନ୍ତି। ଷ୍ଟିଭେନ୍ ସ୍ମିଥ୍ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଭାରତୀୟ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ଚତୁର୍ଥ ଓ ପାକିସ୍ତାନର ବାବର ଆଜମ ପଞ୍ଚମ ସ୍ଥାନରେ ରହିଛନ୍ତି।



**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

# ରୋନାଲ୍ଡୋଙ୍କ ବିରଳ ରେକର୍ଡ

ଟୁରିନ, ୨୧।୭

ରୋନାଲ୍ଡୋଙ୍କ ଦ୍ୱିତୀୟାର୍ଦ୍ଧ ଡବଲ ଗୋଲ ବଳରେ ଜୁଭେଣ୍ଟସ ଏକ ସିରି ଏ ଗେମ୍‌ରେ ୨-୧ ଗୋଲରେ ଲାଜିଓକୁ ପରାସ୍ତ କରିଛି। ଫଳରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି ଏହି ତାରକା ଖେଳାଳି। ୩୫ ବର୍ଷରେ ମଧ୍ୟ ଜୁଭେଣ୍ଟସ ଓ ପର୍ତ୍ତୁଗାଲ ଫରୱାର୍ଡ ମ୍ୟାଚ ବିଜୟୀ ପ୍ରଦର୍ଶନ ଜାରି ରଖିଛନ୍ତି। ଏହାକୁ ମିଶାଇ ରୋନାଲ୍ଡୋ ଚଳିତ ସିଜନରେ ୩୦ ସିରି ଏ ମ୍ୟାଚରେ ୩୦ ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ଫିଫା ଅନୁସାରେ କ୍ରିଷ୍ଟିଆନୋ ପ୍ରଥମ ଖେଳାଳିଭାବେ ପ୍ରିମିୟର ଲିଗ୍, ସିରି ଏ ଏବଂ ଲା ଲିଗାରେ ୫୦ ଗୋଲ ସ୍କୋର କରିଛନ୍ତି। ଏହା ଏକ ବିରଳ ସଫଳତା। ଗୋଲରେ ଅର୍ଦ୍ଧଶତକ ପୂରଣ ପାଇଁ ସେ ମାତ୍ର ୬୧ଟି ଗେମ୍‌ର ସହାୟତା ନେଇଛନ୍ତି। ଏହା ବ୍ୟତୀତ ସେ ୫୦ ସିରି ଏ ଗୋଲ ପୂରଣରେ ଦ୍ରୁତ ଖେଳାଳି ବିବେଚିତ ହୋଇଛନ୍ତି। ଏ କ୍ଷେତ୍ରରେ ସେ ଆନ୍ଦ୍ରେଇ ଶେଭଚେଙ୍କୋ(୬୮ ଗେମ୍) ଏବଂ ବ୍ରାଜିଲର ରୋନାଲ୍ଡୋ(୭୦ ଗେମ୍)ଙ୍କୁ ପଛରେ ପକାଇ ଦେଇଛନ୍ତି। ୧୯୫୨ ପରେ କ୍ରିଷ୍ଟିଆନୋ ପ୍ରଥମ ଜୁଭେଣ୍ଟସ ଖେଳାଳିଭାବେ ଗୋଟିଏ ସିରି ଏ ସିଜନରେ ୩୦ ଗୋଲ ସ୍କୋର କରିବାର ସୌଭାଗ୍ୟ ପାଇଛନ୍ତି।



# ଦଳକୁ ଫେରିଲେ ଆର୍ଚର

**ମାଞ୍ଚେଷ୍ଟର, ୨୧।୭ (ଏପି):** କରୋନା ଭାଇରସ୍ ପାଇଁ ଦ୍ୱିତୀୟ ଟେଷ୍ଟରେ ନେଗେଟିଭ୍ ଆସିବାପରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ ଯୋଗ ଦେଇଛନ୍ତି। ଗତ ସପ୍ତାହରେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ହୋଭ୍‌ସ୍ଥିତ ନିଜ ଘରକୁ ଚାଲିଯାଇଥିଲେ। ଏହାଦ୍ୱାରା ସେ ଜୈବସୁରକ୍ଷିତ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କୁ ଦ୍ୱିତୀୟ ଟେଷ୍ଟ ପାଇଁ ଦଳରୁ ବାଦ୍ ଦିଆଯାଇଥିଲା। ଶୃଙ୍ଖଳା କମିଟି ଆର୍ଚରଙ୍କୁ ୧୫,୦୦୦ ପାଉଣ୍ଡ (୧୯,୦୦୦ ଆମେରିକୀୟ ଡଲାର) ଜରିମାନା କରିଛି। ଦଳରେ ଯୋଗଦାନ ପୂର୍ବରୁ ଏହି ଫାଷ୍ଟ ବୋଲରଙ୍କୁ ଓଲ୍ଡ ଟ୍ରାଫୋର୍ଡସ୍ଥିତ ଏକ ହୋଟେଲରେ ୫ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ସାଉଥାମ୍ପଟନ ଓ ମାଞ୍ଚେଷ୍ଟର ମଧ୍ୟରେ ଯାତ୍ରା ବେଳେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ଆର୍ଚରଙ୍କ କରୋନା ଟେଷ୍ଟ ଜରୁରୀ ଥିଲା।

# ‘ୟୁଏଇରେ ଆଇପିଏଲ୍ ସମ୍ଭାବନା’

**ନୂଆଦିଲ୍ଲୀ, ୨୧।୭ (ପି.ଟି.):** ଚଳିତବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ସମ୍ଭାବନା ଅଧିକ ବୋଲି କହିଛନ୍ତି ଏହି ଟି୨୦ ଟୁର୍ନାମେଣ୍ଟର ଗଭର୍ନିଂ କାଉନ୍‌ସିଲ ଚେୟାରମ୍ୟାନ ବ୍ରିଜେଶ ପଟେଲ। ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଗଭର୍ନିଂ କାଉନ୍‌ସିଲ ବୈଠକ ବସିବ। ଏଥିରେ ଆଇପିଏଲ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। କୋଭିଡ୍-୧୯ ମହାମାରୀ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଅଷ୍ଟ୍ରେଲିଆରେ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନେଇଛି। ପଟେଲ କହିଛନ୍ତି, ବର୍ତ୍ତମାନ ଯାହା ଯୋଜନା ରହିଛି ୬୦ଟି ଗେମ୍ ସହ ଆଇପିଏଲ ପୂରାମାତ୍ରାରେ ଆୟୋଜନ କାର୍ଯ୍ୟକ୍ରମ ରହିଛି। ସାକ୍ଷାତ୍‌କାର ବେଳେ ସେ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ କୌଣସି ଇଭେଣ୍ଟ ଆୟୋଜନ କରିବା ନିହାତି ଏକ ବଡ଼ ଚ୍ୟାଲେଞ୍ଜ। ହେଲେ ନିଜ ଦେଶ ହେଉ ଅବା ବିଦେଶରେ ବିନା ଦର୍ଶକରେ ଯଦି ଟୁର୍ନାମେଣ୍ଟ ଆୟୋଜନ କରାଯାଏ ତେବେ ସେତେଟା ସମସ୍ୟା ରହିବ ନାହିଁ। ଏପରିକି ଆଇସିସିର ଘୋଷଣା ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଆଇପିଏଲ ପାଇଁ ସେମାନଙ୍କ ଯୋଜନା ଅନୁସାରେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ମହାମାରୀ ଯୋଗୁ ଅଧିକାଂଶ ଭାରତୀୟ ଖେଳାଳି ପଡ଼ିଆର ସୁବିଧା ପାଉ ନାହାନ୍ତି। ମ୍ୟାଚ୍ ଲାଗି ପ୍ରସ୍ତୁତି ସକାଶେ ସେମାନଙ୍କୁ ଅତି କମ୍‌ରେ ୩ରୁ ୪ ସପ୍ତାହ ସମୟ ଦରକାର। ବିଦେଶୀ ଖେଳାଳିମାନେ ସେମାନଙ୍କ ଦେଶରୁ ସିଧାସଳଖ ଯାଇ ୟୁଏଇରେ ପହଞ୍ଚିବେ। ବିସିସିଆଇ ତାରିଖ ଧାର୍ଯ୍ୟ କରିବା ପରେ ଆମେ ଆମର ସମସ୍ତ ଯୋଜନା ଚୂଡ଼ାନ୍ତ କରିବୁ ବୋଲି ପଟେଲ କହିଛନ୍ତି। ଅନ୍ୟପକ୍ଷରେ ଆଇପିଏଲ ପରେ ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ଭାରତ। ଏଥିପାଇଁ ଟେଷ୍ଟ ଖେଳାଳିଙ୍କ ଟ୍ରେନିଂ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ହନୁମା ବିହାରୀଙ୍କ ଭଳି ଖେଳାଳି ଆଇପିଏଲ୍‌ରେ ଭାଗ ନେବେ ନାହିଁ। ଆଇପିଏଲ୍ ବେଳେ ସିରିଜ ପାଇଁ ସେମାନେ ନବୀକରଣ କରାଯାଇଥିବା ଅହମ୍ମଦାବାଦର ମୋଟେରା ଷ୍ଟାଡିୟମରେ ଜୈବ ସୁରକ୍ଷିତ ପରିବେଶ ମଧ୍ୟରେ ଟ୍ରେନିଂ ନେବେ। ଭାରତୀୟ ଟିମ୍‌ର ସପୋର୍ଟ ଷ୍ଟାଫ୍‌ଙ୍କ ସହ ଆଇ କେତେଜଣ ଖେଳାଳି ମୋଟେରାରେ ସେମାନଙ୍କ ସହିତ ଟ୍ରେନିଂ ନେବେ।


ବ୍ରିଜେଶ ପଟେଲ

# ଟି୨୦ ବିଶ୍ୱକପ୍ ଟିକେଟ୍‌ର ବୈଧତା ରହିବ: ଆଇସିସି

**ଦୁବାଇ,୨୧।୭(ପି.ଟି.):** କୋଭିଡ୍ -୧୯ ମହାମାରୀ କାରଣରୁ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ବାତିଲ କରାଯାଇଛି। ତେବେ ଏହି ମେଗା ଇଭେଣ୍ଟ ଦେଖିବାକୁ ପ୍ରଶଂସକମାନେ କ୍ରୟ କରିଥିବା ଟିକେଟ୍‌ର ବୈଧତା ବଜାୟ ରହିବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତରଫରୁ କୁହାଯାଇଛି। ଯଦି ୨୦୨୧ ବିଶ୍ୱକପ୍ ଭାରତ ବଦଳରେ ଅଷ୍ଟ୍ରେଲିଆରେ ଆୟୋଜନ ହୁଏ ତା'ହେଲେ ଏହି ଟିକେଟ୍‌ର ବୈଧତା ରହିବ ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ପୁଣି ଯଦି ଏହି ଇଭେଣ୍ଟକୁ ୨୦୨୨କୁ ଘୁଞ୍ଚାଇ ଦିଆଯାଏ ତା'ହେଲେ ଟିକେଟ କ୍ରୟ କରିଥିବା ପ୍ରଶଂସକମାନେ ସେମାନଙ୍କ ପୂରା ଅର୍ଥ ଫେରିପାଇବେ ବୋଲି ଆଇସିସି ତା'ର ୱେବ୍‌ସାଇଟ୍‌ରେ ସୋମବାର ଉଲ୍ଲେଖ କରିଛି। ଟି୨୦ ବିଶ୍ୱକପ୍‌କୁ ଘୁଞ୍ଚାଇଦିଆଯିବା ପରେ ଆଇସିସି ଏହି ନିଷ୍ପତ୍ତି ନେଇଛି। ଏହି ମେଗା ଇଭେଣ୍ଟ ଆସନ୍ତା ଅକ୍ଟୋବର- ନଭେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ମହାମାରୀ ବ୍ୟାପିବା କାରଣରୁ ଏହାକୁ ପରେ ଆୟୋଜନ କରାଯିବ ବୋଲି କୁହାଯାଇଛି।

# କ୍ୱାରାଣ୍ଟାଇନ୍‌ରେ ରହିବେ ଭାରତୀୟ ଖେଳାଳି

**ମେଲବୋର୍ନ,୨୧।୭(ପି.ଟି.):** ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଖେଳାଳିମାନଙ୍କୁ ୨ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡିବ। ଭାରତ ଆଡିଲେଡ୍‌ରେ ପହଞ୍ଚିବା ପରେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟବର୍ତ୍ତିକାଳୀନ ମୁଖ୍ୟ ନିକ୍ ହୋକ୍‌ଲି କହିଛନ୍ତି। ଚଳିତବର୍ଷ ଶେଷ ଆଡକୁ ଭାରତ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି କିନ୍ତୁ ପୂର୍ବରୁ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇଥିଲେ। ଭାରତୀୟ ଖେଳାଳି ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ନାହିଁ ବୋଲି ଗାଙ୍ଗୁଲି କହିଥିଲେ। ଏହି ନିୟମ ସପକ୍ଷରେ ସେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଥିଲେ। ସବୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ କ୍ୱାରାଣ୍ଟାଇନ୍ ନିୟମ ମଧ୍ୟରେ ଟ୍ରେନିଂ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରାଯିବ ହୋକ୍‌ଲି କହିଛନ୍ତି।

# ସହିଦ ସ୍ପୋର୍ଟିଂ, ଜୁଡୋ ଆସୋସିଏଶନର ଶୋକ

**ଭୁବନେଶ୍ୱର, ୨୧।୭(ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରିୟବ୍ରତ ପଟ୍ଟନାୟକଙ୍କ ବିୟୋଗରେ ସହିଦ ସ୍ପୋର୍ଟିଂ କ୍ଲବ ଏବଂ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରିୟବ୍ରତ ପୂର୍ବରୁ ସହିଦ ସ୍ପୋର୍ଟିଂ ଏବଂ ଜୁଡୋ ଆସୋସିଏଶନର ସଭାପତି ଦାୟିତ୍ୱ ସମ୍ପାଦନ କରିଥିଲେ। ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇ ୨ ମିନିଟ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ